ଆଜି - ବୁଧବାର
ତାରିଖ - ୦୮ ଅପ୍ରେଲ ୨୦୨୬
ମାସ - ମୀନ, ଦିନ - ୨୫
ତିଥି - ଷଷ୍ଠୀ, ପକ୍ଷ-କୃଷ୍ଣ
ନକ୍ଷତ୍ର - ଜ୍ୟେଷ୍ଠା ମଳ, ବିଛା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୮: ୦୦
ସୂର୍ଯ୍ୟାସ୍ତ - ୫ : ୫୯ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition **AJIKALI** ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com

Vol.- 40 ISSUE- 354 R.N.I. REGD. No. 44026/86 ବାଲେଶ୍ୱର ୦୮ ଅପ୍ରେଲ ୨୦୨୬ ବୁଧବାର BALASORE 08 APRIL 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

"ଜଣେ ମହାନ ସନ୍ଥଙ୍କର ଯେମିତି ଅତୀତଟିଏ ଥାଏ, ଠିକ୍ ସେମିତି ଜଣେ ସବୁଠୁ ବଡ଼ ପାପୀର ମଧ୍ୟ ଭବିଷ୍ୟତ ଥାଏ ।"

– ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ

# ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୧ ତାରିଖରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ । ରାଷ୍ଟ୍ରପତି ଝାରସୁଗୁଡ଼ା ଓ



ରାଇରଙ୍ଗପୁରରେ ଦୁଇଟି କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାପଡ଼ିଛି । ଓଡ଼ିଶା ପୁଲିସର ପ୍ରସ୍ତାବିତ ରାଇରଙ୍ଗପୁର ପୁଲିସ ଜିଲ୍ଲାକୁ ରାଷ୍ଟ୍ରପତି ଶୁଭାରମ୍ଭ କରିବା ସହିତ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବେ । ସେହିପରି ଓଡ଼ିଶା ପୁଲିସକୁ ନୂତନ ଭାବେ ମିଳିଥିବା 'ରାଷ୍ଟ୍ରପତି ପୁଲିସ କଲର ସମ୍ମାନ'କୁ ମହାମହିମ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତକୁ ନେଇ ପୁଲିସ ଡିଜିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଥିଲା । ଏହି ବୈଠକରେ ପୁଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଯେଉଁ ବୈଠକରେ କ୍ରାଇମବ୍ରାଂଚ ଡିଜି ବିନୟତୋଷ ମିଶ୍ର,ଏଡିଜି ଆଇନଶୃଙ୍ଖଳା ସଞ୍ଜୟ କୁମାର, ଏଡିଜି ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି କମିଶନର ଦୟାଲ ଗ୍ୟାଙ୍ଗୱାର, ଏଡିଜି ପୋଲିସ ହାଉସିଂ କର୍ପୋରେସନ ଅଧ୍ୟକ୍ଷ, ଆଂଟ-ନକ୍ସଲ ଅପରେସନର ଏଡିଜି ସଂଜୀବ ପଣ୍ଡା, ଏଡିଜି ଏସ୍‌ଏପି ରାଜେଶ କୁମାର, ଏଡିଜି ଓଉଇଡ ଏସ୍ ସାଇନି, ଏଚ୍‌ଆର୍ପିସି ଯତୀନ୍ଦ୍ର କୋଏଲ, ପୁଲିସ କମିଶନର ଦେବ ଦତ ସିଂ, ଏଡିଜି ମୁଖ୍ୟାଳୟ ପ୍ରତୀକ ମହାନ୍ତି, ଆଇଜି ପ୍ରବୀଣ କୁମାର, ଆଇଜି କ୍ରାଇମବ୍ରାଂଚ ସାର୍ଥକ ଷଡଙ୍ଗୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଗତ ୧ ତାରିଖରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ଓଡ଼ିଶା ପୁଲିସର 'ରାଷ୍ଟ୍ରପତି ପୁଲିସ କଲର ସମ୍ମାନ' ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା ।

# ଏକ ଶକ୍ତିଶାଳୀ ଓ ସଶକ୍ତ ରାଷ୍ଟ୍ର ପାଇଁ ସୁସ୍ଥ ନାଗରିକ ଅତ୍ୟନ୍ତ ଆବଶ୍ୟକ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ସୁସ୍ଥ ସମାଜ ଗଠନ ପ୍ରତି ନିଜ ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛନ୍ତି । ସେ ସମସ୍ତ ବ୍ୟକ୍ତିଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇଛନ୍ତି, ଯେଉଁମାନେ ଅନ୍ୟମାନଙ୍କ ସେବାରେ ଅଥକ ପରିଶ୍ରମ କରୁଛନ୍ତି ଏବଂ ଏକ ସୁସ୍ଥ ପୃଥିବୀ ପାଇଁ କାମ କରୁଛନ୍ତି । ସେ କହିଛନ୍ତି ଯେ, ଏକ ଶକ୍ତିଶାଳୀ ଓ ସଶକ୍ତ ରାଷ୍ଟ୍ର ପାଇଁ ସ୍ୱସ୍ଥ ନାଗରିକ ଅତ୍ୟନ୍ତ ଆବଶ୍ୟକ । ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଏହି ଦିଗରେ ସାମୁହିକ ପ୍ରୟାସ କରିବାକୁ ଆହ୍ୱାନ କରିଛନ୍ତି । ସେ ପ୍ରତ୍ୟେକ ବ୍ୟକ୍ତିଙ୍କ କଲ୍ୟାଣକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ କହି ଦେଶକୁ ସୁସ୍ଥ କରିବା ପାଇଁ ସମସ୍ତ ସ୍ତରରେ ନିରନ୍ତର କାମ କରିବାର ଆବଶ୍ୟକତା ଉଲ୍ଲେଖ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଏକ୍ସ ବାର୍ତାରେ ନାଗରିକମାନଙ୍କୁ ଶାରୀରିକ ଭାବେ ସକ୍ରିୟ ରହିବାକୁ ପ୍ରେରିତ କରିଛନ୍ତି । ସେ ସମସ୍ତଙ୍କ ଉତମ ସ୍ୱାସ୍ଥ୍ୟର କାମନା କରି କହିଛନ୍ତି ଯେ, ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସମ୍ଭବ ସମସ୍ତ ପ୍ରୟାସ କରିବା ଉଚିତ । ଏହି ଅବସରରେ ସେ ଶାରୀରିକ ବ୍ୟାୟାମର ଗୁରୁତ୍ୱ ଦର୍ଶାଉଥିବା ଏକ ସଂସ୍କୃତ ସୁଭାଷିତ ମଧ୍ୟ ସେୟାର କରିଥିଲେ— "ଲଘୁଂ କର୍ମସାମର୍ଥ୍ୟଂ ଦୀପ୍ତୋ ?ଗ୍ନିର୍ମେଦସଃ କ୍ଷୟଃ । ବିଭକ୍ତଘନଗାତ୍ରତ୍ୱଂ ବ୍ୟାୟାମଦୁପଜାୟତେ" ପ୍ରଧାନମନ୍ତ୍ରୀ ଏହି ଶ୍ଳୋକ ମାଧ୍ୟମରେ କହିଛନ୍ତି ଯେ, ନିୟମିତ ବ୍ୟାୟାମ କରିଲେ କାର୍ଯ୍ୟକ୍ଷମତା ବଢ଼େ, ପାଚନ କ୍ରିୟା ଭଲ ହୁଏ, ମୋଟାପଣ କମେ ଏବଂ ଶରୀର ଶକ୍ତିଶାଳୀ ଓ ସୁଢଳ ହୁଏ ।

# 'ଆମେ ଜାଣିବା, ଆମ ବଜେଟ' କର୍ମଶାଳାରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ବଜେଟ କେବଳ ଆୟ-ବ୍ୟୟର ତାଲିକା ନୁହେଁ, ବରଂ ଏହା ଓଡ଼ିଶାର ସମଗ୍ର ଉନ୍ନତି ସହ ପ୍ରତ୍ୟେକ ନାଗରିକଙ୍କ ସ୍ୱପ୍ନ ପୂରଣର ଏକ ସୁଦୃଢ଼ ରୋଡମ୍ୟାପ୍ ବୋଲି ରାଜ୍ୟ ସ୍ତରୀୟ ବଜେଟ ସଚେତନତା କର୍ମଶାଳା 'ଆମେ ଜାଣିବା, ଆମ ବଜେଟ' ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଲୋକସେବା ଭବନ କନଭେନ୍‌ସନ୍ ସେଂଟରରେ ଆୟୋଜିତ ଏହି କର୍ମଶାଳାରେ ସେ କହିଥିଲେ ଯେ, ଦେଶର ଭିଜନ୍ ସହିତ ତାଳ ମିଳାଇ ଆମ ସରକାର ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟକୁ ୧.୮ ଲକ୍ଷ ଟଙ୍କାରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଜୀବନଧାରଣର ମାନରେ ଉନ୍ନତି ଆଣିବା, ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ ହ୍ରାସ କରିବା, ମହିଳା ଶ୍ରମିକଙ୍କ ଅଂଶଗ୍ରହଣକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା, ହାରାହାରି ଆୟୁଷକୁ ୮୦ ବର୍ଷରୁ ଅଧିକ କରିବା ଏବଂ ରକ୍ତହୀନତା ଓ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ରାଜ୍ୟର ଦୀର୍ଘମିଆଦୀ ଭିଜନ୍ ସହ ସମନ୍ୱିତ ହୋଇ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ମୂଳ ଭିତିକୁ ସୁଦୃଢ଼ କରିବ । ଚଳିତ ବଜେଟ୍ ?ରେ କାର୍ଯ୍ୟକ୍ରମ ଓ ଯୋଜନା ମିଶି ୩୧ଟି ନୂଆ ପଦକ୍ଷେପ ନିଆଯାଇଛି । ଏହି



ବଜେଟ୍‌ରେ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ପୁଞ୍ଜି ବ୍ୟୟକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଚଳିତ ବର୍ଷର ବଜେଟ, ବିଗତ ବର୍ଷର ବଜେଟ ଅଟକଳ ଠାରୁ ୭ ପ୍ରତିଶତ ଅଧିକ । ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାରର ଅର୍ଥନୀତିରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ, ଏହା ଅସମ୍ଭବ ଲାଗୁଥିଲେ ମଧ୍ୟ ଅସମ୍ଭବକୁ ସମ୍ଭବ କରିବାର ସାମର୍ଥ୍ୟ ଓଡ଼ିଆମାନଙ୍କ ପାଖରେ ଅଛି ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରେ ଏହା ନିଶ୍ଚିନ୍ତ ରୂପେ ସମ୍ଭବ ହେବ । ସେ କହିଥିଲେ ଯେ, ଏହି ବଜେଟ୍‌ରେ ଭିତିଭୂମି, ଶିଳ୍ପ, ପର୍ଯ୍ୟଟନ, କୃଷି, ନ । ର 1 ସଶକ୍ତିକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଆଯାଇଛି । ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର (BCPPER), ଜାତୀୟ ଜଳପଥ-୫, ଏବଂ ବିଭିନ୍ନ ନୂତନ କରିଡର ଓ ପୋର୍ଟ ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାକୁ ଏକ ଶକ୍ତିଶାଳୀ ଲଜିଷ୍ଟିକ୍ସ ହବ୍ ?ରେ ପରିଣତ କରାଯିବ । ପୁରୀରେ ଶାମୁକା ପ୍ରକଳ୍ପ ଏବଂ ଚିଲିକା ପୁନରୁଦ୍ଧାର ଯୋଜନା ରାଜ୍ୟର ପର୍ଯ୍ୟଟନକୁ ନୂତନ ଦିଗ ଦେବ ବୋଲି ସେ ଉଲ୍ଲେଖ କରିଥିଲେ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଏହି ବଜେଟ୍ ?ରେ ଗ୍ରାମୀଣ ଉନ୍ନୟନ, ରୋଜଗାର ସୃଷ୍ଟି ଓ ଦାଦନ ସମସ୍ୟାର ସମାଧାନ ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି । ମହିଳାଙ୍କ ପାଇଁ ବିଶେଷ ବ୍ୟୟବରାଦ ସହିତ 'ସୁଭଦ୍ରା' ଯୋଜନା, 'ଲକ୍ଷପତି ଦିଦି' ଏବଂ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ' ଭଳି ପଦକ୍ଷେପ ନାରୀ ସଶକ୍ତିକରଣକୁ ଆହୁରି ଶକ୍ତିଶାଳୀ କରିବ । ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ନୂତନ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ଓ ଓଉଟ ସୁବିଧା ସୃଷ୍ଟି ମାଧ୍ୟମରେ ସାଧାରଣ ଲୋକଙ୍କୁ ଉତମ ସେବା ଯୋଗାଇ ଦିଆଯିବ । ସେ କହିଥିଲେ ଯେ, ଆସନ୍ତା ୧ରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସ୍ତରରେ "ଆମେ ଜାଣିବା, ଆମ ବଜେଟ" କାର୍ଯ୍ୟକ୍ରମ ଆୟୋଜିତ ହୋଇ ବଜେଟର ବିଭିନ୍ନ ପାର୍ଶ୍ୱକୁ ସରଳ ଭାଷାରେ ଲୋକଙ୍କ ନିକଟକୁ ପହଂଚାଯିବ । ସେ ଜନସାଧାରଣଙ୍କୁ ଏହି ପ୍ରକ୍ରିୟାରେ ସକ୍ରିୟ ଭାଗ ନେଇ ତାଙ୍କର ମତାମତ ପ୍ରଦାନ କରିବାକୁ ଆହ୍ୱାନ କରିଥିଲେ । ଶେଷରେ, ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ବଜେଟ୍ ଓଡ଼ିଶାର ସ୍ୱାଭିମାନ ଓ ସମୃଦ୍ଧିର ଏକ ଶକ୍ତିଶାଳୀ ପ୍ରତିବିମ୍ବ ଅଟେ ଏବଂ ସମସ୍ତଙ୍କ ସହଯୋଗରେ ଓଡ଼ିଶାକୁ ଦେଶର ଅର୍ଥନୀତିର ଏକ ପ୍ରମୁଖ ଶକ୍ତିକେନ୍ଦ୍ରରେ ପରିଣତ କରାଯିବ ।

## ଅଳ୍ପରେ ଖବର

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଶ୍ରୀ ଗୁରୁ ତେଗ ବହାଦୁରଙ୍କ ପ୍ରକାଶ ପର୍ବ ଅବସରରେ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ ଏହି ମହାନ ଆଧାତ୍ମିକ ବ୍ୟକ୍ତିତ୍ୱଙ୍କୁ ଆମ ସଭ୍ୟତାର ପ୍ରେରଣାସ୍ରୋତ ବୋଲି କହି ତାଙ୍କର ଆଦର୍ଶମାନଙ୍କୁ ସ୍ମରଣ କରିଛନ୍ତି ।
- ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଭାରତର ପରମାଣୁ ଉର୍ଜା କ୍ଷେତ୍ରରେ ହୋଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଗତିକୁ ପ୍ରଶଂସା କରି ଏହାକୁ ଐତିହାସିକ ଉପଲବ୍ଧି ବୋଲି କହିଛନ୍ତି । ସୋସିଆଲ୍ ମିଡିଆରେ ନିଜ ବାର୍ତାରେ ସେ ଏହି ସଫଳତାର ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱକୁ ଦେଇଛନ୍ତି ।
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରକଳ୍ପର କଳେବର ସମ୍ପର୍କରେ ମଙ୍ଗଳବାର ଲୋକସେବା ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପାଇଁ ଜାଗା ନିରୁପଣ, ବିଦ୍ୟାଳୟ ବିଲ୍‌ଡିଂର ଢାଂଚା ସମେତ ଖେଳ ପଡିଆ ନିର୍ମାଣ, ମଲ୍ଟି ପର୍ପଜ ହଲ ନିର୍ମାଣ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା ।

# 'ତୃଣମୂଳ ଶାସନ ପାଇଁ ଦକ୍ଷତା ବିକାଶର ପୁନଃକଳ୍ପନା' କର୍ମଶାଳାରେ ଯୋଗଦେଲେ ମନ୍ତ୍ରୀ ରବି ନାରାୟଣ ନାଏକ

ଭୁବନେଶ୍ୱର : ସାରା ଦେଶରେ ପାଳିତ ହେଉଥିବା 'ସାଧନା ସପ୍ତାହ' ଅଭିଯାନର ଅଂଶସ୍ୱରୂପ ଆଜି ଭୁବନେଶ୍ୱର କୃଷିଭବନଠାରେ "ତୃଣମୂଳ ଶାସନ ପାଇଁ ଦକ୍ଷତା ବିକାଶର ପୁନଃକଳ୍ପନା" ଶୀର୍ଷକ ଏକ କର୍ମଶାଳା ସଫଳତାର ସହ ଆୟୋଜିତ ହୋଇଯାଇଛି । କ୍ୟାପାସିଟି ବିଲଡିଂ କମିଶନ (ସିବିସି), କର୍ମଚାରୀ ଚୟନ ଓ ପ୍ରଶିକ୍ଷଣ ବିଭାଗ, କର୍ମଯୋଗୀ ଭାରତ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ "ପ୍ରଯୁକ୍ତିବିଦ୍ୟା, ପରମ୍ପରା ଏବଂ ବାସ୍ତବ ପରିଣାମ" ଆଧାରରେ ତୃଣମୂଳ ସ୍ତରର ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଆଲୋଚନା କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ କହିଛନ୍ତି ଯେ, ସାମଗ୍ରିକ ଓ ସ୍ଥାୟୀ ବିକାଶ ପାଇଁ ଶକ୍ତିଶାଳୀ ପଂଚାୟତ ହେଉଛି ମୂଳଦୁଆ । ପଂଚାୟତିରାଜ



ପ୍ରତିନିଧିମାନଙ୍କୁ ସଶକ୍ତ କରିବା ପାଇଁ ଏକ ନିରନ୍ତର ଓ ଦକ୍ଷତା ଭିତିକ ପ୍ରଶିକ୍ଷଣ ବ୍ୟବସ୍ଥାର ଆବଶ୍ୟକତା ରହିଛି । କର୍ମଯୋଗୀ ସରକାରୀ ଅଧିକାରୀଙ୍କ ସହାୟତାରେ ପଂଚାୟତ ସ୍ତରରେ ବ୍ୟାପକ ପରିବର୍ତନ ଆଣିବା ପାଇଁ ସେ ସଂକଳ୍ପବଦ୍ଧ ବୋଲି ପ୍ରକାଶ କରିଥିଲେ । କାପାସିଟି ବିଲଡିଂ କମିଶନର ସଦସ୍ୟ (ଏଚଆର) ଡଃ ଆର. ବାଲାସୁବ୍ରମଣ୍ୟମ 'ମିଶନ କର୍ମଯୋଗୀ'ର ପରିକଳ୍ପନା ଏବଂ ସରକାରୀ କ୍ଷେତ୍ରରେ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ସିବିସିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସେ ଶାସନ ବ୍ୟବସ୍ଥାକୁ 'ନିୟମ-ଭିତିକ'ରୁ 'ଭୂମିକା-ଭିତିକ'କୁ ପରିବର୍ତନ କରିବା ଏବଂ ନାଗରିକ-କୈନ୍ଦ୍ରିକ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଭାରତ ସରକାରଙ୍କ ପଂଚାୟତିରାଜ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀ ରାଜେଶ କୁମାର ସିଂ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-ତଥା - ସଚିବ ଶ୍ରୀ ଗିରିଶ ଏସ୍.ଏନ୍, ଏସଆଇଆରଡି ନିର୍ଦ୍ଦେଶିକା ଶ୍ରୀମତୀ ମଧୁସ୍ମିତା ସାମଲଙ୍କ ସହ ଓଡ଼ିଶା ପଂଚାୟତିରାଜ ବିଭାଗର ଅନ୍ୟାନ୍ୟ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ । ଏହି କର୍ମଶାଳାରେ "ବିକଶିତ ପଂଚାୟତ କର୍ମଯୋଗୀ" ଅଭିଯାନ ଉପରେ ସବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ପଂଚାୟତିରାଜ କର୍ମଚାରୀଙ୍କ ପାଇଁ ଏକ କୃତ୍ରିମ ପ୍ରଜ୍ଞା-ଆଧାରିତ (ଇଓ ଭବସ୍ୱରୟ) 'ବିକଶିତ ପଂଚାୟତ' ହ୍ୱାଟସଆପ୍ ଚାଟବଟ୍ ଏବଂ ସ୍ୱତନ୍ତ୍ର ଇ-ଲର୍ନିଂ ମଡ୍ୟୁଲ ଉନ୍ମୋଚିତ ହୋଇଛି । ଆଇଗଟ କର୍ମଯୋଗୀ ପ୍ଲାଟଫର୍ମ ମାଧ୍ୟମରେ ଏହି ସୁବିଧା ଉପଲବ୍ଧ ହେବ, ଯାହା ଗ୍ରାମ ପଂଚାୟତ ପ୍ରତିନିଧିମାନଙ୍କୁ ବୈଷୟିକ ଜ୍ଞାନକୌଶଳ ଏବଂ ସମସ୍ୟାର ତୁରନ୍ତ ସମାଧାନ କ୍ଷେତ୍ରରେ ସାହାଯ୍ୟ କରିବ ।

# ବିଭିନ୍ନ ଜିଲ୍ଲାର ବ୍ୟବସାୟୀ ସଂଘ ପ୍ରତିନିଧିମାନଙ୍କ ବୈଠକରେ ଯୋଗଦେଲେ ମନ୍ତ୍ରୀ

ଭୁବନେଶ୍ୱର: ରାଜ୍ୟରେ ସବୁ ସମୟରେ ଖାଉଟିମାନଙ୍କ ପାଇଁ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ କରାଇବା ଓ ଯୋଗାଣ ଶୃଙ୍ଖଳକୁ ଅବ୍ୟାହତ ରଖିବା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାର ବ୍ୟବସାୟୀ ସଂଘର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଛି । ରାଜ୍ୟ ଯୋଗାଣ ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତା କରିଥିଲେ । ଏଥିରେ ବିଭିନ୍ନ ଜିଲ୍ଲାର ବ୍ୟବସାୟୀ ସଂଘର ପ୍ରତିନିଧି ମାନେ ଯୋଗ ଦେଇଥିଲେ । ବିଭିନ୍ନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧି ନିୟନ୍ତ୍ରଣ, ଖାଦ୍ୟ ସାମଗ୍ରୀର ବଜାର ଉପଲବ୍ଧତା, ସାମଗ୍ରୀର ଅନାବଶ୍ୟକ ମହଜୁଦ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଛି । ଏଥିନିମନ୍ତେ



ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିନିଧି ମାନେ ପ୍ରତିଶ୍ରୁତି ଦେଇଥିଲେ । ଏଥିସହ ବ୍ୟବସାୟୀ ଓ ଖାଉଟି ମାନଙ୍କ ସ୍ୱାର୍ଥ ରକ୍ଷା ଦିଗରେ ସରକାରଙ୍କ ସହ ସମନ୍ୱୟ ରଖିବା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି । ଏତଦବ୍ୟତୀତ ପ୍ରତି ଜିଲ୍ଲାରେ ପରିବା ମଣ୍ଡି ପ୍ରତିଷ୍ଠା, ସ୍ୱତନ୍ତ୍ର ବ୍ୟବସାୟିକ ପେଣ୍ଠସ୍ଥଳୀ ନିର୍ମାଣ ଉପରେ ପ୍ରତିନିଧି ମାନଙ୍କ ଦାବିକୁ ଗୁରୁତର ଭାବେ ଗ୍ରହଣ କରି ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରତିଶ୍ରୁତି ଦେଇଥିଲେ । ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ମାନଙ୍କ ସହ ଏ ଦିଗରେ ଆଲୋଚନା କରାଯିବ ବୋଲି ମନ୍ତ୍ରୀ କହିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ପୁରନ୍ଦର ଧରୁଆ,ବିପଣୀ ଗୁପ୍ତବାର୍ତା ଉପନିର୍ଦ୍ଦେଶକ ଦୀପକ ଶତପଥୀ,ରାଜ୍ୟର ବିଭିନ୍ନ ବ୍ୟବସାୟୀ ସଂଘର ପ୍ରତିନିଧି ସୁଧାକର ପଣ୍ଡା, ଶକ୍ତିଶଙ୍କର ମିଶ୍ର, କବିରାଜ ସ୍ୱାଇଁଙ୍କ ସମେତ କଟକ, ବାଲେଶ୍ୱର, ଗଞ୍ଜାମ ତଥା ବଲାଙ୍ଗୀର ଆଦି ଜିଲ୍ଲାର ବ୍ୟବସାୟୀ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ପାଣିପାଗ ବିଭାଗର ସତର୍କ ସୂଚନା, ଏପ୍ରିଲ ୧୦ ପର୍ଯ୍ୟନ୍ତ କାଳବୈଶାଖୀ

ଭୁବନେଶ୍ୱର : ସମୁଦ୍ର ପତନଠାରୁ ୦.୯ କି.ମି. ଉଚ୍ଚରେ ଓଡ଼ିଶା ଏବଂ



ପଡ଼ୋଶୀ ରାଜ୍ୟ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏଥିସହ ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶର ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସମୁଦ୍ର ପତନଠାରୁ ୧.୫ କି.ମି. ଉଚ୍ଚରେ ଆଉ ଏକ ଘୂର୍ଣ୍ଣିବଳୟ ଜାରି ରହିଛି । ଏହା ପ୍ରଭାବରେ ରାଜ୍ୟରେ କାଳବୈଶାଖୀ ଜାରି ରହିଛି । ଆଗାମୀ ୪ ଦିନ ଅର୍ଥାତ୍ ଏପ୍ରିଲ ୧୦ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ଲାଗିରହିବ ବୋଲି ଆଂଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ମଙ୍ଗଳବାର ରାଜ୍ୟର ୭ ଜିଲା କେନ୍ଦ୍ରାପଡ଼ା, ଜଗତ୍ ?ସିଂହପୁର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କଟକକୁ ଘଡ଼ଘଡ଼ି ସହିତ ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ନିଂ ଦିଆଯାଇଛି । ବର୍ଷା ସମୟରେ ପବନର ବେଗ ୫୦ରୁ ୬୦ କି.ମି. ରହିବ । ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ବରଗଡ଼ ଏବଂ କେନ୍ଦୁଝର ଜିଲାକୁ ଘଡ଼ଘଡ଼ି ସହିତ ବର୍ଷା ଓ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି । ଏହାବାଦ୍ ରାଜ୍ୟର ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବ ବୋଲି ସୂଚନା ଦିଆଯାଇଛି । କାଳବୈଶାଖୀ ପ୍ରଭାବରେ ସୋମବାର ରାଜଧାନୀ ଭୁବନେଶ୍ୱରରେ ବର୍ଷା ଓ ପବନ ହୋଇଥିଲା । ସେହିପରି ନୟାଗଡ଼ ଜିଲା ଦଶପଲ୍ଲା, ବଲାଙ୍ଗୀର ଜିଲା ପାଟଣାଗଡ଼, କଟକ ଜିଲାର ଆଠଗଡ଼, କଳାହାଣ୍ଡି ଜିଲାର ଧର୍ମଗଡ ସମେତ ବିଭିନ୍ନ ସ୍ଥାନରେ ପ୍ରବଳ ଝଡ଼ତୋଫାନ ସହିତ କିଛି ସ୍ଥାନରେ କୁଆପଥର ମାଡ଼ ହୋଇଥିବା ସୂଚନା ମିଳିଛି ।

# ଅମୃତ ୨.୦ କାର୍ଯ୍ୟକାରିତାରେ ଦେଶରେ ଓଡ଼ିଶାକୁ ପ୍ରଥମ ସ୍ଥାନ

ଭୁବନେଶ୍ୱର : ସହରାଂଚଳ ବିକାଶ କ୍ଷେତ୍ରରେ ଓଡ଼ିଶା ଆଉ ଏକ ଗୌରବମୟ ସଫଳତା ହାସଲ କରିଛି । 'ଅଟଳ ମିଶନ ଫର ରିଜୁଭେନେସନ ଆଣ୍ଡ ଅର୍ବାନ ଟ୍ରାନ୍ସଫର୍ମେସନ' (ଅମୃତ) ୨.୦ ର ସଫଳ କାର୍ଯ୍ୟକାରିତାରେ ସମଗ୍ର ଦେଶରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରି ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି । ସହରାଂଚଳର ପ୍ରତିଟି ପରିବାରକୁ ପାନୀୟ ଜଳ ଯୋଗାଣ ଏବଂ ଜଳାଶୟଗୁଡ଼ିକର ପୁନରୁଦ୍ଧାର କ୍ଷେତ୍ରରେ ରାଜ୍ୟର ଏହି ପ୍ରଦର୍ଶନ ଏକ ନୂତନ ମାଇଲଖୁଂଟ ସ୍ଥାପନ କରିଛି । ୨୦୨୧ ଅକ୍ଟୋବରରେ ଆରମ୍ଭ ହୋଇଥିବା ଏହି ମିଶନ ମାଧ୍ୟମରେ ରାଜ୍ୟର ୮୯ଟି ପୌରସଂସ୍ଥାରେ ବ୍ୟାପକ ପ୍ରଗତି ପରିଲକ୍ଷିତ ହୋଇଛି । ବର୍ତମାନ ସୁଦ୍ଧା ପ୍ରାୟ ୪୦୩୦.୧୮ କୋଟି ଟଙ୍କା ବ୍ୟୟ ଅଟକଳରେ ୩୪୫ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏଥିମଧ୍ୟରୁ ୯୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ଅନ୍ୟଗୁଡ଼ିକର ବିଭିନ୍ନ ପର୍ଯ୍ୟାୟରେ



କାର୍ଯ୍ୟ ଜାରିରହିଛି । ଆର୍ଥିକ ପରିଚାଳନା କ୍ଷେତ୍ରରେ ମଧ୍ୟ ଓଡ଼ିଶା ଦୃଢ଼ ପ୍ରଦର୍ଶନ କରିବା ସହ ଅନୁଦାନ ଅର୍ଥର ସଠିକ ବିନିଯୋଗ କରିବାରେ ସଫଳ ହୋଇଛି । ଅମୃତ ୨.୦ ଜରିଆରେ ରାଜ୍ୟର ଜଳ ଭିତିଭୂମିକୁ ସୁଦୃଢ଼ କରାଯାଇଛି । ସାତୋଟି ଜଳ ବିଶୋଧନ ପ୍ଲାଂଟ ମାଧ୍ୟମରେ ଦୈନିକ ୪୩ ଏମଏଲଡି (ଗଖଡ) ଜଳ ବିଶୋଧନ କ୍ଷମତା ସୃଷ୍ଟି କରାଯାଇଛି, ଯାହାଦ୍ୱାରା ପ୍ରାୟ ୨.୮୩ ଲକ୍ଷ ନାଗରିକ ଉପକୃତ ହୋଇଛନ୍ତି । ପ୍ରମୁଖ ସହରଗୁଡ଼ିକରେ ୨୪ ଘଂଟା ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ ହେବା ସହ ୨.୭ ଲକ୍ଷରୁ ଅଧିକ ପରିବାରକୁ ପାଇପ୍ ଯୋଗେ ଜଳ ସଂଯୋଗ ପ୍ରଦାନ କରାଯାଇଛି । ମୋଟାମୋଟି ଭାବେ ୫ ଲକ୍ଷରୁ ଅଧିକ ସହରବାସୀ ଏହି ସେବା ଦ୍ୱାରା ସିଧାସଳଖ ଉପକୃତ ହୋଇଛନ୍ତି । ଏହି ସଫଳତା ସମ୍ପର୍କରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, 'ଅମୃତ ୨.୦ ର ଶୀର୍ଷ ମାନ୍ୟତା ସହରାଂଚଳ ଭିତିଭୂମି ଏବଂ ଜଳ ଯୋଗାଣ କ୍ଷେତ୍ରରେ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଉଛି । ପ୍ରତିଟି ପରିବାରକୁ ନିରାପଦ ଜଳ ଯୋଗାଇବା ଏବଂ ସହରଗୁଡ଼ିକୁ ସକ୍ଷମ କରିବା ପ୍ରାଥମିକତା ବିକଶିତ ଓଡ଼ିଶା ଗଠନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।' ରାଜ୍ୟ ସରକାରଙ୍କ ପକ୍ଷରୁ 'ପେ ଜଳ ସର୍ବେକ୍ଷଣ' ଏବଂ 'ଜୟ ହେ ଅମୃତ' ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଜଳ ପରିଚାଳନାକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଏଥିସହ 'ଅମୃତ ମିତ୍ର' ଏବଂ 'ଓମେନ ଫର ଟ୍ରି' ଭଳି ସାମାଜିକ ଅଭିଯାନ ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସାମିଲ କରାଯାଇ ଜଳାଶୟର ପୁନରୁଦ୍ଧାର ଏବଂ ପରିବେଶ ସୁରକ୍ଷା କାର୍ଯ୍ୟ ଜାରି ରହିଛି ।



# ବେଆଇନ୍ ଗୋଚାଲାଣ ଘଟଣାରେ ୩ଟି ଜିଲ୍ଲାରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଚଢ଼ଉ









ବାଲେଶ୍ୱର(ନି.ପ୍ର.) ବାଲେଶ୍ୱରର ପୂର୍ବାଂଚଳ ଡିଆଇଜି ପିନାକ ମିଶ୍ରଙ୍କ ନିର୍ଦ୍ଦେଶରେ ୭ ତାରିଖ ପ୍ରତ୍ୟୁଷରୁ ବାଲେଶ୍ୱର, ଭଦ୍ରକ ଓ ମୟୂରଭଂଜ ସମେତ ୩ଟି ଜିଲ୍ଲାରେ ବାହାରକୁ ବେଆଇନ ଭାବେ ଗୋଚାଲାଣ କରାଯାଉଥିବା ଘଟଣାରେ ବିଭିନ୍ନ ସମ୍ବେଦନଶୀଳ ଅଂଚଳରେ ପୋଲିସ ପକ୍ଷରୁ ଚଢ଼ଉ ଆରମ୍ଭ କରାଯାଇଥିଲା । ବାଲେଶ୍ୱରର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିଓ୍ୱାକରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଚଢ଼ଉ କାର୍ଯ୍ୟ ଜାରି ରଖାଯାଇଥିବା ବେଳେ ଭଦ୍ରକର ଏସପି ମନୋଜ ରାଉତ ଏବଂ ମୟୂରଭଂଜ ଏସପିଙ୍କ ମିଳିତ ସହଯୋଗରେ ଏହି ଚଢ଼ଉ କାର୍ଯ୍ୟକ୍ରମରେ ପୂର୍ବାଂଚଳ ଡିଆଇଜି ପିନାକ ମିଶ୍ର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି କି, ପୂର୍ବାଂଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟକ୍ଷମ ହେଉଥିବା ଭଦ୍ରକ, ମୟୂରଭଂଜ, ବାଲେଶ୍ୱର ସମେତ ୩ଟି ଜିଲ୍ଲାରେ ମୋଟ ୩୩ଟି ସ୍ଥାନରେ ଚଢ଼ଉ କରାଯାଇ୪୬ଲକ୍ଷ ୧ହଜାର ୯୨୭ ଟଙ୍କା ନଗଦ ଟଙ୍କା ଜବତ କରାଯିବା ସହ ୧କେଜି ୮୫୭ଗ୍ରାମ ୧୬ ଏମଜି ସ୍ୱର୍ଣ୍ଣ ଅଳଙ୍କାର, ୭କେଜି ୮୭୩ ମି.ମି. ରୌପ୍ୟ ଅଳଙ୍କାର ସମେତ ୨୫ଟି ଚାରିଚକିଆ ଯାନ, ୩ଟି ୨ଚକିଆ ଯାନ, ୩୩ଟି ଦୁଇଚକିଆ ବାଇକ, ୬ଟି ତରୱାଲ, ଗୋଟିଏ ପିଲାଖେଳନା ବନ୍ଧୁକ, ୭୦ଟି ପାଶ୍‌ବୁକ୍, ୨୦ଟି ଏଟିଏମ, ୧୦ଟି ମୋବାଇଲ, ୩୨ଟି ଜମିପଟ୍ଟା ଜବତ କରାଯାଇଛି । ଏହି ୩ଟି ଜିଲ୍ଲାରୁ ୧୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ବାଲେଶ୍ୱରରୁ ୩୨ଟି ଗାଇ ଉଦ୍ଧାର କରାଯାଇଛି ବୋଲି ଡିଆଇଜି ପିନାକ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଥିଲେ । ସେ ଆହୁରି କହିଛନ୍ତି ଭଦ୍ରକ ଜିଲ୍ଲାରୁ ନଗଦ ୧୨ଲକ୍ଷ ୧୩ହଜାର ୪୧୦ଟଙ୍କା, ୧କେଜି ୫୯୫ଗ୍ରାମ ସୁନା, ୪କେଜି ୨୩୦ଗ୍ରାମ ରୁପା, ୫ଟି ଚାରିଚକିଆ ଯାନ, ୬ଟି ଦୁଇଚକିଆ ଯାନ, ୬ଟି ତରୱାଏଲ ଓ ଗୋଟିଏ ପିଲାଖେଳନା ବନ୍ଧୁକ, ୧୭ଟି ପାଶବୁକ, ୧୨ଟି ଏଟିଏମ, ୪ଟି ଜମିପଟ୍ଟା, ୬ଜଣଙ୍କୁ ଅଟକ ରଖାଯାଇଛି । ସେହିପରି ମୟୂରଭଂଜ ଜିଲ୍ଲାର ୧୫ଟି ସ୍ଥାନରେ ଚଢ଼ଉ କରାଯାଇ ୧୨ଲକ୍ଷ ୭ହଜାର ୭୬୧ଟଙ୍କା ଜବତ କରାଯାଇଥିବା ବେଳେ ୨୧୨ଗ୍ରାମ, ୧୬ମି.ମି.ସୁନା, ୨କେଜି ୬୪୩ଗ୍ରାମ ରୁପା, ୭ଟି ଭାରିଯାନ, ୨ଟି ବାଇକ, ୨୩ଟି ଅନ୍ୟାନ୍ୟ ଯାନ ଏବଂ ୪୦ଟି ପାଶବୁକ, ୨୩ଟି ଜମିପଟ୍ଟା, ୬ଜଣ ଆସାମୀଙ୍କୁ ଗିରଫ କରାଯାଇଛି । ସେହିପରି ବାଲେଶ୍ୱର ଜିଲ୍ଲାରେ ୯ଟି ସ୍ଥାନରେ ଚଢ଼ଉ କରାଯାଇ ୨୧ଲକ୍ଷ ୮୦ହଜାର ୯୦୦ଟଙ୍କା ଜବତ କରାଯାଇଛି । ୫୦ଗ୍ରାମ ସୁନା, ୧କେଜି ରୁପା, ୧୭ଟି ଭାରିଯାନ ଓ ବାଇକ, ୧୦ଟି ମୋବାଇଲ, ୧୩ଟି ପାଶବୁକ, ୮ଟି ଏଟିଏମ, ୫ଟି ଜମିପଟ୍ଟା, ୩୨ଟି ଗୋରୁ ଜବତ କରାଯାଇଛି ବୋଲି ଏସପି ପ୍ରତ୍ୟୁଷ ଦିଓ୍ୱାକର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି । ଏହି ୩ଟି ଜିଲ୍ଲାରେ ମୋଟ ୩୨ଜଟ ବରିଷ୍ଠ ପୋଲିସ ଅଧିକାରୀ, ୧୮ପ୍ଲାଟୁନ ପୋଲିସ ଫୋର୍ସ, ୧୭ଜଣ ଡିଏସପି, ୨୫ଜଣ ଇନ୍ସପେକ୍ଟର, ଏସଆଇ, ଏଏସଆଇ ୬୭ଜଣ, ୬ଟା ଗାଡ଼ି, ୧୨ଟି ମୋଟରସାଇକେଲ ଜବତ ହୋଇଛି ବୋଲି ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ବାଲେଶ୍ୱର ଜିଲ୍ଲାର ସୋର, ଖଇରା, ବାହାନଗା, ଖନ୍ତାପଡ଼ା ଇତ୍ୟାଦି ଅଂଚଳରେ ଚଢ଼ଉ କରାଯାଇଥିବା ବେଳେ ଏହି ଚଢ଼ଉ ଜାରି ରହିବ । ଯେଉଁମାନେ ବେଆଇନ ଭାବେ ଗୋଚାଲାଣ କରୁଛନ୍ତି ସେମାନେ ସରକାରଙ୍କ ଗାଇଡଲାଇନକୁ ଉଲ୍ଲଂଘନ କରି ବିଭିନ୍ନ ସମୟରେ ପ୍ରାଣାନ୍ତକ ଆକ୍ରମଣ କରୁଥିବାର ଅଭିଯୋଗ ହେବାରୁ ରାଜ୍ୟ ସରକାର ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ଜିଲ୍ଲାର ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାଫଳରେ ଚଢ଼ଉ କାର୍ଯ୍ୟ ଜୋରଦାର କରାଯାଇଛି ।

# ଇଶାଣୀ ବୈଶାଖୀ ମହୋତ୍ସବ କମିଟିର ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର(ନି.ପ୍ର.): ଭାରତପରି ଗୋଟିଏ ଦେଶର ପ୍ରଗତି ପଛରେ ଥାଏ କେତୋଟି ଗ୍ରାମା□ଳର ଏକତାପୂର୍ଣ୍ଣ ସଂହତି । ଅନୁନ୍ନତ ଅଂଚଳର ଏକତା ଓ ସଂହତି ହିଁ ବିକଶିତ କରାଇଥାଏ ଗୋଟିଏ ଜିଲ୍ଲା ଓ ପ୍ରଦେଶକୁ । ଯାହା ଦୀର୍ଘ ୭୬ବର୍ଷ ସ୍ୱାଧୀନତା ପରେ ବି ଆମ ଦେଶର ଅର୍ଦ୍ଧବିକଶିତ ଗ୍ରାମା□ଳ ପଛରେ ପଡ଼ିଛି ବୋଲି ସ୍ୱୀକାର କରୁଛୁ । ସ୍ଥାନୀୟ ବାଲେଶ୍ୱର ଜିଲ୍ଲା ସହର ଉପକଣ୍ଠରୁ ମାତ୍ର ଦୁଇ କିଲୋମିଟର ଦୂର ଐତିହାସିକ ସିନ୍ଦୂରୀ ଚାଉଳିଆ ବର ଓ ଇଶାଣୀ ମିନି ଷ୍ଟାଡିୟମ୍‌ର ପଡ଼ିଆରେ ହୋଇଆସୁଥିବା ଇଶାଣୀ ବୈଶାଖୀ ମହୋତ୍ସବ, ବିଶାଳ ଉଡ଼ାଯାତ୍ରା ଓ ୨୯ତମ ମା' ବାସନ୍ତୀ ପୂଜା ପଛରେ ସହଯୋଗର ହାତ ବଢ଼ାଇ ଆସିଛନ୍ତି ସମୁଦ୍ର ଉପକୂଳବ□ୀ ଅଂଚଳର ୪୦ରୁ ଉର୍ଦ୍ଧ୍ୱ ଗାଁର ଗ୍ରାମବାସୀମାନେ । ଅନେକ ଘାତପ୍ରତିଘାତ, ପ୍ରତିକୂଳ ପ୍ରତିବନ୍ଧକ ସ□େ ହଜାର ହଜାର ଲୋକଙ୍କର ସମାଗମ ଏହି କାର୍ଯ୍ୟକ୍ରମର ସଫଳତା ଆଣିଦେଇଛି । ଗତ ମାର୍ଚ୍ଚ ୨୪ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ମା' ବାସନ୍ତୀ ପୂଜା ମହା ଆଡ଼ମ୍ବରରେ ପାଳନ କରାଯାଇଥିବାବେଳେ ଆଗାମୀ ଏପ୍ରିଲ୍ ୧୦ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ବୈଶାଖୀ ମହୋତ୍ସବ ଏବଂ ବିଶାଳ ଉଡ଼ାଯାତ୍ରାର ଆୟୋଜନ କରାଯାଇଅଛି । ଏହି ଅବକାଶରେ ପ୍ରତିଷ୍ଠିତ ଲବଣ ସତ୍ୟାଗ୍ରହ ସ୍ମାରକୀ ମିନି ଷ୍ଟାଡିୟମ୍ ପଡ଼ିଆରେ ସବୁବର୍ଷ ପରି ବିଧିବଦ୍ଧ ଭାବରେ ଅନୁଷ୍ଠିତ ହେବାକୁ ଥିବା ଏକାଦଶତମ ବୈଶାଖୀ ମହୋତ୍ସବରେ ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟନ ହେବାକୁ ଥିବାବେଳେ ବୈଶାଖୀ ମହୋତ୍ସବର ଉଦ୍‌ଯାପନୀ ଓ ଉଡ଼ାଯାତ୍ରା ଉତ୍ସବରେ ପ୍ରାକ୍ତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନା, ରାଜ୍ୟ ମହିଳା କମିଶନର ଅଧକ୍ଷା ଶୋଭନା ମହାନ୍ତି ପ୍ରମୁଖ ଉପସ୍ଥିତ ରହିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଉତ୍ସବ କମିଟିର ସଭାପତି ବରିଷ୍ଠ ଆଇନଜୀବୀ ଅଶୋକ ସେନାପତି, ସମ୍ପାଦକ ଭାଗବତ ସାହୁ, କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବଙ୍କ ସମେତ ସାରିକା କର, ସନାତନ ବେହେରା, ଦୀନବନ୍ଧୁ ବେହେରା, ଦୀନବନ୍ଧୁ ଦାସ, ମହେନ୍ଦ୍ର ମହାଳିକ, ଅଜୟ ବେହେରା, ନରେନ୍ଦ୍ର ଦାସ, ପ୍ରଫୁଲ୍ଲ ନାୟକ, ଶ୍ରୀକାନ୍ତ ଦାସ, ଗଙ୍ଗାଧର ଦାସ, କାହ୍ନୁଚରଣ ସେଠୀ, ରମେଶ ଚନ୍ଦ୍ର ବେହେରା, ଜିତେନ୍ଦ୍ର ସ୍ୱାଇଁ, ଉମ୍ବରୁଧର ଦାସ ଓ ସୂର୍ଯ୍ୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଉତ୍ସବକୁ ସ୍ଥାନୀୟ ଜନସାଧାରଣ ଓ ବାଲେଶ୍ୱର ସହରବାସୀ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରି ସଫଳ କରିବାକୁ କମିଟି ତରଫରୁ ଅନୁରୋଧ କରାଯାଇଛି ।



# ଓଡ଼ିଆ ପକ୍ଷ- ୨୦୨୬ର ସପ୍ତମ ଦିନରେ "ଶିଶୁ କଥା ଦିବସ"



ବାଲେଶ୍ୱର(ନି.ପ୍ର.) ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ପାଳନ କରାଯାଉଥିବା ଓଡ଼ିଆ ପକ୍ଷ-୨୦୨୬ର ମଙ୍ଗଳବାର ଥିଲା ସପ୍ତମ ଦିନ କ୍ଷ ଏହି ଅବସରରେ ସହଦେବଖୁଂଟା ସ୍ଥିତ ଫିରିଙ୍ଗୀପାଟଣା ସରକାରୀ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ "ଶିଶୁ କଥା ଦିବସ' ପାଳନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବାଲେଶ୍ୱର ସାଂସଦ ମାନ୍ୟବର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକ, ସଦର ବିଇଓ ଯୋଗେଶ୍ୱର ଜେନା ଉପସ୍ଥିତ ଥିଲେ କ୍ଷ ସେମାନେ ବର୍ଣ୍ଣବୋଧ ଓ ଶିଶୁଲେଖା ବଂଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଭାଷାର ମହତ୍ୱ ସମ୍ବନ୍ଧରେ ବୁଝାଇଥିଲେ । ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସହଯୋଗରେ ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ବାଲେଶ୍ୱରଙ୍କ ଦ୍ୱାରା ଜିଲ୍ଲା କାର୍ଯ୍ୟାଳୟରେ ପ୍ରୟାସ ବୃଦ୍ଧାଶ୍ରମ, ସାହାରା ବୃଦ୍ଧାଶ୍ରମ, କପିଳ ମୁନୀ ବୃଦ୍ଧାଶ୍ରମ, ଅମୃତଧାରା ବୃଦ୍ଧାଶ୍ରମ ଓ ବରିଷ୍ଠ ନାଗରିକ ମଂଚଙ୍କୁ ଭାଗବତ ପୁସ୍ତକ ବଂଟନ କରାଯାଇଥିଲା କ୍ଷ ଦୈନିକ ଭାଗବତ ପଠନ ସହ ଆଧାତ୍ମିକ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସମ୍ପୃକ୍ତ ଅନୁଷ୍ଠାନର ସଭାପତି/ସମ୍ପାଦକ ଓ ଅନ୍ତେବାସୀ ଭାଗବତ ପୁସ୍ତକ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ବେହେରା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ଉପସ୍ଥିତ ଥିଲେ । ଅନୁରୂପ ଭାବେ ଜିଲ୍ଲାର ଅନ୍ୟାନ୍ୟ ପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା କ୍ଷ ସେଥିରେ ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ସରକାରୀ ଅଧିକାରୀ ଯୋଗ ଦେବା ସହ ବର୍ଣ୍ଣବୋଧ ଓ ଶିଶୁଲେଖା ବଂଟନ କରିଥିଲେ । ସୂଚନାଯୋଗ୍ୟ, ଶିଶୁ ଲେଖା ଦିବସ ପାଇଁ ଜିଲ୍ଲାକୁ ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ୩୦୦ ଖଣ୍ଡ ଲେଖାଏଁ ବର୍ଣ୍ଣବୋଧ, ଶିଶୁଲେଖା ପୁସ୍ତକ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୫ଟି ଭାଗବତ ପୁସ୍ତକ ବଂଟନ ପାଇଁ ଆସିଥିଲା । ସରକାରଙ୍କର ଶିକ୍ଷା ନୀତିକୁ ବିକାଶରେ ପରିଣତ କରିବା ପାଇଁ ବିଭିନ୍ନ ପ୍ରକାର ପକ୍ଷ ମାଧ୍ୟମରେ କାର୍ଯ୍ୟକ୍ରମ ହାତକୁ ନେଇ ବର୍ତ୍ତମାନ ପୂର୍ବାନୁଯାୟୀ ଶିକ୍ଷାକୁ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି ।

# ସଫଳତାର ସହିତ ଅନୁଷ୍ଠିତ ହେଲା ଐତିହ୍ୟ ପଦଯାତ୍ରା

## ଭାଗ ନେଲେ ୨୫ ଐତିହ୍ୟ ପଦଯାତ୍ରୀ

ବାଲେଶ୍ୱର,(ନି.ପ୍ର.): ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ୧୪ତମ ସଂସ୍କରଣ ଗତକାଲି ରବିବାର ଦିନ ସଫଳତାର ସହିତ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଐତିହ୍ୟାନୁରାଗୀମାନେ ବନମାଳୀପୁର ଓଉଶୁଣି ପୀଠର ବାରଭୂଜା ଚାମୁଣ୍ଡା, ପଣସପଡ଼ାର ଭଗବତୀ ମନ୍ଦିର ଓ ନାସିକର ଖଣ୍ଡେଶ୍ୱର ମହାଦେବ ମନ୍ଦିର ପରିଦର୍ଶନ କରିଥିଲେ ।ଏହି ପରିଦର୍ଶନ ସମୟରେ ସେଠାରେ ଅବସ୍ଥିତ ପ୍ରାଚୀନ ଜୈନ, ବୌଦ୍ଧ ଓ ହିନ୍ଦୁ ଧର୍ମସମ୍ବନ୍ଧୀୟ ବିଭିନ୍ନ ମୂର୍ତ୍ତିମାନଙ୍କୁ ମଧ ଦେଖିବାକୁ ମିଳିଥିଲା । ପଦଯାତ୍ରାରେ ପ୍ରାଚୀନ ମୂର୍ତି ସୁରକ୍ଷା ଏବଂ ଅଂଚଳର ଐତିହ୍ୟ ପ୍ରଚାର ଓ ସଂରକ୍ଷଣର ଆବଶ୍ୟକତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ।ପ୍ରାୟ ୨୫ ଜଣ ଐତିହ୍ୟପ୍ରେମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସଂଯୋଜକ ଶ୍ରୀକାନ୍ତ ସିଂହଙ୍କ ନେତୃତ୍ୱରେ ବିଶ୍ୱରଞ୍ଜନ ଦେହୁରୀ, ଭଗବାନ ଦାଶ, ଶଶାଙ୍କ ଶେଖର ପଣ୍ଡା, ତ୍ରିଲୋଚନ ସ୍ୱାଇଁ, ସମ୍ବିତ ସିଂହ, ଦେବାଶିଷ ପାତ୍ର, ନୀଳାଦ୍ରି, ରତିରଞ୍ଜନ ପଣ୍ଡା, ବିକାଶ ଚନ୍ଦ୍ର ସ୍ୱାଇଁ, ଗଣେଶ କୁମାର, ଶୁଭମ, କୁନ୍ଦନ ଓ ସୌରଭ ସିଂହ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଫଳତାର ସହିତ ଶେଷ କରିଥିଲେ ।

# 'ଅଭିଳାଷା' ପକ୍ଷରୁ ଉନ୍ମୋଚିତ ହେଲା ସଂଗ୍ରାମ କେଶରୀ ସେନାପତିଙ୍କ ଇଂରାଜୀ ଉପନ୍ୟାସ

ବାଲେଶ୍ୱର(ନି.ପ୍ର.): ଗତକାଲି ଆଜିମାବାଦ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସଂଗ୍ରାମ କେଶରୀ ସେନାପତିଙ୍କ ଇଂରାଜୀ ଉପନ୍ୟାସ 'ଦି ଇଅର୍ ସି ଡିସାପିଅ ?ଡ୍' ଉନ୍ମୋଚିତ ହୋଇଯାଇଛି । ମିଶନ୍ ସକ୍ସେସ୍ ? ଠାରେ ଆୟୋଜିତ 'ଅଭିଳାଷା ଓପନ୍ ମାଇକ୍' କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗ ଦେଇଥିଲେ କବି ଅଭିଲିପ୍ସା ପାଢ଼ୀ, ଉତ୍କଳିକା ରାଉତ ଓ ଏପି ଶୁଭକାନ୍ତ ସାମଲ । କଲେଜ ସମୟର ପ୍ରେମ କାହାଣୀ ଆଧାରରେ ଏହି ଉପନ୍ୟାସଟି ଶୁଭପଲ୍ଲବ ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ ହୋଇଛି, ଯାହାକି ଆଗାମୀ ଦିନରେ ଓଡ଼ିଆ ଭାଷାରେ ମଧ ପ୍ରକାଶ ପାଇବାକୁ ଯାଉଛି ।ସୂଚନା ଥାଉକି ସଂଗ୍ରାମଙ୍କର ଏହା ପ୍ରଥମ ଇଂରାଜୀ ଉପନ୍ୟାସ ଏବଂ ତାଙ୍କ ରଚିତ ଓଡ଼ିଆ ଉପନ୍ୟାସ 'ସିଗାରେଟ୍' ଆଗାମୀ ସପ୍ତାହରେ ଟାଇମ୍ ?ପାସ୍ ପ୍ରକାଶନ ଦ୍ୱାରା ଉନ୍ମୋଚିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ବିଭିନ୍ନ ଯୁବ କବି ଓ ଲେଖକମାନେ ଯୋଗ ଦେଇ, ନିଜ ନିଜର ଗପ ଓ କବିତା ଉପସ୍ଥାପନା କରିବା ସହିତ ସଙ୍ଗୀତ ପରିବେଷଣ ଓ ଷ୍ଟାଣ୍ଡଅପ୍ କମେଡ଼ି ମଧ ପରିବେଷଣ କରାଯାଇଥିଲା । 'ଅଭିଳାଷା' ଦ୍ୱାରା ବାଲେଶ୍ୱରରେ ଆୟୋଜିତ ଏହା ପ୍ରଥମ ଓପନ୍ ମାଇକ୍ ଥିଲା, ତେଣୁ ଯୋଗ ଦେଇଥିବା ଅତିଥି ଓ କବିମାନେ ବେଶ୍ ଉତ୍ସାହୀ ଥିଲେ ।



# ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦାୟିତ୍ୱ ଗ୍ରହଣ



ବାଲେଶ୍ୱର(ନି.ପ୍ର.)ମହାମହିମ କୁଳାଧିପତିଙ୍କ କାର୍ଯ୍ୟାଳୟର ନୋଟିଫିକେଶନ୍ ସଂଖ୍ୟା ଏଡଓ-ଐର-ଟଓ-୦୦୧୦-୨୦୨୦/୪୪୬୦/୫ଏ (ଐର), ତାରିଖ ୬ ଏପ୍ରିଲ ୨୦୨୬ ଅନୁସାରେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ତାରିଖ ୭ ଏପ୍ରିଲ ୨୦୨୬ ପୂର୍ବାହ୍ନରେ ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱରର କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଉଲ୍ଲେଖନୀୟ ଯେ, ପ୍ରଫେସର ତ୍ରିପାଠୀ ଦ୍ୱିତୀୟ ଥର ପାଇଁ ଏହି ପ୍ରତିଷ୍ଠିତ ପଦବୀରେ ପୁନର୍ନିଯୁକ୍ତ ହୋଇଛନ୍ତି, ଯାହା ତାଙ୍କ ନେତୃତ୍ୱ ପ୍ରତି ଆସ୍ଥା ଓ ବିଶ୍ୱାସକୁ ପ୍ରତିଫଳିତ କରିଛି ।ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦାୟିତ୍ୱ ଗ୍ରହଣ ବିଶ୍ୱବିଦ୍ୟାଳୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବସର ଥିଲା । ତାଙ୍କର ଦୃଢ଼ ନେତୃତ୍ୱ, ସମୃଦ୍ଧ ଶିକ୍ଷାଗତ ଅନୁଭବ ଓ ପ୍ରଶାସନିକ କୁଶଳତା ହେତୁ ବିଶ୍ୱବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା, ଗବେଷଣା ଓ ସାମଗ୍ରିକ ବିକାଶକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଅଧିକାରୀ, ଅଣଶିକ୍ଷକ କର୍ମଚାରୀ, ଛାତ୍ରଛାତ୍ରୀ ଓ ସମଗ୍ର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିବାର ପକ୍ଷରୁ ପ୍ରଫେସର ତ୍ରିପାଠୀଙ୍କୁ ହୃଦୟପୂର୍ବକ ଅଭିନନ୍ଦନ ଓ ଅନେକ ଶୁଭେଚ୍ଛା ଜଣାଯାଇଛି । ତାଙ୍କର ସୁଦୃଢ଼ ନେତୃତ୍ୱରେ ବିଶ୍ୱବିଦ୍ୟାଳୟ ନୂତନ ସଫଳତାର ଶିଖର ଛୁଇଁବ ବୋଲି ସମସ୍ତେ ଖୁସିର ସହ ଆଶାବ୍ୟକ୍ତ କରିଛନ୍ତି । ବିଶ୍ୱବିଦ୍ୟାଳୟ ପରିବାର ପକ୍ଷରୁ ତାଙ୍କର ସଫଳ କାର୍ଯ୍ୟକାଳ ପାଇଁ ଅନେକ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟର ପ୍ରଗତିଶୀଳ ଓ ସଫଳ ଯାତ୍ରା ପାଇଁ ଆଶା କରାଯାଉଛି ।



ମଙ୍ଗଳବାର ଦିନ ୧୧ଟା ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂ ଓଡିଆ ପକ୍ଷ ପାଳନ ଅବସରରେ ଚାରିଟି ବୃଦ୍ଧାଶ୍ରମ ସହିତ ଆମ ବରିଷ୍ଠ ନାଗରିକ ମଂଚ କୁ ଶ୍ରୀମଦ୍ ଭାଗବତ (ସମ୍ପୂର୍ଣ୍ଣ ଦ୍ୱାଦଶ ସ୍କନ୍ଦ) ପ୍ରଦାନ କରିଛନ୍ତି ।(ଫଟୋ-ଦେବବ୍ରତ ପାଣିଗ୍ରାହୀ)

## ହାତୀ ବୁଲୁଥିବା ଦେଖି ଗ୍ରାମବାସୀ ଭୟଭୀତ

ନୂଆପଡ଼ା:(ନିପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ଅଂଚଳ ରେ ହାତୀ ବୁଲୁଥିବା ଦେଖିବାକୁ ମିଳେ । ବୋଡ଼େନ ବ୍ଲକ୍ ଝରଣାମାଲ ଜଙ୍ଗଲରେ ହାତୀ ବୁଲୁ ଥିବା ବେଳେ ଏକ ଟିକିଆ ହାତୀ ବୁଲୁଥିବା ଦେଖିବାକୁ ମିଳୁଅଛି ।, ବନ ବିଭାଗ ଓ ବନ୍ୟା ପ୍ରାଣୀ ବିଭାଗ ହାତୀ ଉପରେ ରାତି ସାରା ନଜର ଥିବା ବେଳେ ଡ୍ରୋନ ସହାୟତାରେ ଗତିବିଧି ଉପରେ ନଜର ରଖାଯାଉଥିବା ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ପ୍ରକାଶ କରିଛନ୍ତି । ଗ୍ରାମବାସୀଙ୍କୁ ସଚେତନ କରିଥିବା ବେଳେ ଡ୍ରୋନର ସହାୟତା ନେବା ସହ ଆବଶ୍ୟକ ସ୍ଥଳେ ବିଜୁଳି କଟ ମଧ୍ୟ ଦେଉଥିବା ପ୍ରକାଶ କରିଛନ୍ତି ।

## ସପ୍ତମ ଦିବସରେ ଶିଶୁ କଥା ଦିବସ ପାଳିତ

ଜଳେଶ୍ୱର(ନିପ୍ର): ସୋମବାର ପୂର୍ବାହ୍ନ ୭.୩୦ ଘଟିକା ସମୟରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶାନ୍ତିଆ ଠାରେ ଈଶ୍ୱର ଲାଲ ଗାନ୍ଧୀ ସେବାଶ୍ରମ ଯୋଗ ସମ୍ମିଳନୀ କକ୍ଷରେ ଅନୁଷ୍ଠାନ ର ସଭାପତି ଶିତାଂଶୁ ଶେଖର ସେନାପତି ସଭାପତିତ୍ୱ ରେ ଶିଶୁ କଥା ଦିବସ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ଅଧ୍ୟକ୍ଷ ଡଃ ଲଳିତ ରଂଜନ ସେନାପତି, ସୁନ୍ଦର ଗଳ୍ପ ମାଧ୍ୟମରେ ସେବାଶ୍ରମ ର ଛାତ୍ର ଛାତ୍ରୀଙ୍କୁ ବୁଝାଇଥିଲେ । ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ଉପସଭାପତି ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ଚେୟାର ମେନ ଅଧ୍ୟକ୍ଷ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ଏକ ସୁନ୍ଦର ଗଳ୍ପ 'ଜ୍ଞାନ ଠଉରା' ଏକଦା ଉଜବେକିସ୍ଥାନ ର ରାଜା ରାଜ୍ୟର ଜ୍ଞାନୀ ମାନଙ୍କୁ ଭୋଜୀ ରେ ଆପ୍ୟାୟିତ କରୁଥିଲେ ।ଏହି କୈ ।ତହିଁ ଏକ କାମ ପାଇଁ ମୁଲ୍ଲା ନଶିରୁଦିନ ପହଁଚିଲେ ରାଜା ନଶିରୁଦିନ ଙ୍କୁ ପଚାରିଲେ ମାଠିଆ ପାଣି ଭର୍ତି ଅଛିକି ନାହିଁ ଜାଣିବ କେମିତି ? ନଶିରୁ ଦିନ କହିଲେ ଆଜ୍ଞା ମାଠିଆ ରେ ଟିପ ମାରିଦେଲେ ଜଣାପଡ଼ିଯିବ । ରାଜା ଥଟା କରି କହିଲେ । ଏଠାରେ ଜ୍ଞାନୀ ମାନେ ଅଛନ୍ତି ସେମାନଙ୍କ ମୁଣ୍ଡରେ ଟିପ ମାରି କହିଲ ବୁଦ୍ଧି ଓ ଜ୍ଞାନ କେତେ ? ଏହାଶୁଣି ନଶିରୁଦିନ ସମସ୍ତଙ୍କ ମୁଣ୍ଡରେ ଟିପ ରଖିଲେ । ଏମାନେ ଙ୍କ ମଧ୍ୟରୁ ଦୁଇ ଜଣ ମୁଣ୍ଡ ରେ ଟିପ ରଖିବା ପାଇଁ ଦେଲେ ନାହିଁ । ଟିପ ମାରିଲେ ଯେଉଁ ମାଠିଆରୁ ଜୋର ସ୍ୱର ବାହାରେ ତାହା ଫମ୍ପା ବୋଲି ଜଣାପଡ଼େ । ଏଠି କେବଳ ସେଇ ଦୁଇ ଜଣଙ୍କ ସ୍ୱର ଜୋର ଥିଲା । କହିବା ର ତାତ୍ପର୍ଯ୍ୟ ଫମ୍ପା ମାଠିଆ ର ଶବ୍ଦ ବେଶୀ ଗଳ୍ପ ମାଧ୍ୟମରେ ଉପସ୍ଥାପନ କରିଥିଲେ । ସମ୍ମାନୀତ ଅତିଥି ଭାବରେ ସମ୍ପାଦକ ସୁନୀଲ କୁମାର ନାୟକ, ସମ୍ମାନୀତ ଅତିଥି ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଗିରି, ସଦସ୍ୟ ପୂର୍ଣ୍ଣ ଚନ୍ଦ୍ର ପରିଡା, ଅନୁଷ୍ଠାନ ର ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି, ସହକାରୀ ଶିକ୍ଷକ ଦେବକୃଷ୍ଣ ଦେ , ଶିକ୍ଷୟିତ୍ରୀ ପ୍ରିୟଙ୍କା ଆଶ୍,, କିରଣ ମହାନ୍ତି, ସତ୍ୟ ଜିତ ସୂର, ଲକ୍ଷ୍ମୀ ନାରାୟଣ ପରିଡା,, ନିରୂପମା ପ୍ରଧାନ,ଓ ୫୦ ରୁ ଛାତ୍ର ଛାତ୍ରୀ ନନ୍ଦିନୀ ସିଂ, ଉଷା ଟୁଡୁ, ସାଧୁ ସିଂ, ଚାନ୍ଦିନୀ ଗୁଜୁରାତି, ସୁମତି ମୁର୍ମୁ, ଆଶା ସିଂ, ବାସନ୍ତୀ ହାଁସଦା, ମାମୁନି ମୁର୍ମୁ, ହୀରାମଣି ମୁର୍ମୁ, କୁସୁମ ବାସ୍କେ, ମୁନି ସିଂ, ଅନୁଶ୍ରୀ ଦେ, ମନୁ ହେମ୍ବ୍ରମ, ସୁଶାନ୍ତ ମୁର୍ମୁ, ରାଜା ସିଂ, ଅଜୟ ଗୁଜୁରାତି, ସୁକଦେବ ହେମ୍ବ୍ରମ, ବିରେନ୍ଦ୍ର ସିଂ,ବୁଦ୍ଧିଆ ସୋରେନ, ଦୁଖି ମୁର୍ମୁ, ସୂର୍ଯ୍ୟ ସିଂ, ଈଶ୍ୱର ମୁର୍ମୁ,ପଲଟନ ମୁର୍ମୁ, ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ଶିକ୍ଷକ ଦେବ କୃଷ୍ଣ ଦେ । ସରକାରଙ୍କର ଓଡ଼ିଶା ପକ୍ଷ-୨୦୨୬ ଓଡ଼ିଶା ଦିବସ ରୁ ଓଡ଼ିଆ ନବବର୍ଷ ପୁଣି ଫେରିଛି ଓଡ଼ିଆ ପକ୍ଷ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର -ଏଥିପାଇଁ ଉତ୍କଳ ସମ୍ମିଳନୀ ତରଫରୁ ପବିତ୍ର ଉତ୍କଳ ଦିବସ ଅପ୍ରେଲ ୧ ତାରିଖରୁ ଅପ୍ରେଲ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିବସ କୁ ପାଳନ କରିଆସୁଛୁ । ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ଶିକ୍ଷକ ଦେବକୃଷ୍ଣ ଦେ ।

## ଓକିଲ ସଂଘ ନୂତନ କାର୍ଯ୍ୟକର୍ତ୍ତା ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ଓକିଲ ସଂଘ ନୂତନ କାର୍ଯ୍ୟକର୍ତ୍ତା ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ରୂପେ ଗୋବର୍ଦ୍ଧନ ସୁନା ଚତୁର୍ଥ ଥର ପାଇଁ ବିଜୟୀ ହୋଇଛନ୍ତି । ସେ ପଦ, ମର୍ଯ୍ୟାଦା ଓ ଗୋପନୀୟତା ଶପଥ ଗ୍ରହଣ କରିଥିଲେ । ସେହିପରି ଉପସଭାପତି ରୂପେ ସତ୍ୟ ପ୍ରିୟ ମୁଣ୍ଡ, ସମ୍ପାଦକ ରୂପେ ନନ୍ଦଲାଲ ପାଣ୍ଡେ, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ପ୍ରଧାନୀ, କୋଷାଧ୍ୟକ୍ଷ ସତ୍ୟ ନାରାୟଣ ଦାଶ, ଲାଇବ୍ରେରିଆନ ପାଣ୍ଡବ କୁମାର, କାର୍ଯ୍ୟକାରୀ ସଦସ୍ୟ ଅସିତ୍ ଚନ୍ଦ୍ର ମହାପାତ୍ର, ମନୋରଞ୍ଜନ ମହାପାତ୍ର, ଦୁତୀ କୃଷ୍ଣ ବେହେରା, ଭବାନୀ ଶଙ୍କର ପାଢୀ, ସପନା ରଥ, ଶପଥ ନେଇଛନ୍ତି । ଖଡିଆଳ ଓକିଲ ସଂଘ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ସମସ୍ତ ନିଜ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସମସ୍ତ ପଦ ପାଇଁ ଅନ୍ୟ କୌଣସି ସଦସ୍ୟ ନିଜ ନାମାଙ୍କନ ପାତ୍ର ଦାଖଲ କରି ନଥିବାରୁ ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦରେ ବିଜୟୀ ହୋଇଛନ୍ତି । ନିର୍ବାଚନ ଅଧିକାରୀ ଅଚ୍ୟୁତାନନ୍ଦ ନାଗଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶେଷ ହୋଇଅଛି ।

## ଦର୍ପ ନାରାୟଣପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶ୍ୱ ସ୍ୱାସ୍ଥ୍ୟଦିବସ ପାଳିତ



ନୟାଗଡ଼ (ନିପ୍ର): ଦର୍ପନାରାୟଣପୁର ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଆଜି ସକାଳ ୯ଟା ସମୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉତ୍ସାହର ସହିତ ପାଳିତ ହୋଇଛି । ଏହି ଅବସରରେ ସ୍ଥାନୀୟ ସରପଂଚ ସସ୍ମିତା ରାଉତ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତର ଗୀତାଞ୍ଜଳି ପଟ୍ଟନାୟକ ସହ ସ୍ୱାସ୍ଥ୍ୟ କେନ୍ଦ୍ରର ଅନ୍ୟାନ୍ୟ କର୍ମଚାରୀମାନେ, ସ୍ଥାନୀୟ ଗ୍ରାମବାସୀ ଓ ସ୍ୱାସ୍ଥ୍ୟ ସେବିକାମାନେ ଉପସ୍ଥିତ ଥିଲେ । ସରପଂଚ ରାଉତ ସ୍ୱାସ୍ଥ୍ୟ ସଚେତନତା, ପୋଷଣ ଓ ନିୟମିତ ଜୀବନଶୈଳୀର ଗୁରୁତ୍ୱ ବିଷୟରେ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଇ "ସ୍ୱାସ୍ଥ୍ୟ ହିଁ ସମ୍ପଦ" ବୋଲି ଉଲ୍ଲେଖ କରିଥିଲେ । ଏହି ପରିପ୍ରେକ୍ଷୀରେ ଡାକ୍ତର ପଟ୍ଟନାୟକ ସମସ୍ତଙ୍କୁ ସଚେତନ ହୋଇ ସ୍ୱାସ୍ଥ୍ୟ ସୁରକ୍ଷାରେ ଗୁରୁତ୍ୱ ଦେବା, ପରିଷ୍କାରତା ରକ୍ଷା କରିବା, ସମୟମତେ ଚିକିତ୍ସା ନେବା ଓ ସୁସ୍ଥ ଜୀବନ ଯାପନ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହା ସହିତ ଲୋକମାନଙ୍କୁ ନିୟମିତ ଅଭ୍ୟାସ, ସନ୍ତୁଳିତ ଖାଦ୍ୟ ଓ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଥିଲା ।

## ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଷଷ୍ଠ ଦିନରେ ସ୍ୱଚ୍ଛତା ଅଭିଯାନ



ଖୋର୍ଦ୍ଧା(ନିପ୍ର): ଓଡ଼ିଶା ସରକାର ଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟର ସମସ୍ତ ଜିଲ୍ଲାରେ ଓଡ଼ିଆ ପକ୍ଷ ଅପ୍ରେଲ ୧ ତାରିଖରୁ ୧୪ ତାରିଖ ପଣା ସଂକ୍ରାନ୍ତି ତଥା ମହା ବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଆରମ୍ଭ ପର୍ଯ୍ୟନ୍ତ ପାଳନ କରାଯାଉଅଛି । ଏହି ଉପଲକ୍ଷେ ଆଜି ଅପ୍ରେଲ ୬ ତାରିଖ ବିଭିନ୍ନ ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସ୍ତରୀୟ ସ୍ୱଚ୍ଛତା କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା ସଦର ମହକୁମା ବରୁଣେଇ ମନ୍ଦିର ପୀଠ ଠାରେ ସଫେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଖୋର୍ଦ୍ଧା ପୌର ପରିଷଦ ସମସ୍ତ ୱାର୍ଡ ସଭ୍ୟା ଓ ସଭ୍ୟ, ସ୍ୱେଚ୍ଛା ସେବୀ ସଂଗଠନ କର୍ମକର୍ତ୍ତାମାନେ ଯୋଗ ଦେଇ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ । ଅତିଥି ମାନେ ଓଡ଼ିଆପକ୍ଷ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକ ପାତ କରିବାସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣ ପାଇଁ ସ୍ୱଚ୍ଛତା ଅତି ଜରୁରିବୋଲି ଉଦବୋଧନ ପ୍ରଦାନ କରିଥିଲେ । ନିଜର ଘର,ବାଡ଼ି, ବଗିଚା, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ପରିସର ତଥା ବିଭିନ୍ନ ଐତିହ୍ୟ ଓ ଦେବାଳୟ ସ୍ଥାନ, ସର୍ବସାଧାରଣ ସ୍ଥାନ ଗୁଡ଼ିକୁ ସଫା ସୁତରା ରଖିବାକୁ ହେଲେ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ ।

## ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ଓ ମିଶ୍ରଣ ପର୍ବ ଅନୁଷ୍ଠିତ

ଯାଜପୁର(ନିପ୍ର): ଯାଜପୁରବ୍ଲକ ଅଧିନ ବରୁହାଁ ତାରାଦେବୀ ପୀଠରେ ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏହି ଦିବସରେ ଯାଜପୁରର ବିଜେପି ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଦଳର ଗଠନର ଆଦର୍ଶ, ଦଳର ପରିଚାଳନା ଆଦର୍ଶ, ନେତାମାନଙ୍କ ଆଦର୍ଶ ଓ ହିତାଧିକାରୀମାନଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ । ମନମଥ ବରାଳଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ବିଜେପି ସାଧାରଣ ସଂପାଦକ ତପନ କୁମାର ନନ୍ଦ, ପୂର୍ବତନ ଜିଲ୍ଲା ସାଧାରଣ ସଂପାଦକ ସୁଦିପ୍ତ କୁମାର ପଣ୍ଡା, ପୂର୍ବତନ ଜିଲ୍ଲା ସଂପାଦକ ସୁରଜଲାଲ ସାମଲ ପ୍ରମୁଖ ଯୋଗ ଦେଇ ପ୍ରତିଷ୍ଠା ଦିବସ, ଦଳର ସଂଗଠିତ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଶତାଧିକ କର୍ମୀ ଓ ନେତା ଭାରତୀୟ ଜନତା ପାର୍ଟି ର ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ବିଜେଡ଼ି ଛାଡ଼ି ବିଜେପି ରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ । ସେମାନଙ୍କ ମଧ୍ୟରେ ବାସୁଦେବପୁର ବିଜେଡ଼ି ସମର୍ଥୀତ ସରପଂଚ କାହ୍ନୁ ତରାଇ, ବେରୁଦା ସମିତି ସଭ୍ୟ କଳ୍ପନା ନାୟକ, ଜଗତପୁର ପ୍ୟାକ୍ସ ସଭାପତି ଶ୍ରୀକାନ୍ତ ବେହେରା, ବେରୁଦା ପୂର୍ବତନ ସରପଂଚ ଶ୍ୟାମସୁନ୍ଦର ପଣ୍ଡା, ବେରୁଦା ପୂର୍ବତନ ସରପଂଚ ମହେନ୍ଦ୍ର ନାୟକ, ଉପରବରୁହାଁ ପୂର୍ବତନ ସମିତି ସଭ୍ୟ ତଥା ପୂର୍ବତନ ବ୍ଲକ ସଭାପତି ବ୍ରହ୍ମାନନ୍ଦ ନାୟକ, ମହେଶ୍ୱରପୁର ପୂର୍ବତନ ସମିତି ସଭ୍ୟ ତପନ ଓଝା, ବେରୁଦା ମହିଳା ବିଜେଡ଼ି ସଭାପତି ଉତ୍କଳନୀ ମହାନ୍ତିଙ୍କ ସମେତ ୭ଟି ପଂଚାୟତର ଶତାଧିକ ବିଜେଡ଼ି କର୍ମୀ ଓ ନେତା ବିଜେପିରେ ସାମିଲ ହୋଇଥିଲେ । ସେମାନଙ୍କୁ ଦଳୀୟ ଉତରୀୟ ପ୍ରଦାନ କରି ଦଳରେ ସାମିଲ କରଯାଇଥିଲା ।

## 'ଓଡ଼ିଆ ପକ୍ଷ'ର ସପ୍ତମ ଦିବସ ପାଳିତ: ଛାତ୍ରଛାତ୍ରୀଙ୍କୁ ବଂଟାଗଲା ବର୍ଣ୍ଣବୋଧ



କେନ୍ଦୁଝର(ନିପ୍ର): 'ଓଡ଼ିଆ ପକ୍ଷ ୨୦୨୬' ସପ୍ତମ ଦିବସ ଅବସରରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ 'ବର୍ଣ୍ଣବୋଧ ଉତ୍ସବ' ତଥା 'ଶିଶୁ କଥା ଦିବସ' ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି । ଜିଲ୍ଲା ର ସମସ୍ତ ସରକାରୀ ବିଦ୍ୟାଳୟ ଓ ଆଖପାଖ ଅଂଚଳର ଶତାଧିକ ଛାତ୍ରଛାତ୍ରୀଙ୍କୁ ଭକ୍ତକବି ମଧୁସୂଦନ ରାଓଙ୍କ ଅମର ସୃଷ୍ଟି 'ବର୍ଣ୍ଣବୋଧ' ପୁସ୍ତକ ବଂଟନ କରାଯାଇଥିଲା । କୋମଳମତି ଶିଶୁମାନଙ୍କମଧରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ମୂଳଦୁଆକୁ ସୁଦୃଢ଼ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶିକ୍ଷାବିତ୍ ମାନେ ମତ ପ୍ରକାଶ କରିଛନ୍ତି । ଓଡ଼ିଆ ଭାଷାର ଶୁଦ୍ଧ ଉଚ୍ଚାରଣ ଏବଂ ଲେଖନ ଶୈଳୀ ଉପରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଗୁରୁତ୍ୱାରୋପ କରିଥିଲେ । ବର୍ଣ୍ଣବୋଧ କେବଳ ଏକ ପୁସ୍ତକ ନୁହେଁ, ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ଭାବପ୍ରବଣତା । ଶିଶୁମାନେ ନିଜ ମାତୃଭାଷାକୁ ଭଲ ଭାବରେ ଜାଣିଲେ ହିଁ ଓଡ଼ିଆ ଅସ୍ମିତା ବଜାୟ ରହିବ । 'ଏହି ବର୍ଣ୍ଣବୋଧ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲା ଶିକ୍ଷା ବିଭାଗ ର ମିଳିତ ଆନୁକୂଲ୍ୟରେ ଏହି ଦିବସ ଆୟୋଜନ କରାଯାଇଥିଲା ।

## ପୂର୍ବତଟ ରେଳ ଡିଭିଜନକୁ ବାଲେଶ୍ୱର ପର୍ଯ୍ୟନ୍ତ ସଂପ୍ରସାରଣ ପାଇଁ ଦାବି

ସୋର(ନିପ୍ର): କିଛିଦିନ ପୂର୍ବରୁ ଖୋର୍ଦ୍ଧା ଡିଭିଜନରୁ ପଲାସା-ଇଚ୍ଛାପୁରମ୍ ସେକ୍ସନ ଆନ୍ଧ୍ର ସହିତ ମିଶିଯିବା ଫଳରେ ପୂର୍ବତଟ ଡିଭିଜନର ଷ୍ଟେସନ ଗୁଡ଼ିକ ସଙ୍କୋଚିତ ହୋଇଯାଇଛି । ଜଣାଯାଇଛି ଯେ ନୂତନଭାବେ ଗଠିତ ହୋଇଥିବା ଦକ୍ଷିଣତଟ ରେଳପଥ(ବିଶାଖାପାଟନା ଡିଭିଜନ)ରେ ପୂର୍ବତଟରୁ ୭ଟି ଷ୍ଟେସନ କଟାଯାଇ ସେଥିରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଷ୍ଟେସନଗୁଡ଼ିକ ଅନ୍ଧ୍ରପ୍ରଦେଶର ସିକାକୁଲମ୍ ଜିଲାରେ ଅବସ୍ଥ ?ିତ ହୋଇଥିବା ବେଳେ ଓଡ଼ିଶାରେ ଥିବା ବାଲେଶ୍ୱର, ମୟୂରଭଞ୍ଜ, କେଉଁଝରର ଷ୍ଟେସନଗୁଡ଼ିକ କାହିଁକି ଓଡ଼ିଶାର ପୂର୍ବତଟ ରେଳ ଡିଭିଜନରେ ସାମିଲ ହେବ ନାହିଁ କାହିଁକି ବୋଲି ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଭଦ୍ରକଠାରୁ ବ୍ରହ୍ମପୁର ଷ୍ଟେସନ ପର୍ଯ୍ୟନ୍ତ ଖୋର୍ଦ୍ଧା ଡିଭିଜନରେ ଥିବା ବେଳେ ଓଡ଼ିଶାର ରାଣୀତାଲଠାରୁ ଲକ୍ଷ୍ମଣନାଥ ପର୍ଯ୍ୟନ୍ତ ଖଡ଼ଗପୁର ଡିଭିଜନରେ ଅନ୍ତଭୁକ୍ତ ହୋଇଛି । ଆନ୍ଧ୍ର ପ୍ରଦେଶ ନିଜ ଜିଲାର ଷ୍ଟେସନଗୁଡ଼ିକୁ ନିଜ ଡିଭିଜନରେ ସାମିଲ କରିପାରିଥିବା ବେଳେ ଓଡ଼ିଶାର ଷ୍ଟେସନଗୁଡ଼ିକ ଖଡ଼ଗପୁର ଡିଭିଜନରୁ ପୂର୍ବତଟ ଡିଭିଜନରେ ମିଶ୍ରଣ କରିବାକୁ ରେଳ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସମସ୍ତ ସାଂସଦ, କେନ୍ଦ୍ର ମନ୍ତ୍ରୀ ଏବଂ ବିଧାୟକମାନେ ଏହି ଦାବିକୁ ଦୃଷ୍ଟିଦେବା ପାଇଁ ବୁଦ୍ଧିଜୀବୀ ଦାବି ହୋଇଛି ।

**AFFIDAVIT**

By virtue of an affidavit sworn before Executive Magistrate, Badasahi, Mayurbhanj dated 04.04.2026. I, Shantimani Hansdah, W/o- Sunil Kumar Hansdah resident of At- Majhiani, Po- Bhaliadiha, PS- Betnoti, Dist- Mayurbhanj, Pin-757018, Odisha declare that I have changed my name from Shantilata Hansdah to Shantimani Hansdah. Henceforth, I shall be known as Shantimani Hansdah for all purposes.

Sd/-
**Shantimani Hansdah**

No. 13001/65/2627

**MUNICIPAL COUNCIL: RAIRANGPUR**

Phone No. 06794-222054, E-Mail ID:- rairangpurn.hud@ori.nic.in/rrpurnac@gmail.com

**"e" PROCUREMENT NOTICE**

**TENDER CALL NOTICE NO:- 856 / dt. 26.03.2026**

| | | |
|---|---|---|
| 1. Name of the Work | : | Civil works |
| 2. Total No works | : | 2 No |
| 3. Estimated Cost | : | 20 to 41 Lacks |
| 4. Class of Contractors | : | As per DTCN |
| 5. Period of Completion | : | As per DTCN |
| 6. Availability of Tender Documents at-Office | : | 30.03.2025 at 11:AM to 08.04.2026 up to 5:00PM |
| 7. Tender Box Offline documents Dropping | : | 09.04.2026 up to 5:00PM |
| 8. Date & Time of opening of Tender | : | 10.04.2026 at 11:00AM |

Authority reserves the right to reject any of all the tenders without assigning any reasons thereof.

Tender Call notice can be downloaded in **www.tendersorissa.gov.in** and seen at notice board at Executive officer Rairangpur Municipality.

Sd/-
**Executive Officer**
**Rairangpur Municipality**

OIPR. 13001/13106/1/26-27/0001

No. 13001/73/2627

OFFICE OF THE
**MUNICIPAL COUNCIL, BHADRAK**
**BHADRAK**

**TENDER CALL NOTICE**

(Through E-Procurement)
Tender Reference No: BM-BDK-02-2026-27
Tender Call Notice No. 1496 / BM /dt. 06.04.2026
Tender ID No.

| | | |
|---|---|---|
| 1. | Name of the work | : Individual Civil construction works as per DTCN published in the website |
| 2. | No of works put to tender | : 12 Nos' individual civil construction works |
| 3. | Estimated cost | : As per DTCN |
| 4. | Period of completion | : As per DTCN |
| 5. | Date and time of availability of bid document in the portal | : From 10.00 hours of Dt.07.04.26 to 17.00 hours of Dt.16.04.26 |
| 6. | Mode of deposit towards cost of Bid document & EMD | : Online |
| 7. | Date and time of opening of bid | : 11.00 hours and onwards of Dt. 17.04.2026 |
| 8. | Name and address of the Officer Inviting Bid | : Executive Officer, Bhadrak Municipality, Bhadrak. |

Further detains can be seen from the e-procurement portal "**https://tendersorissa.gov.in**" or "**http://tenders.ori.nic.in/nicgep/app**"

Sd/-
**Executive Officer**
**Bhadrak Municipality**

OIPR. 13001/13152/1/26-27/0002











ଅନ୍ୟ ପ୍ରତି ବିଶ୍ୱାସ ସ୍ଥାପନ ନ କରିବା ସହଜ କଥା ନୁହେଁ, ସେଥିପାଇଁ ଦୃଢ଼ ମନୋବଳ ଦରକାର ।

# ଆଜିକାଲି



*ଯେଷାମର୍ଥେକାଙ୍କ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ*
*ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ ॥*
*(ଶ୍ରୀମଦ୍ ଭଗବଦ୍ ଗୀତା)*
*ଭାବାର୍ଥ : ଆମେ ଯେଉଁମାନଙ୍କ ପାଇଁ ରାଜ୍ୟ, ଭୋଗ ଓ ସୁଖାଦି ଅଭିଳାଷ କରୁଛୁ, ଦେଖନ୍ତୁ ଏହି ଠାରେ ସେହିମାନେ ତ ଧନ ଓ ଜୀବନର ଆଶା ଛାଡ଼ି ଯୁଦ୍ଧ କରିବାକୁ ଠିଆ ହୋଇଛନ୍ତି ।*

## ସାଇବର ଠକଙ୍କ ପ୍ରତି ସାବଧାନ ହୁଅ

ଦେଶରେ ଦିନକୁ ଦିନ ବୃଦ୍ଧି ପାଉଥିବା ସାଇବର ଅପରାଧର ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ୮୩,୮୬୭ ହ୍ୱାଟସ୍ ଆପ ଆକାଉଂଟ ଓ ୩୯୬୨ ସ୍ୱାଇପ ଆଇଡିକୁ ବ୍ଲକ କରିବା ଏକ ସମୟୋଚିତ ପଦକ୍ଷେପ ବୋଲି କୁହାଯାଇପାରିବ । ଡିଜିଟାଲ ଆରେଷ୍ଟ ସହ ନୂଆ ନୂଆ ତାଲିକାରେ ସାଇବର ଅପରାଧିମାନେ ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଲୁଟ ନେବା ଘଟଣା ବଢିଚାଲିଥିବାବେଳେ ଏହାକୁ ନିୟନ୍ତ୍ରଣ କରିବା ଏକ ପ୍ରକାର କଷ୍ଟକର ହୋଇପଡିଛି । କହିବା ବାହୁଲ୍ୟ ଯେ, ସାଇବର ଅପରାଧିଙ୍କ ନିଶାଣରୁ ଓକିଲ, ବିଚାରପତି, ଡାକ୍ତର, ଇଂଜିନିୟର, ନେତା, ଶିକ୍ଷିତ, ଅଶିକ୍ଷିତ କେହି ବି ବାଦ ପଡୁନାହାଁନ୍ତି । ଧମକ ଦେଇ, ପ୍ରଲୋଭନ ଦେଇ ସାଇବର ଅପରାଧିମାନେ ବିନା ପ୍ରତିବନ୍ଧକରେ ସେମାନଙ୍କର ନେଟୱାର୍କ ବଢାଇ ଚାଲିଛନ୍ତି । କେବଳ ଭାରତ ନୁହେଁ, ସାରା ବିଶ୍ୱ ପାଇଁ ସାଇବର ଲୁଟ ଏବେ ମୁଣ୍ଡ ବ୍ୟାଥାର କାରଣ ହୋଇଛି । ଏହା ନିସନ୍ଦେହ ଯେ, ଭାରତରେ ଦୃତ ଡିଜିଟାଲ ସମ୍ପ୍ରସାରଣ ସଂଗଠିତ ସାଇବର ଅପରାଧ ପାଇଁ ଉର୍ବର କ୍ଷେତ୍ର ସୃଷ୍ଟି କରିଛି । କେବଳ ଏତିକି ନୁହେଁ, ଦୃତ ଡିଜିଟାଲ ଗ୍ରହଣ ଦେଶରେ ଏବେ ଅନଲାଇନ ଅପରାଧର ଏକ ସଂଗଠିତ ନେଟୱାର୍କରେ ପରିଣତ ହୋଇଛି । ଦି ମେଟା ଏଚଆଇ ୨୦୨୬ ଆଡଭର୍ସସାରିଆଲ ଥ୍ରୀଏଟ ରିପୋର୍ଟରେ କୁହାଯାଇଛି ଯେ, ଭାରତୀୟମାନେ ଏବେ ବିଶ୍ୱରେ ସାଇବର ଅପରାଧର ଟାର୍ଗେଟରେ ଦ୍ୱିତୀୟ ବୃହତମ କ୍ଷେତ୍ର ପାଲଟିଛି । ସେହିପରି ଏହା କ୍ରମଶଃ କର୍ପୋରେଟ ଷ୍ଟାଇଲରେ ଠକାମିର ଅପରାଧିକ ଶିଳ୍ପରେ ବିକଶିତ ହୋଇଛି । ଜାଲ ନେଟୱାର୍କ ସାମାଜିକ ଗଣମାଧ୍ୟମ, ସାଂକେତିକ ବା ଗୁପ୍ତ କୋର୍ଡ ମାସେଜ ସେବା ଏବଂ କୃତ୍ରିମ ବୁଦ୍ଧିମତା (ଏଆଇ) ବ୍ୟବହାର କରି ବ୍ୟକ୍ତିମାନଙ୍କ ସଂକ୍ଷିପ୍ତ ବିବରଣୀ ସହ ପରିଚୟ ଠାବ କରି ଶୋଷଣ କରିଥାନ୍ତି । କେବଳ ୨୦୨୫ରେ ମେଟା ମ୍ୟାମାଁର, ଲାଓସ, କାମ୍ବୋଡିଆ, ୟୁଏଇ ଏବଂ ଫିଲିପାଇନସରେ ସ୍କାମ ସେଂଟର ସହ ସଂଯୁକ୍ତ ୧୦.୯ ମିଲିଅନ ଆକାଉଂଟ ବାଦ ଦେଇଥିଲା । ଏବେ ପୁଣି ସାଇବର ଠକେଇର ତରିକା ବଦଳି ଗଲାଣି । ଅନଲାଇନ ଠକେଇ ଆଉ ବାଛବିଚାର ଶୂନ୍ୟ ଗଣ ମ୍ୟାସେଜ ଠାରେ ସୀମିତ ନାହିଁ । ସାଇବର ଅପରାଧିମାନେ ଏବେ ଧନୀକ ଏବଂ ପ୍ରଭାବଶାଳୀ ବର୍ଗର ଲୋକଙ୍କୁ ନିଶାଣ କରୁଛନ୍ତି । କେତେକ କ୍ଷେତ୍ରରେ ସାଇବର ଅପରାଧିମାନେ ନିଜକୁ ପୋଲିସ ଅଫିସର, ସିବିଆଇ ଅଧିକାରୀ କିମ୍ବା ତଦନ୍ତକାରୀ ଅଧିକାରୀ ଭାବେ ପରିଚୟ ଦେଇ ସେମାନଙ୍କର ପୂର୍ବ ଜାଲିଆତିର ସମାଧାନ କରିଦେବା ପାଇଁ କିଛି ଅର୍ଥ ମାଗୁଛନ୍ତି । ଆହୁରି ମଧ୍ୟ ସେମାନେ ମିଥ୍ୟା ଅଭିଯୋଗରେ ଧନୀକ, ପଦସ୍ଥ ଅଫିସର, ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କୁ ଆତଙ୍କିତ କରି କୋଟି କୋଟି ଟଙ୍କା ଆକାଉଂଟରୁ ଲୁଟି ନେଉଛନ୍ତି । ଯାହାକୁ ଡିଜିଟାଲ ଆରେଷ୍ଟ କୁହାଯାଏ । ଭିଡିଓ କଲ ଜରିଆରେ ନକଲି ପୋଲିସ ୟୁନିଫର୍ମ ପିନ୍ଧି ନିଜକୁ ପ୍ରଦର୍ଶିତ କରୁଛନ୍ତି । ସେହିପରି ଲୋଭନୀୟ ମାସେଜ ଦେଇ ଲୁଟୁଥିବା ବହୁ ଘଟଣା ଲୋକଲୋଚନକୁ ଆସିଛି । ସାଇବର ଅପରାଧ ଏବେ ସୁବିଧାବାଦୀ ଠକେଇରୁ ସୁସଂଗଠିତ ଶୋଷଣରେ ରୂପାନ୍ତରିତ ହୋଇଥିବା କୁହାଯାଇପାରେ । କହିବା ବାହୁଲ୍ୟ ଯେ, ଭାରତର ଡିଜିଟାଲ ଇକୋସିଷ୍ଟମ ଦେଶବାସୀଙ୍କ ପାଇଁ ଏବେ ଦୁର୍ବଳତାରେ ପରିଣତ ହୋଇଛି । ଦେଶରେ ୫୦କୋଟିରୁ ଅଧିକ ଲୋକ ସାମାଜିକ ଗଣମାଧ୍ୟମରେ ସକ୍ରୀୟ ଥିବାବେଳେ ନିକୃଷ୍ଟମାନର ଶସ୍ତା ସ୍ମାର୍ଟଫୋନ, ଶସ୍ତାଡାଟା ଏବଂ ଇନଷ୍ଟା ଡିଜିଟାଲ ନେଣଦେଣ ସିଷ୍ଟମ ଏବେ ସମୁହ ବା ଗଣପିଡିତ ସମ୍ଭାବନାକୁ ବ୍ୟାପକ କରିଥିବା ମନେହୁଏ । ଏହା ନିସନ୍ଦେହ ଯେ, ଦେଶରେ ଡିଜିଟାଲ ଗ୍ରହଣ ଡିଜିଟାଲ ସାକ୍ଷରଙ୍କ ତୁଳନାରେ ଦୃତଗତିରେ ବଢିଚାଲିଛି ଏବଂ ଫଳସ୍ୱରୁପ ଭାରତୀୟମାନେ ଗାୟବ ହୋଇଯାଉଥିବା ପାର୍ଲିଆମେଂଟରେ ଉପସ୍ଥାପିତ ତଥ୍ୟ ସଂକେତ ପ୍ରଦାନ କରେ । ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ଦେଶରେ ୨୨,୮୪୫ କୋଟି ଟଙ୍କା ସାଇବର ଠକେଇ ହୋଇଥିଲା । ଯାହାକି ବାର୍ଷିକ ୨୦୬ ପ୍ରତି ବୃଦ୍ଧି ବୋଲି କୁହାଯାଇଛି । ୨୦୨୫ର ଠକେଇ ଆହୁରି ଅଧିକ ବଢିଛି । ତେବେ ଠକେଇ ଅର୍ଥରୁ ପୋଲିସ ୮୦୩୧ କୋଟି ଟଙ୍କା ଉଦ୍ଧାର କରିପାରିଥିବା ସରକାରୀ ରିପୋର୍ଟରୁ ଜଣାଯାଇଛି । ସନ୍ଦିଗ୍ଧ କାରବାର ଠାବ କରିବା ପାଇଁ ସରକାର ଭାରତୀୟ ସାଇବର କ୍ରାଇମ କୋ-ଅର୍ଡିନେସନ ସେଂଟର ଏବଂ ନ୍ୟାଶନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ପ୍ରତିଷ୍ଠା କରି ଅଭିଯୋଗଗୁଡିକୁ ସୁବ୍ୟବସ୍ଥିତ କରିବା ଲାଗି ପଦକ୍ଷେପ ଗ୍ରହଣ କରିଛନ୍ତି । କିନ୍ତୁ ଅନ୍ତରାଷ୍ଟ୍ରୀୟ ସାଇବର ନେଟୱାର୍କ ବା ବିଦେଶ ମାଟିରୁ ଠକେଇ ପରିଚାଳିତ ହେଉଥିବାରୁ କାର୍ଯ୍ୟାନୁଷ୍ଠାନ ସମ୍ଭବ ହେଉଥିବା ଜଣାଯାଏ । ତେବେ ସବୁଠୁ ଗୁରୁତବ୍ପୂର୍ଣ୍ଣ ହେଉଛି, ସାଇବର ଅପରାଧୀମାନେ ବ୍ୟାଙ୍କ, ଆର୍ଥିକ ପ୍ରତିଷ୍ଠାନ, ଇନସ୍ୟୁରାନ୍ସ, ସ୍ୱାସ୍ଥ୍ୟସେବା ସଂସ୍ଥା ଏବଂ ଠକେଇ ନିବାରଣ ସଂସ୍ଥା ଜାଲ ବା ସ୍କାମ ମ୍ୟାସେଜ, ଜାଲ ଅକାଉଂଟଗୁଡିକୁ ଚିହ୍ନଟ କରିବା ଲାଗି ଟକ୍ନୋଲୋଜିକୁ ଆଡଭାନ୍ସ କରିବାର ଆବଶ୍ୟକତା ରହିଛି । ଅନ୍ୟଥା ଡିଜିଟାଲ ସିଷ୍ଟମ ଯେତିକି ଯେତିକି ଅଗ୍ରଗତି କରିବ, ଠକେଇ ସେତିକି ସେତିକି ବଢିଚାଲିଛି । ଇତମିଧ୍ୟରେ ସରକାର ୮୨୭ଟି ସନ୍ଦିଗ୍ଧ ମୋବାଇଲ ଆପକୁ ନିଷିଦ୍ଧ କରିବା ସହ ୮.୪୫ ଲକ୍ଷ ସିମକାର୍ଡ ୨.୩୯ ଲକ୍ଷ ମୋବାଇଲ ଆଇଏମଇଆର ନମ୍ବରକୁ ଚିହ୍ନଟ କରିଛନ୍ତି । ସେହିପରି ହଜାର ହଜାର ଜାଲ ଆକାଉଂଟକୁ ନିଷିଦ୍ଧ କରିବା ସହ 'ସହଯୋଗ' ପୋର୍ଟାଲ ଜରିଆରେ ୧୧ଲକ୍ଷ ଆପତିଜନକ ବିଷୟ ବସ୍ତୁକୁ ହଟାଇ ଦେଇଛନ୍ତି । ସାଇବର ଠକେଇକୁ ରୋକିବା ଲାଗି ଜନସାଧାରଣ ସଚେତନ ଓ ସଜାଗ ହେବା ଜରୁରୀ ।

## କୃପାକର ଜଗନ୍ନାଥ

◆ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ

ମାଆରୁ ମଶାଣି ଜୀବନ ତରଣୀ
ଗମିଲାଣି କେତେ କାଳ
ତଥାପି ମୋ' ଆଶା ବଢାଉଛି ତୃଷା
ପାଉନାହିଁ ଥଳକୂଳ ।।



ସାରକୁ ତେଜିଲି ଅସାରେ ମଜିଲି
ଖୋଜିଲି ସୁଖ ସଂସାରେ
ବିଷୟ ପାଶରେ ନିଜକୁ ବାନ୍ଧିଲି
ଚିନ୍ତିଲିନି ପ୍ରଭୁ ବାରେ ।।

ଚିନ୍ତାମଣି ସାଇଁ ଚିନ୍ତନରେ ଆସ
ଚେତାଅ ଚିତକୁ ମୋ'ର
ଚିନ୍ମୟ ସ୍ୱରୂପ ଚିତ୍ରଣ କର ହେ
ଚେତି ଉଠୁ ହୃଦଘର ।।

ତୁମଠୁ ଆରମ୍ଭ ତୁମ ଠାରେ ଶେଷ
ତୁମେ ମୋ' ନିଶ୍ୱାସ ପ୍ରଭୁ
ତୁମରି ଦୟାରେ ଜଗତେ ବଂଚିଛି
ତୁମବିନା ଦୀନ ବିଭୁ ।।

ଥରେ କର କୃପା ନାଥ ଜଗନ୍ନାଥ
ହେମନ୍ତ କରଇ ଅଳି
ତୁମରି ଶ୍ରୀମୁଖ ଦେଖୁଥିବି ସଦା
ପୂର୍ଣ୍ଣକର ଦାସ ଥାଳି ॥

*ଖୟେଶ୍ୱରୀ ପାଟଣା, ଆସିକା,ଗଞ୍ଜାମ -୯୮୬୧୩୩୪୮୬୮*

ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଦିବସ

# ଦୁର୍ନୀତି, ହିଂସା ଓ ଧ୍ୱଂସ ମୁଖରୁ ସୁରକ୍ଷାର ମାର୍ଗ

ଆଜିର ସୂଚନାପ୍ରଯୁକ୍ତି ଯୁଗରେ ମଣିଷ ଅସମ୍ଭବକୁ ସମ୍ଭବ କରିପାରୁଛି । ମହାଶୂନ୍ୟରେ ବିଚରଣ କରୁଛି । ସୁନିତା ଉଇଲିଅମ୍ସ୍ ପରି ମାସ ମାସ ଧରି ଅବସ୍ଥାନ ବି କରିପାରୁଛି । ଚନ୍ଦ୍ରରେ ତ କେବେଠୁ ପହଂଚ୍ ସାରିଲାଣି । କିନ୍ତୁ ଘୋର ଦୁଃଖ ଓ ପରିତାପର ବିଷୟ ନିଜ ହୃଦୟ ପାଖରେ, ନିକଟତମ ଆତ୍ମୀୟର ହୃଦୟ ପାଖରେ ସେ ପହଂଚ୍ ପାରୁନାହିଁ । ଘଂଟାକଂଟା, ମିନିଟ୍ ଦ୍ୱାରା ଅନ୍ତରୀକ୍ଷ ଯାନକୁ ନିୟନ୍ତ୍ରଣ କରୁଛି ସିନା, ନିଜ ମନକୁ ନିୟନ୍ତ୍ରଣ କରିପାରୁନାହିଁ । କ୍ରାନ୍ତିକାରୀ ବାହ୍ୟପ୍ରଗତି, ଏତେ ସୁଉଚ୍ଚ ହର୍ମ୍ୟମାଳା, ଏତେ ଆମୋଦପ୍ରମୋଦର ଚାକଚକ୍ୟ ଭରା ଆଧୁନିକ ସାମଗ୍ରୀ ସହ ବିଜ୍ଞାନର ସୁଦୂରପ୍ରସାରୀ ଜୟଯାତ୍ରା । କିନ୍ତୁ ମାନସିକ ଶାନ୍ତି ନାହିଁ, ନିର୍ମଳ ଆନନ୍ଦ ବି ନାହିଁ । ତ୍ୟାଗଭରା ସ୍ନେହମମତା ବି ନାହିଁ । ସର୍ବୋପରି ମାନବିକତା ବି ନାହିଁ । ସମାଜବାଦର ଏତେ ସ୍ଲୋଗାନ ଭିତରେ ମଣିଷ ଅଧିକରୁ ଅଧିକ ସ୍ୱାର୍ଥପର, ବ୍ୟକ୍ତିବାଦୀ ହୋଇଯାଉଛି । ବିଭିନ୍ନ ବାଦର ପ୍ରତିଷ୍ଠା ପାଇଁ ଏତେ ଯୁକ୍ତି ଦ୍ୱନ୍ଦ୍ୱ ହେଉଛି ହେଲେ ସମାଜରୁ କ୍ରମଶଃ ମାନବବାଦ ଓ ମାନବିକତା ହଜି ହଜି ଯାଉଛି ।ଯେ କୌଣସି ମୁହୂର୍ତ୍ତରେ ଅତି ଅପ୍ରତ୍ୟାଶିତ ଭାବରେ ଘର ଭିତରେ କର୍ମକ୍ଷେତ୍ରରେ ଲକ୍ଷ ଲକ୍ଷ ଲୋକଙ୍କ ଆଖି ସାମ୍ନାରେ ମଣିଷ ମଣିଷକୁ ହତ୍ୟା କରୁଛି । ନୃଶଂଶ ଭାବେ ରକ୍ତର ହୋଲି ଖେଳୁଛି । ଇଏ ହେଉଛି ସେଇ ଅମୃତସ୍ୟ ପୁତ୍ରାଃ । ଦ୍ୱିତୀୟତଃ, ଭଗବତ୍ ବିଶ୍ୱାସ ବି ରଖୁଛି, ସ୍ୱୀକାର ବି କରୁଛି ଭଗବାନ୍ ସର୍ବନିୟନ୍ତା, ସର୍ବାନ୍ତର୍ଯ୍ୟାମୀ ଓ ସବୁଠି ବିଦ୍ୟମାନ, ହେଲେ ଷଡ଼ରିପୁରେ ଜର୍ଜରିତ ସେଇ ତଥାକଥିତ ଅମୃତର ସନ୍ତାନଟି ଆଜି ନିଜର ସ୍ଥାନ କେଉଁଠି ରଖିଛି ? ଏ ଯୁଗର ସାର୍ଟିଫିକେଟଧାରୀ ଟଙ୍କାର ପାହାଡ଼ ଉପରେ ବିଚରଣ କରୁଥିବା ଆଧୁନିକ ମଣିଷଟି ନାହିଁ ନଥିବା ଭୟ ଓ ଆତଙ୍କ ଭିତରେ ସମୟ କାଟୁଛି । ଛତୁ ଫୁଟିଲା ପରି ବିଦ୍ୟାଳୟ, ମହାବିଦ୍ୟାଳୟ, କେତେ ପ୍ରକାରର ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାଯୋଜନା ଭିତରେ ସତରେ କେତେ ଅସୁରକ୍ଷିତ ଆମର ମଣିଷ ଜୀବନ ଟିକକ । ଶିକ୍ଷା ଉପହାସ କରୁଛି । ସାମାନ୍ୟ ଦ୍ୱନ୍ଦ୍ୱକୁ କେନ୍ଦ୍ରକରି ଅଗଠିତ, ଅସଂଯମୀ ମନ ନୃସଂଶ ହତ୍ୟାକାଣ୍ଡ ଘଟାଉଛି । ସାମାନ୍ୟ କେତୋଟି ଟଙ୍କା ଆଉ ବୋତଲେ ମଦରେ ଜଣେ ଅପରିଚିତ ଲୋକବି ଜଣଙ୍କ ଜୀବନ ନେଇ ପାରୁଛି । ଯେଉଁଠି ଜଣଙ୍କୁ ଜୀବନ ଦେବାର କ୍ଷମତା ବି ନାହିଁ । ବହୁ ଆଡ଼ମ୍ବର ରୂପ ସୌନ୍ଦର୍ଯ୍ୟରେ ସଜ୍ଜିତ ଚରିତ୍ରମାନେ ଆଜି ଅଶ୍ଳୀଳ ଭାବେ ପ୍ରଦର୍ଶିତ ହୋଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରି ଅନ୍ତରରେ ଯେଉଁ ତୃଷ୍ଣା, ଅତୃପ୍ତି, ଆଶନ୍ତି, ଜ୍ୱଳନ, ଛଳନା ଓ ସମସ୍ୟାକୁ ବଢ଼ାଇ ଚାଲିଛନ୍ତି, ସେଥିପାଇଁ ଦାୟୀ କିଏ ? ଏପରି ଅବସ୍ଥା ହୋଇଛି, ଧନ, ସମ୍ମାନ, ପ୍ରାଚୁର୍ଯ୍ୟ ଭିତରେ ବି ମଣିଷ ଟିକିଏ ଶୁଦ୍ଧ ତ୍ୟାଗଭରା ସ୍ନେହ ଓ ମାନସିକ ଶାନ୍ତି ପାଇଁ ହାହାକାର କରୁଛି । ଆତ୍ମହତ୍ୟା ସଂଖ୍ୟା ବଢ଼ି ଚାଲିଛି । ନିର୍ଯ୍ୟାତନାର ଘଟଣା ତ ଅତି ମାମୁଲି । ଖାଦ୍ୟ, ଔଷଧ, ସ୍ନେହ, ମମତା, ଭଦ୍ରତା, ସବୁ ଯେପରି ଭେଜାଲ । ଯାନ୍ତ୍ରିକ ଓ କୃତ୍ରିମ ସଭ୍ୟତା ସହ ମଣଷ ଯନ୍ତ୍ରପରି କାମ କରିଚାଲିଛି, କିନ୍ତୁ ବେଶୀ ହୃଦୟହୀନ, ବିଚାରଶୂନ୍ୟ, ମାନବିକତାଶୂନ୍ୟ ହୋଇପଡୁଛି । ପୁଣି ମଣିଷ ଯନ୍ତ୍ରଠାରୁ ବି ଅଧିକ ଭୟଙ୍କର ଓ କ୍ଷତିକାରୀ ହୋଇଉଠୁଛି । ତେବେ ପ୍ରଶ୍ନ ଉଠୁଛି, ଏ ସମାଜରେ ସୁପରିବର୍ତନ କିପରି ହେବ ? ଲୋକମାନଙ୍କର ମନ, ରୁଚି, ବିଚାରଧାରା ଓ ବିଶ୍ୱାସର ପରିବର୍ତନ ଓ ଉନ୍ନତି ଲୋଡ଼ା । ଏହା ସମ୍ଭବ ହୋଇପାରିବ ଶିକ୍ଷା, ସଂଗୀତ, କଳା, ଗଣମାଧ୍ୟମ କ୍ଷେତ୍ର ତଥା ଧର୍ମସଭା, ମାନବିକ ଚେତନା ଜାଗରଣ ସଭା ଓ ସର୍ବୋପରି ଜଣଙ୍କର ଦୃଢ଼ ଆତ୍ମବିଶ୍ୱାସ ଦ୍ୱାରା । ସମ୍ପ୍ରତି ଗବେଷକ, ବୁଦ୍ଧିଜୀବୀ ଓ ମନସ୍ତତ୍ୱବିଦ୍‌ମାନେ ସ୍ୱୀକାର କରୁଛନ୍ତି ଯେ ସମାଜରେ ଏପରି କୁପ୍ରଭାବଶାଳୀ ଚରିତ୍ରର ପ୍ରଭାବ ହିଂସାପ୍ରତିହିଂସା, ପାଶବିକତା, ତୃଟିପୂର୍ଣ୍ଣ, ଦୁର୍ନୀତି, କଳାବଜାର, ମଦ୍ୟପାନ ଦ୍ୱାରା ସମ୍ଭବ ହୋଇପାରୁଛି । ଏକ ଉନ୍ନତ ଶୋଭନୀୟ, ମଙ୍ଗଳମୟ, ଶାନ୍ତିମୟ ଭବିଷ୍ୟତ ଗଢ଼ିବା ପାଇଁ ମଣିଷ ସମାଜ ନିଜକୁ ପ୍ରଯତ୍ନ କରୁ । ପଶୁତ୍ୱର ପ୍ରବୃତିକୁ ପରିହାର କରି ନିଜ ବିବେକର ଆହ୍ୱାନରେ ମଣିଷ ତା'ର ପ୍ରବୃତିକୁ ସୁନିୟନ୍ତ୍ରିତ କରୁ । ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ଜୀବ । ପ୍ରବୃତିର ସୁନିୟନ୍ତ୍ରଣ, ସୁପ୍ରୟୋଗ ଦ୍ୱାରା ହିଁ ମାନବ ଜୀବନର ସାର୍ଥକତା ନିହିତ, ସଂକୀର୍ଣ୍ଣତା, ସ୍ୱାର୍ଥପରତା, କ୍ଷମତାଲିପ୍ସା, ଛଳନା, ଭ୍ରାନ୍ତି ଓ ଅହଂକାରର ମୋହମାୟା ସେ ପରିହାର କରୁ । ପଂଚମାନବୀୟ ମୂଲ୍ୟବୋଧକୁ ନିଜ ଜୀବନର ବ୍ରତ ଭାବେ ପାଳନ କରି ମଣିଷ ସମାଜ ନିଜ ଜୀବନର ଦିବ୍ୟପଥରେ ଅଗ୍ରସର ହେଲେ ମଣିଷ ଜୀବନ ସାର୍ଥକ ହୁଅନ୍ତା ।

# ଶୋଭନୀୟ ଝଙ୍କାରର ଅନାହତ ଆହ୍ୱାନ....

◆ ଅରୁନ୍ଧତୀ ଦେବୀ



ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଦିବସ ଓ ପୂଜ୍ୟ ଶ୍ରୀକୁମାର ଭାଇଙ୍କ ଜୟନ୍ତୀ

ସେ ଆସନ୍ତି ଯୁଗେ ଯୁଗେ ଏଥର ସେମିତି 'ଯଦା ଯଦାହି ଧର୍ମସ୍ୟ...'ର ସତ୍ୟକୁ ବହନ କରି ଜଗତର ସୁରକ୍ଷା, ଶାନ୍ତି ମଙ୍ଗଳାର୍ଥେ । ଅନୀତି, ଅଶାନ୍ତି ଅଶୋଭନୀୟତାର କରାଳ ଅନ୍ଧକାରମୟ ଗହ୍ୱର ଆଡ଼କୁ ତୀବ୍ର ବେଗରେ ଧାବମାନ ମାନବ ମଧ୍ୟରେ ଚେତନାର ଆଲୋକ ବିଂଚ୍ବା ନିମନ୍ତେ । ଶୁଭ୍ରବସ୍ତ୍ର ପରିହିତ ସେହି ଅତି ମାନୁଷୀ ପ୍ରେମ କରୁଣାସିକ୍ତ ମୂର୍ତି । କୁମୁଦ କଳି ନିନ୍ଦିତ ଦେବ ତପସ୍ୱୀର ଢ଼ଳ ଢ଼ଳ ବିଶାଳ ଦୀପ୍ତ ନୟନ ଯୁଗଳ । ଭ୍ରାନ୍ତି ପଥର ପଥିକ ତଥା ଦୁଃଖ, ଦୁର୍ଦ୍ଦଶା ଜର୍ଜରିତ ମଣିଷର ଉଦ୍ଧାର ପାଇଁ ଅଜସ୍ର ସମବେଦନାରେ ଜଡ଼ସଡ଼ ସେ ଦୟାର୍ଦ୍ର ମୁଖମଣ୍ଡଳର ରେଖା ସକଳ । ଅତି ଆକୁଳ ସେ ବ୍ୟଥିତ ପ୍ରାଣର କମ୍ପନ । ହେ ବର୍ଣ୍ଣନାତୀତ ! ହେ ଜ୍ଞାନାତୀତ ! ହେ ଅଗମ୍ୟ । ହେ ମନର ଅଗୋଚର... ତୁମରି ତୃପ୍ତିପ୍ରଦ କଥାମୃତ ଶ୍ରବଣରେ ପ୍ରାଣ ହୋଇଉଠେ ଉଲ୍ଲସିତ । ତୁମ ବାଣୀ ଏତେ ଶୋଭାମୟ, ଆନନ୍ଦଦାୟକ ଯେ ତାହା ନିକଟରେ ତୁଚ୍ଛ ହୋଇଯାଏ ଏପରିକି କୈବଲ୍ୟର ବିଶେଷତ୍ୱ । ତରଳ ଭକ୍ତିରସର ଅଫୁରନ୍ତ ଉତ୍ସାହ ସହେ ପ୍ରବଳ ପରାକ୍ରମ ଉଦ୍ରେକକାରୀ ଜୀବନ ଗୀତାର ପ୍ରବକ୍ତା । ଭାସି ଆସୁଛି ତୁମ ପଂଚଜନ୍ୟର ନିର୍ଘୋଷ - 'ଉଠ ଅର୍ଜୁନ ଜାଗ ଜାଗ, ତୁମେ କ୍ଳାନ୍ତ ଅବଶ ହୁଅନା, ଉଠ ଅର୍ଜୁନ ଧର ଅସ୍ତ୍ର, ତୁମେ ମାୟା ଆସକ୍ତି ବରନା ।' ହେ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ପ୍ରାଣମୟ କର୍ତା, ସ୍ରଷ୍ଟା ! ଅପୂର୍ବ ଉତ୍ସାହ ଉଦ୍ଦୀପନାର ସେହି ପବିତ୍ର ମନ୍ତ୍ରୋଦକ ସ୍ନାତ ସମର୍ଥ ଯୋଦ୍ଧା ଆପଣଙ୍କ ପରମ ପ୍ରଶାନ୍ତିର ପୂର୍ଣ୍ଣ କୃତି, ଆଜି ଶୋଭନୀୟ ରଥର ପୁରୋଭାଗରେ ବିଦ୍ୟମାନ । ଆମ୍ଭମାନଙ୍କ ଉତ୍ସାହ ସେଥିପାଇଁ ହୋଇଛି ବହୁଗୁଣିତ । ଶକ୍ତି ଲାଗୁଛି ଅପରିମିତ । ଭୟ, ଆଶଙ୍କା ତୁଟିଯାଉଛି । ହଁ, ଅସମ୍ଭବ କ'ଣ ? 'ତ୍ୱୟା ହୃଷିକେଶ ରଥେ ସ୍ଥିତେନ' । ତୁମେ ତ ସ୍ୱୟଂ ରଥାରୂଢ଼, ରଥରେ ଅବସ୍ଥାପିତ । ସେହି ରଥରେ ଶୋଭା ପାଉଛି ମାନବିକତାର, ପୂର୍ଣ୍ଣକୁମ୍ଭ, ଯହିଁରେ ମାନବପ୍ରୀତି, ଦୟା, କ୍ଷମା, ତ୍ୟାଗ, ତିତିକ୍ଷା, ସହିଷ୍ଣୁତା, ଉଦାରତା ଆଦି ରସରେ ପରିପୂର୍ଣ୍ଣ ହୋଇ ରହିଛି । ଶୋଭନୀୟ ବାହିନୀର ଯାତ୍ରୀଗଣ ସ୍ମରଣ କରୁଛନ୍ତି ଆପଣଙ୍କ ସୁପ୍ରେରଣାଦାୟୀ ଆହ୍ୱାନକୁ । ସେହି ପରମ ଶାନ୍ତିପ୍ରଦ ଅଭୟ ଚରଣରେ ଶରଣ ନେଇ ଏବଂ ଆତ୍ମଶୁଦ୍ଧି, ବିଶ୍ୱ ଶୁଦ୍ଧିର ଶୋଭନୀୟ ରଥରେ ଆଶ୍ରୟ ନେଇ, ଜାଗରେ ଶୋଭନୀୟ ବାହିନୀ, ଉଠରେ ବୀର ସନ୍ତାନଗଣ, ପ୍ରସ୍ତୁତ ରୁହରେ ସେନାପତିଙ୍କ ନିର୍ଦ୍ଦେଶ ପାଇଁ, ଅଶାନ୍ତି, ଅସାଧୁତା, ନିଷ୍ଠାହୀନତା, ଅମାନବିକତା, ସନ୍ତ୍ରାସବାଦ ଯୁଦ୍ଧର ବିଭୀଷିକାରେ ପୋଡ଼ି ଯାଉଥିବା ମଣିଷ ଜୀବନର ହାହାକାରକୁ ଦେଖୁଥିବା ? ହେ ସୁନୀତି ସାଧକଗଣ ! କିଏ କେଉଁଠାରେ ଅଛ ଶୀଘ୍ର ଆସ ! ମନ ଦାନ କର । ଶ୍ରମ ଦାନ କର । ତୁମରି ପାଇଁ ଆଜି ଶୋଭନୀୟ ରଥ ବରରେ 'ଆଉ କେହି ଭଲ ହେଉ ବା ନ ହେଉ, ଭଲ ମୁଁ ନିଜକୁ କରିବଇଁ'ର ମହାମନ୍ତ୍ରକୁ, ଗାଅରେ ଶୋଭନୀୟ ଯୁଗର ସ୍ୱାଗତିକା, ଆଦରି ନିଅରେ ଆତ୍ମସମୀକ୍ଷାର ବ୍ରତ, ହୁଅରେ ଆତ୍ମଶୁଦ୍ଧିରେ ଶକ୍ତ । କେତେ କାଳ ଆଉ ଦୁର୍ଲ୍ଲଭ ମଣିଷ ଜୀବନର ଉଜୁଡ଼ା ସ୍ୱପ୍ନକୁ ସାମ୍ନା କରୁଥିବା ? କେତେକାଳ ଆଉ ହିଂସା, ପ୍ରତିହିଂସା, ହଣା, ମରା, ଗୁଳିଗୋଳା, ବୋମା ବିସ୍ଫୋରଣରେ ମାନବ ଜୀବନର ମହତ୍ୱକୁ କଳଙ୍କିତ କରୁଥିବା, କେତେକାଳ ଆଉ ଅମୃତମୟ ଜୀବନକୁ ବିଷାକ୍ତ କରୁଥିବା, କେତେ ଆଉ ଅନୀତି, ଦୁର୍ନୀତି, ପ୍ରତୀକ୍ଷା କରି ରହିଛି । ତୁମେ ପହ□ିଗଲେ ସେ ଘର୍ଘର ନାଦରେ ଆଗକୁ ଗଡ଼ିଚାଲିବ । ଜଗତ ଚମକି ଚାହିଁବ । ସାଧୁସନ୍ଥ ହର୍ଷୋତ୍‌ଫୁଲ୍ଲ ହେବେ । ଦୂରାଚାରୀ, ଅନ୍ୟାୟୀ ଭୟରେ କମ୍ପମାନ ହେବେ । ଶୋଭନୀୟ ତୂର୍ଯ୍ୟ ନାଦରେ ଅନୀତି ରାକ୍ଷସ ଆତ୍ମଗୋପନ କରିବ । ଆସ ମା' ମଙ୍ଗଳମୟୀ, ଦୁହିତା, ବନିତା, ଭଗିନୀ, ରାଷ୍ଟ୍ରର ପତାକା । ଆସ ପୁତ୍ର, ଭ୍ରାତା, ପିତା ଯାତ୍ରାର ବର୍ତୀକା । ଅନୀତି ଅନ୍ଧକାର ଘେରା ରଜନୀ । ଜାଳିଦେବା ଆମେ ବାସ୍ତବ ଶାନ୍ତି ସଂପ୍ରୀତିର ଦୀପାଳି । ଆଜି ଚିରବନ୍ଦ୍ୟ ଗୁରୁଦେବ ପୂଜ୍ୟ ଶ୍ରୀ ଭାଇଙ୍କର ପବିତ୍ର ଜୟନ୍ତୀ ଉତ୍ସବ । ଜଗତବାସୀଙ୍କ କଲ୍ୟାଣ ନିମନ୍ତେ ତାଙ୍କ ଭାବ ସମୂହକୁ ସର୍ବତ୍ର ପହଂଚାଇବାର ଗୁରୁଦାୟିତ୍ୱ ରହିଛି । ଏଥିରେ ଆମେ କିଛି ସମ୍ପ୍ରଦାୟ ଗଠନ କରୁନୁ, କିଛି ଗୋଟାଏ ଧର୍ମ ପ୍ରଚାର କରୁନୁ । କେଉଁ ଧର୍ମକୁ ଆହତ କରୁନୁ । ବରଂ ତାଙ୍କ ଦର୍ଶନରେ ନିନାଦିତ ହୁଏ ସବୁ ଧର୍ମର ସାରବତାର ଜୟ ଗାନ । ସବୁବାଦର ମୂଳବାଦ ମାନବବାଦର ଜୟଗୀତି । ହେ ସୁପରିବର୍ତନର ବାର୍ତାବହ ସୁଆଶାର ସୂର୍ଯ୍ୟ ! ତୁମ ହୃଦୟ କନ୍ଦରରୁ ଫିଟି ପଡିଛି ଅସଂଖ୍ୟ ଶୋଭନୀୟ ସାହିତ୍ୟର ଅମୀୟ ନିର୍ଝର । ସୃଷ୍ଟି ହୋଇଛି ଶୋଭନୀୟ ସାହିତ୍ୟର ସମୁଦ୍ର, ଯାହାର ବିସ୍ତୃତି ଆଖି ପାଏନା କି ସେ ଅମୂଲ୍ୟ ରତ୍ନର ମୂଲ୍ୟକୁ କଳି ହୁଏନା । ବିଶ୍ୱ ସାହିତ୍ୟରେ ଯାହାର ତୁଳନା ନାହିଁ । ସୃଷ୍ଟିର କଲ୍ୟାଣ ପାଇଁ ତାହା ନିରନ୍ତର ପ୍ରବାହିତ । ଶିଶୁ କଣ୍ଠରେ ବି ଯାହା ମହ ମହ ମହକିତ, ହେ ମହାସୂର୍ଯ୍ୟ ! ଅନେକ ତୁମ ଜୟନ୍ତୀ ସଭାରେ ଗାଇଛନ୍ତି ଆଗରୁ, ଆଜି ବି ଗାଇବେ - କୋଟି ସୂର୍ଯ୍ୟର ଆଭା ନେଇ ତୁମେ / ଆସିଥିଲ ଏହି ମର୍ତ୍ତ୍ୟ ଭୂମେ । ଚିହ୍ନି ପାରି ନଥିଲି ସିନା, ଖୁବ୍ ପାଖାପାଖି ଦେଖିଛି, କେତେ କେତେ ଆଶ୍ଚର୍ଯ୍ୟକର ଘଟଣା ପ୍ରତ୍ୟକ୍ଷ କରି ବିସ୍ମୟ ଉଦଧିରେ ଉବୁଟୁବୁ ହୋଇଛି । ତୁମେ ତୁମ ଭକ୍ତର ଆପଣାର, ଶତ୍ରୁର ମଧ୍ୟ ଆପଣାର । ପ୍ରଶଂସକର ଆପଣାର । ଅବୁଝାର ମଧ୍ୟ ଆପଣାର । ସୁପ୍ରିମ୍ କୋର୍ଟର କେସ ଚାଲିଥାଏ । ପ୍ରତିପକ୍ଷ କରୁଣା ଗୁରୁଜୀଙ୍କ ଗଜେନ୍ଦ୍ରପୁର ଘାଟକୂଳେ ସେଦିନ ପାଇ ତୁମେ ପରମ ଶ୍ରଦ୍ଧାରେ ଆଉଁସି ଦେଇଥିଲ । ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ସେଦିନ ସେ ପ୍ରତ୍ୟକ୍ଷ କରିଥିଲେ । ଯେଉଁଥି ପାଇଁ ତୁମ ସ୍ଥୂଳ ଅବର୍ତମାନରେ ତୁମ ଫଟୋଚିତ୍ର ଆଗରେ ନତଜାନୁ ହୋଇ ଭୋ ଭୋ ବୁକୁଫଟା କ୍ରନ୍ଦନର କରୁଣଧ୍ୱନି ତୋଳୁଥିଲେ । ଆହା ! ତୁମେ ଅନ୍ତରେ ବାହାରେ ଚତୁର୍ଦ୍ଦିଗରେ ପୂରି ରହିଛ । ଅଭାବରେ, ଆପଦରେ ବିପଦରେ ଜଗି ରହିଛ । ତଥାପି ତୁମର ସ୍ଥୂଳ ଦର୍ଶନ ପାଇଁ ପ୍ରାଣ ଆତୁର ହୋଇ ଉଠୁଛି । ତୁମେ କ'ଣ ସେହି ଦର୍ଶନ ଆଉ ଦେବନି ??? ହୃଦ ଭିତରେ କାରୁଣ୍ୟର ଝଙ୍କାର ତୋଳୁଛି ଆଜି ସେହି ଭଗବତ୍ ପ୍ରୀତିଭରା ଭକ୍ତି ସଂଗୀତର ଅଭିବ୍ୟକ୍ତ । ନପାରିବି ସିନା ଦେଖି ନୟନରେ, ଆଲୋକ ହୋଇ ଛୁଇଁବି ପୟରେ, ପୂଜିବେ ପରାଣ ଭରି.. । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ : ୯୯୩୭୧୭୨୮୧୦*

# 'ବନ୍ଦେ ମାତରଂ'ର ଲେଖକ

◆ ବାଦଲ ଭୂୟାଁ

'ଦୁର୍ଗେଶନନ୍ଦିନୀ' ହେଉଛି ବାଙ୍ଗଲା ଭାଷାର ପ୍ରଥମ ଉପନ୍ୟାସ । ୧୮୬୫ ମସିହାରେ ଏହା ପ୍ରଥମେ ପ୍ରକାଶ ପାଇଥିଲେ । ଏହାର ରଚୟିତା ହେଉଛନ୍ତି କବି, ଲେଖକ, ସାମ୍ବାଦିକ ତଥା ପ୍ରଶାସନିକ ଅଧିକାରୀ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ । ସେ ପ୍ରଥମେ ଇଂଲିସ୍ ଭାଷାରେ ଉପନ୍ୟାସ ଲେଖିବା ଆରମ୍ଭ କରିଥିଲେ । ଇଂରେଜୀରେ ରଚିତ ତାଙ୍କର ପ୍ରଥମ ଉପନ୍ୟାସ ହେଉଛି 'ରାଜମୋହନ୍ସ ୱାଇଫ୍' । ପରେ ସେ ଇଂରେଜୀରେ ସାହିତ୍ୟ ଲେଖିବା ବନ୍ଦ କରିଦେଇଥିଲେ । ଭାରତୀୟ ସ୍ୱାଧୀନତା ସଂଗ୍ରାମୀଙ୍କୁ ଦେଶପ୍ରେମରେ ଅନୁପ୍ରାଣୀତ କରିବା ନିମନ୍ତେ ସେ ବାଙ୍ଗଲା ଓ ସଂସ୍କୃତରେ 'ବନ୍ଦେ ମାତରଂ' କବିତା ରଚନା କରିଥିଲେ, ଯାହାକୁ ପରେ ଭାରତର ରାଷ୍ଟ୍ରୀୟ ଗୀତର ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା । ଉତର ଚବିଶ ପ୍ରଗଣା ଅନ୍ତର୍ଗତ କନ୍ଥଲପରା ନାମକ ଗ୍ରାମରେ ୨୭ ଜୁନ୍ ୧୮୩୮ରେ ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ବଙ୍କିମ ଜନ୍ମ ହୋଇଥିଲେ । ତାଙ୍କ ପିତା ଥିଲେ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ । ବଙ୍କିମ ହୁଗଲୀ କଲେଜ ଓ ପ୍ରେସିଡେନ୍ସି କଲେଜରେ ଉଚ୍ଚ ଶିକ୍ଷା ଲାଭ କରି ବ୍ରିଟିଶ ସରକାରରେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ଯୋଗଦେଇଥିଲେ । ବ୍ରିଟିଶ ସରକାରରେ ଚାକିରି କରିଥିଲେ ହେଁ ସେ ଥିଲେ ଦେଶପ୍ରେମୀ । ଚରିତ୍ରର ଏହି ଦିଗଟିର ପ୍ରଭାବ, ତାଙ୍କ ଲେଖାମାନଙ୍କରୁ ସ୍ପଷ୍ଟ ଅନୁଭବ କରିହୁଏ । ସେ ବ୍ରିଟିଶ ଶାସନ ବ୍ୟବସ୍ଥାର ସମାଲୋଚକ ଥିଲେ । ତାଙ୍କ ବ୍ୟଙ୍ଗ ବିଦ୍ରୁପ୍ ଭରା ସମାଲୋଚନାକୁ ବ୍ରିଟିଶମାନେ ବୁଝିପାରୁ ନଥିଲେ । ଥରେ ରାମକୃଷ୍ଣ ପରମହଂସ ତାଙ୍କୁ ପଚାରିଲେ 'କଣ ପାଇଁ ତୁମେ ବଙ୍କା ?' ବଙ୍କିମ ଉତର ଦେଇଥିଲେ, 'ବ୍ରିଟିଶଙ୍କ ଗୋଇଠାମାଡ଼ ଯୋଗୁଁ ମୁଁ ବଙ୍କା ।' ଉଲ୍ଲେଖଯୋଗ୍ୟ ଯେ, ବଙ୍କିମ ର ଅର୍ଥ ଟିକିଏ ବଙ୍କା । ତାଙ୍କର ପ୍ରସିଦ୍ଧ କୃତିଗୁଡ଼ିକ ମଧ୍ୟରେ କପାଳକୁଣ୍ଡଳା, ବିଷବୃକ୍ଷ, ଆନନ୍ଦ ମଠ, ମୃଣାଳିନୀ, ଦେବୀ, ଚୌଧୁରିଆଣୀ, କୃଷ୍ଣକାନ୍ତେର ଉଇଲ୍, କମଳାକାନ୍ତ ଆଦି ଅନ୍ୟତମ । ଭାରତମାତାଙ୍କୁ ଉତ୍ସର୍ଗିତ 'ବନ୍ଦେ ମାତରଂ' ଗୀତଟି ଆନନ୍ଦ ମଠରେ ସ୍ଥାନିତ । ସୀତାରାମ ହେଉଛି ବଙ୍କିମଙ୍କର ଶେଷ ଉପନ୍ୟାସ । ୧୮୯୪ ଏପ୍ରିଲ ୮ ତାରିଖରେ ମାତ୍ର ପଂଚାବନ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା ।



*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଂଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର : ୭୪୮୮୯୯୮୫୩୨*

# ସିପାହୀ ବିଦ୍ରୋହର ପ୍ରଥମ ସହିଦ : ମଙ୍ଗଲ ପାଣ୍ଡେ

◆ ଗୋପୀନାଥ ଦାଶ

ସିପାହୀ ବିଦ୍ରୋହର ପ୍ରଥମ ସହିଦ କହିଲେ ମଙ୍ଗଲ ପାଣ୍ଡେଙ୍କୁ ବୁଝାଯାଏ । ସେ ବ୍ରିଟିଶ ସେନାରେ ସାଧାରଣ ସୈନିକ ଭାବେ ଚାକିରି କରିଥିଲେ । ପରେ ସେନା ବାହିନୀରେ ଚାଲିଥିବା ହିନ୍ଦୁ-ମୁସଲମାନ ବିରୋଧୀ କାର୍ଯ୍ୟକଳାପଗୁଡ଼ିକୁ ପସନ୍ଦ କରିନପାରି, ବିଦ୍ରୋହୀ ହୋଇ ଉଠିଥିଲେ । ଉପରିସ୍ଥ କର୍ମଚାରୀମାନଙ୍କ ନିର୍ଦ୍ଦେଶ ପାଳନ ନକରିବା ପାଇଁ ସିପାହୀମାନଙ୍କୁ ଆହ୍ୱାନ ଦେଇ ସେ ବ୍ରିଟିଶ ସେନା ଅଫିସରମାନଙ୍କ ବିଷଦୃଷ୍ଟିରେ ପଡ଼ିଥିଲେ । ଏହାର ପରିଣାମ ସ୍ୱରୂପ ସେ ଅସ୍ତ୍ର ଧାରଣ କରି ଦୁଇ ଜଣ ବ୍ରିଟିଶ ସେନା ଅଧିକାରୀଙ୍କୁ ହତ୍ୟା ଉଦ୍ୟମ କରି ଗିରଫ ହୋଇଥିଲେ । ବିଚାର ପରେ ତାଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଥିଲା । ତତ୍କାଳୀନ ଆଗରା ଓ ଅଓ୍ୱଧ ରାଜ୍ୟ ଅନ୍ତର୍ଗତ ବଲିୟାର ନାଗୱା ଗ୍ରାମର ଏକ ଭୂମିହାର ବ୍ରାହ୍ମଣ ପରିବାରରେ ମଙ୍ଗଲ ଜନ୍ମ ହୋଇଥିଲେ । ଅଠର ବର୍ଷ ବୟସରେ ସେ ଇଷ୍ଟ ଇଣ୍ଡିଆ କମ୍ପାନୀର ସେନା ବାହିନୀରେ ଯୋଗ ଦେଇଥିଲେ । ୩୪ ବେଙ୍ଗଲ ନେଟିଭ୍ ଇନ୍‌ଫାଂଟ୍ରିରେ କାମ କରୁଥିବା ବେଳେ ସେ ଏନ୍‌ଫିଲଡ୍ ରାଇଫଲରେ ବ୍ୟବହାର କରାଯାଉଥିବା ଗୁଳି ଗ୍ରହଣ ନକରିବା ପାଇଁ ମନା କରିଦେଇଥିଲେ । ଗୁଳିରେ ଗାଈ ଓ ଘୁଷୁରି ଚର୍ବି ବ୍ୟବହାର କରାଯାଉଥିଲା । ଏହା ଦ୍ୱାରା ଧର୍ମ ନଷ୍ଟ ହେବାର ଆଶଙ୍କା ଯୋଗୁଁ ସେ ବିରୋଧ କରିଥିଲେ । ଶାନ୍ତିପୂର୍ଣ୍ଣ ପ୍ରତିବାଦ କ୍ରମେ ହିଂସାତ୍ମକ ହୋଇଥିଲା ଏବଂ ରାଗରେ ସେ ଜନୈକ ଲେଫ୍‌ଟନାଂଟ ବଗ ଓ ସର୍ଜେଂଟ ମେଜର୍ ହ୍ୟୁସନ୍‌ଙ୍କୁ ହତ୍ୟା କରିବା ପାଇଁ ଗୁଳି ଚଳାଇଥିଲେ । ଗୁଳି ଲକ୍ଷ୍ୟ ଭ୍ରଷ୍ଟ ହେବା ପରେ ମଙ୍ଗଲ ତରବାରିରେ ଆକ୍ରମଣ କରିଥିଲେ । ତେବେ ଦୁହେଁ ବର୍ତି ଯାଇଥିଲେ । ମଙ୍ଗଲଙ୍କୁ ସମର୍ଥନ ଦେଇଥିଲେ ଜିମାଦାର ଈଶ୍ୱରୀ ପ୍ରସାଦ । ୧୮୫୭ ଏପ୍ରିଲ ୮ ରେ ବାରକପୁରରେ ମଙ୍ଗଲଙ୍କୁ ଫାଶୀ ଦିଆଯାଇଥିଲା । ତେର ଦିନ ପରେ ଈଶ୍ୱରୀଙ୍କୁ ମଧ୍ୟ ଫାଶୀ ଖୁଂଟରେ ଝୁଲାଇ ଦିଆଯାଇଥିଲା । ମଙ୍ଗଲଙ୍କୁ ଯେଉଁଠାରେ ଫାଶୀ ଦିଆଯାଇଥିଲା ଏବେ ସେଠାରେ ରହିଛି ତାଙ୍କ ସ୍ମୃତିରେ ବିକଶିତ ସହିଦ ମଙ୍ଗଲ ପାଣ୍ଡେ ମହା ଉଦ୍ୟାନ । ଭାରତ ସରକାର ୧୯୮୪ରେ ତାଙ୍କ ନାମରେ ଏକ ଡାକ ଟିକେଟ୍ ପ୍ରଚଳନ ପୂର୍ବକ ତାଙ୍କୁ ସମ୍ମାନିତ କରିଥିଲେ ।



*କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, :୮୮୯୫୨୯୬୧୬୭*











## ଶ୍ରୀମତୀଙ୍କ ସ୍ମୃତି ସ୍ମରଣିକା

# ଜୀବେ ଦୟାର ପୂଜାରିଣୀ : ନିନି ଅପା

◆ ସ୍ମିତାରାଣୀ ଦାସ

ଜନ୍ମ ହେଲେ ମୃତ୍ୟୁ ଚିରନ୍ତନ ସତ୍ୟ । ଏହି ଧାରାବାହିକ ପ୍ରକ୍ରିୟା ନୀରବଚ୍ଛିନ୍ନ ଭାବେ ଧରାପୃଷ୍ଠରେ ଚାଲି ଆସିଛି ଏବଂ ଚାଲୁ ଥିବ ମଧ୍ୟ । ଆମ ପରି ସାଧାରଣ ମଣିଷ ଏହି ବାସ୍ତବ ସତ୍ୟକୁ ଜାଣିଥିଲେ ମଧ୍ୟ ମୃତ୍ୟୁର ଭୟାବହତା ଆବେଗକୁ ସେ କେବେ ବି ସହ୍ୟ କରିପାରେ ନାହିଁ । ହୃଦୟରେ ଦୁଃଖର ଆଲୋଡ଼ନ ଅନୁଭୂତ ହୁଏ । ଏହି ମ□ୟରେ ଏହି ମୃତ୍ୟୁର ତାଣ୍ଡବର ଲୀଳା କ୍ଷେତ୍ର ପ୍ରତିଦିନ କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଏବଂ ରୂପରେଖ ନଥିବା ଆତ୍ମାଟି କେଉଁ ଶୂନ୍ୟରେ କେଉଁଠି ତା'ର ସ□ା ହରାଇଥାଏ ଆମେ ଏଇ ନିଷ୍ଠୁର ସତ୍ୟକୁ ଜାଣି ନଥିଲେ ମଧ୍ୟ ମୃତ୍ୟୁ କିନ୍ତୁ ବାଧ ହୋଇ ଆମେ ସମସ୍ତେ ସ୍ୱାଗତ କରିଥାଉଁ । ଯାହାକୁ କି କେହି ଉଲଂଘନ କରିପାରିବେ ନାହିଁ । ପ୍ରତ୍ୟେକ ଦେହଧାରୀ ମନୁଷ୍ୟ ଦିନେ ନା ଦିନେ ମୃତ୍ୟୁକୁ ଆପଣେଇ ନେଇଥାଏ । ଏହି ମାଟି ମାଆ ବା ମର୍ତ୍ତ୍ୟ କ୍ଷେତ୍ରରେ ଏହାହିଁ ଚାଲୁଥିବା ବେଳେ ତାକୁଇ ତ ଆମେ ମୃତ୍ୟୁ ବୋଲି କହିଥାଉ । ତେବେ ସଂସାରରେ ଜନ୍ମ ନେଇଥିବା ମଣିଷଟି କେବଳ ବଂଚିରହେ ତା'ର ଯଶ-କୀର୍ତି ମାଧ୍ୟମରେ । ଯାହାକି ପ୍ରତ୍ୟେକ, ପ୍ରତ୍ୟେକଙ୍କ ହୃଦୟରେ ସଦାସର୍ବଦା ଉଦ୍‌ଜୀବିତ ହୋଇ ରହେ ସବୁଦିନ ଯାଏଁ । କେବେ ବି ମୃତ୍ୟୁକୁ ଭୟ କରୁନଥିବା ମୋର ଅତି ପ୍ରିୟ ମାତୃ ସମାନ ପିଉସୀ ନିନି ଅପା ଶେଷରେ ୧୦ ଦିନ ମୃତ୍ୟୁ ସହିତ କଠିନ ଭାବେ ଲଢ଼ିଲଢ଼ି ବାସନ୍ତୀ ପୂଜା ମହୋତ୍ସବ ପାଳନ ଅବସରରେ ମହାସପ୍ତମୀ ଗତବର୍ଷ ଅପ୍ରେଲ ୮ ତାରିଖ ଦିନ ପରାଜୟ ସ୍ୱୀକାର କରିଛି । ଗୋଟିଏ ବର୍ଷର ଅତିକ୍ରାନ୍ତ ମଧ୍ୟରେ ଆଜି ମୃତ୍ୟୁର ବାର୍ଷିକୀ ଉତ୍ସବ । ଦୁଃଖ ଭାରାକ୍ରାନ୍ତ ମନରେ ଶ୍ରାଦ୍ଧୋତ୍ସବପାଳନ କରାଯାଉଥିଲେ ମଧ୍ୟ ଆଖି ଖୋଜି ବୁଲୁଛି ନିନି ଅପାଙ୍କୁ ତା'ର ସାନ୍ନିଧ୍ୟ ପାଇବାକୁ । ସବୁଦିନ ପାଇଁ ସେ ଚାଲିଗଲା ଅଫେରା ରାଇଜକୁ । ଯେଉଁଠୁ କେହି କେବେ ଫେରି ଆସେ ନାହିଁ ।

ନିନି ଅପା ଠାରେ ଥିଲା ସରଳତା, ଭଲପାଇବା, ଦୁଃଖୀ - ଗରିବ ଶ୍ରେଣୀର ଲୋକଙ୍କ ପ୍ରତି ଥିଲା ଆବେଗତା, ସ୍ନେହପୂର୍ଣ୍ଣ ଉପଦେଶ ଏବଂ ସେମାନଙ୍କୁ ଅକୁଣ୍ଠ ଚି□ରେ ସାହାଯ୍ୟ, ବଦାନ୍ୟତା ସହ ସାଧୁତା ଥିଲା ତା' ଜୀବନର ଅଳଙ୍କାର । ଏଥି ସହ ପଶୁ-ପକ୍ଷୀଙ୍କୁ ସେ ପ୍ରାଣ ଭଳି ଭଲ ପାଉଥିଲା । ପ୍ରାଣୀ ମାନଙ୍କୁ ଖାଇବାକୁ ନ ଦେଲା ପର୍ଯ୍ୟନ୍ତ ସେ ଅନ୍ନ, ଜଳ ସ୍ପର୍ଶ କରୁନଥିଲା । ଭାଗବତରେ ଅଛି - *"ଯେ ପ୍ରାଣୀ ଦୟା, ସତ୍ୟଯୁକ୍ତ ତପି ଧାର୍ମିକ ବିଦ୍ୟାବନ୍ତ"* । ସଂସାରିକ ଜୀବନ ପ୍ରତି ସେ ବିତସ୍ପୃହ ଥିଲେ । ଜୀବନକୁ ଜାଣିବା ପର ଠାରୁ ସେ ଈଶ୍ୱରଙ୍କ ପ୍ରତି ଏପରି ସମର୍ପଣ ଭାବ ଥିଲା ଯେ କେବଳ ଗରୀବ, ଦୁଃଖୀ ଏବଂ ଜୀବ ମାନଙ୍କ ପ୍ରତି ଥିବା କ□ବ୍ୟପରାୟଣତା, ସଚ୍ଚୋଟତା ଏବଂ ନିଷ୍ଠା ମାଧ୍ୟମରେ ସେ କାର୍ଯ୍ୟ କରି ଶେଷରେ ଅବସର ନେଇ ଯାଇଛନ୍ତି । ଯେଉଁ କାମ ଥାଉନା କାହିଁକି ସେ କେବଳ ଦୁଃଖୀ ଲୋକଙ୍କ ସେବାରେନିଜକୁ ନିୟୋଜିତ କରିଥିଲେ । ଅର୍ଥ ଅଭାବୀଙ୍କୁ ଅର୍ଥ ଦେବା



**ମର୍ତ୍ତ୍ୟ ମଣ୍ଡଳେ ଦେହ ବହି
ଦେବତା ହୋଇଲେ ବି ମରଇ**

ସହ ଚୁଲି ଜଳାଇବା ପାଇଁ କାଠ-ପତ୍ର ଆଦି ଯୋଗାଇ ଦେଉଥିବା ଏବଂ ସେହି ସାହାଯ୍ୟ ପାଇଥିବା ଲୋକେ ଆଜି ତାଙ୍କ ପାଇଁ ଲୁହ ଢ଼ାଳୁଥିବା ଦେଖାଯାଉଛି । ଅନ୍ନ, ବସ୍ତ୍ର, ଜୋତା, ଛତା ଯାହାର ଯାହା କିଛି ଆବଶ୍ୟକ ସେ ସଂଗେସଂଗେ ଯୋଗାଇ ଦେଉଥିଲେ । ନିଜର ଆଭୂଷଣ, ଚାକଚକ୍ୟତାକୁ ଦୂରେଇ ଦେଇ ସେ କେବଳ ଅନ୍ୟର ଭଲ ପାଇଁ ଚିନ୍ତା କରୁଥିଲେ । ଖରା, ବର୍ଷା, ଶୀତ, କାକରକୁ ଖାତିର ନକରି ସେ ପ୍ରତିଦିନ ସକାଳ ୮ଟା ବେଳେ ଗାଇ, ଷଣ୍ଢ, କୁକୁର, ବିଲେଇଙ୍କ ପାଇଁ ବାଲ୍‌ଟିଏ ଭାତ ତରକାରୀ ସହ ଅମୁଲ ଓ ପାଣି ବୋତଲ ଧରି ଯାଉଥିଲେ ବାଣୀବିହାରକୁ । ସେ ବାଣୀବିହାର ଥିଲା ଯେପରି ତା' ପାଇଁ କର୍ମସ୍ଥଳ । ବାଣୀବିହାର କ୍ୟାମ୍ପସରେ ରହୁଥିବା କୁକୁର, ବିଲେଇ, ଗାଈ,ଷଣ୍ଢ ତାଙ୍କୁ ଯେମିତି ଅପେକ୍ଷା କରିଥାଆନ୍ତି ତା' ହାତ ପରସା ଖାଦ୍ୟ ଖାଇବାକୁ । ସେଇ ବୁଲା ଜୀବ ମାନେ ଚାତକ ପରି ତା'ରି ବାଟକୁ ଅପେକ୍ଷା କରି ରହିଥାଆନ୍ତି ଏବଂ ତାକୁ ଦେଖିବା ମାତ୍ରେ ଖୁସିରେ ତାଙ୍କ ଭାଷାରେ କଅଣ ସବୁ କହିଥାଆନ୍ତି ଏବଂ ଦୁଇ ଗୋଡ଼ ଟେକି ତାକୁ ବୋଧେ ଅଭିନନ୍ଦନ ଜଣାଇଥାଆନ୍ତି । ସେଇ ସମୟରେ ସେହି ପଶୁ ମାନଙ୍କ ଚାହାଣୀ ଦେଖିଲେ ସତେ ଯେପରି ଯେ କେହି ଭାବବିହ୍ୱଳ ହୋଇଯିବ । କେତେ ଆବିଳତା, ଭଲପାଇବା ସତରେ ଏଇ ପଶୁ-ପକ୍ଷୀଙ୍କର । କଥାରେ ଅଛି - *"ଯାହା ଦେଇଥିବ ବାଟକୁ, ଯାହା ରଖିଥିବ ଟ□କୁ, ଯାହା ଖାଇଥିବ ପେଟକୁ"* ଏଇ କଥାଟି ଅକ୍ଷରେ ଅକ୍ଷରେ ସତ୍ୟ । ଜୀବନର ଅନ୍ତିମ ପର୍ଯ୍ୟାୟ ଯାଏଁ ସେ ଥିଲେ କର୍ମଚଂଚଳ । ପ୍ରତି ଦିନ ଜୀବ ମାନଙ୍କୁ ଆନନ୍ଦରେ ଖୁଆଇ ପିଆଇ ପୁଣି ଫେରି ଆସନ୍ତି ନିଜ ବାସସ୍ଥାନକୁ । ସେଇ ପଶୁ ମାନେ ପୁଣି ଅନେଇ ଥାଆନ୍ତି ଆସନ୍ତା ଦିନ ତା'ର ଆସିବା ପର୍ଯ୍ୟନ୍ତ । ତାଙ୍କର ଇଚ୍ଛାଶକ୍ତି ଥିଲା ପ୍ରବଳ । ଯେକୌଣସି କାମ ହେଉନା କାହିଁକି ସେ ନିଷ୍ଠାର ସହ ସେ କାମଟିକୁ ତୁଲାଇଥାଏ । ନିଜର ପୁତୁରା- ଝିଆରୀ ମାନଙ୍କୁ ନିଜ ଛୁଆ ପରି ଦେଖୁଥିଲେ । ନିଜେ ନଖାଇ ନପିଇ ପିଲାମାନଙ୍କୁ ଖାଇବାକୁ ଦେଉଥିଲା । କଷ୍ଟ ହେଉଥିଲେ ଦେହ ମୁଣ୍ଡରେ ତେଲ ଗରମ କରି ଘସି ଦିଏ । ପୁରାଣ ଆଧାରିତ ସମସ୍ତ ଗପକୁ ସେ ସୁନ୍ଦର ଭାବେ ବୁଝାଇ ଦିଏ । ସଂସାରରେ କିପରି ଭାବେ ଜଣେ ନିଜକୁ ସଠିକ୍ ଭାବେ ବଂଚି ରହିପାରିବ ତାହାର ଉପସ୍ଥାପନା ଏପରି ଭାବେ କରେ ଯେ, ଯେ କେହି ହେଉନା ସେ ବୁଝି ପାରିବ ଏହାର ତାତ୍ପର୍ଯ୍ୟକୁ । ପବିତ୍ର କାର୍ତିକ ମାସରେ ନିନି ଅପାର ଜନ୍ମ । ପିତା ✓ ନିରଂଜନ ଦାସ ଏବଂ ମାତା ✓ କୃଷ୍ଣମଣି ଦାସଙ୍କ କୋଳମଣ୍ଡନ କରି ବାଲେଶ୍ୱରର ଗୋପାଳଗାଁ ଠାରେ ଏହି ଦୟାବତୀ ଝିଅଟି ଯେତେବେଳେ ଜନ୍ମ ନେଇଥିଲା । ତାଙ୍କର ବାପା ଖୁବ୍ ଖୁସି ହୋଇ ଯାଇଥିଲେ । କାହିଁକି ନା ସେ ଭାବିଥିଲେ ମୋ ପରି ମୋ ଝିଅଟି ମଧ୍ୟ ଦୟାଶୀଳା, ସଚ୍ଚୋଟ ଏବଂ କର୍ମଠ ହେବ । ସତରେ ତାଙ୍କ ବାପାଙ୍କ ଯେଉଁ ଆଶା ଥିଲା ନିନି ଅପା ମଧ୍ୟ ତାଙ୍କର ଜୀବଦ୍ଦଶା ମଧ୍ୟରେ ତାତ୍ୱିକ, ମାର୍ମିକ ଜ୍ଞାନ ଓ କର୍ମଯୋଗର ଉଦାହରଣ ସୃଷ୍ଟି କରିଥିଲେ । ଜୀବନର ପ୍ରତ୍ୟେକ ସୋପାନରେ ସେ ସମସ୍ତ କଷ୍ଟକୁ ଭ୍ରୁକ୍ଷେପ ନକରି ଯନ୍ତ୍ରଣାକୁ ଆବୋରି ନେଇଥିଲା । କଠିନ ପରିଶ୍ରମ ଏବଂ ବିଭିନ୍ନ ବାଧା ବିଘ୍ନର ସମ୍ମୁଖୀନ ହୋଇ ବି ସେ ନିଜକୁ ଭଲ ମଣିଷ ଭାବେ ପ୍ରତିଷ୍ଠିତ କରିପାରିଥିଲେ । ସେ ଥିଲେ ଜଣେ ନିର୍ଭିକ ଏବଂ ସ୍ପଷ୍ଟବାଦୀ । ସେ ନିର୍ଭୟରେ ସମସ୍ତଙ୍କ ପାଖେ ସମାଜରେ ଘଟିଚାଲିଥିବା ଅନ୍ୟାୟ, ଅବିଚାର ଏବଂ ଶୋଷଣର ଘୋର ବିରୋଧ କରୁଥିଲେ । କିପରି ଆଇନ ଶୃଙ୍ଖଳା ସେମାନଙ୍କୁ ଶୃଙ୍ଖଳିତ ଏବଂ ଭଲରେ ରଖିପାରିବ ସେଥିପାଇଁ ସେ ସଦାସର୍ବଦା ଚିନ୍ତା କରୁଥିଲେ । ଜୀବନ ଅଛି ତ ଯନ୍ତ୍ରଣା ଅଛି । ଏହାହିଁ ତାଙ୍କର କହିବାର ଉଦ୍ଧୃତାଂଶ । ମାଆ ଦୁର୍ଗା, ହନୁମାନ, ଶିବଶଙ୍କରଙ୍କର ସେ ଥିଲା ବଡ଼ ଭକ୍ତ । ଅବଶ୍ୟ ଜଗନ୍ନାଥଙ୍କୁ ଅନ୍ତର ଭିତରେ ଖୁବ୍ ଭଲ ପାଉଥିଲେ ମଧ୍ୟ ବାହାରକୁ ଯେପରି ତାଙ୍କ ଉପରେ ରାଗୁଥିବା ଦେଖାଯାଉଥିଲା । ସେଥି ପାଇଁତ ଭଗବାନ ତାଙ୍କୁ ସାମାନ୍ୟ କଷ୍ଟରୁ ବିରତି ଦେଇ ନିଜ ପାଖକୁ ନେଇ ଯାଇଛନ୍ତି । ସାକାହାରୀ ଭାବେ ସେ ଜୀବନଧାରଣ କରୁଥିଲା । ପାଖରେ ଅର୍ଥ ଥିଲେ ମଧ୍ୟ ଅତି ସାଧାରଣ ଭାବେ ତାଙ୍କର ଜୀବନ ନିର୍ବାହ ଦେଖିଲେ ଖୁବ୍ ଆଶ୍ଚର୍ଯ୍ୟ ଲାଗେ ଖୁସି ଐଶ୍ୱର୍ଯ୍ୟରୁ ସେ କାହିଁକି ଦୂରେଇ ରହୁଛି । ନିଜ ପାଇଁ ନିଜକୁ ନ ଦେଖି ସେ କେବଳ ଅନ୍ୟ ଦୁଃଖି ଆତ୍ମାଙ୍କର ସେବାରେ ନିଜକୁ ନିୟୋଜିତ ରଖିଥିଲେ । ଗୀତା, ଭାଗବତ, ସାଇ ସତ୍‌ଚରିତ ପ୍ରଭୃତି ପୁରାଣ ଗ୍ରନ୍ଥ ପଢ଼ିବା ସହ ଅବସର ସମୟରେ ସେ ବୃକ୍ଷଜଗତ ପ୍ରତି ବିଶେଷ ଭାବେ ଦୃଷ୍ଟି ଦେଉଥିଲେ । ନିଜ ବାଡ଼ିରେ ବିଭିନ୍ନ ପ୍ରକାର ଫୁଲ-ଫଳ ଗଛ ଲଗାଇବା ସହ ଅନ୍ୟମାନଙ୍କୁ ବୃକ୍ଷଚାରା ଦେଉଥିଲେ ଏବଂ ବୃକ୍ଷରୋପଣ ଦ୍ୱାରା କିପରି ବାୟୁମଣ୍ଡଳ ଶୁଦ୍ଧ ହେବ ତାହା ପ୍ରତି ସବୁବେଳେ ଚିନ୍ତା କରୁଥିଲା । କାହିଁ କେଉଁଠି ଛୋଟ ଛୋଟ ଔଷଧୀୟ ଗୁଳ୍ମଲତା ଠାରୁ ବଡ଼ବଡ଼ ବୃକ୍ଷ ଆଣି ଲଗେଇବା ସହ ବିଭିନ୍ନ ପ୍ରକାର ଫୁଲ, ଫଳ ସମ୍ଭାରରେ ବଗିଚା ଏକ ନୂତନ ରୂପରେ ଝଲସି ଉଠୁଥିଲା । ଆଜି ସେଇ ଚଳଚ□ଳ ଶରୀରଟି ନିଶ୍ଚଳ ହୋଇ ଯାଇଛି । ଝୁରି ହେଉଛନ୍ତି ବୃକ୍ଷ-ଲତା, ପଶୁ-ପକ୍ଷୀ ଏବଂ ଦିନ-ଦରିଦ୍ର । ସେତିକି ନୁହେଁ ତାଙ୍କର ଆବ□ମାନ ଆମ ମାନଙ୍କୁ ଏପରି ଦୁଃଖ ଦେଉଛି ଯେ, ତାହାରକୀର୍ତି କଳାପ ଉପସ୍ଥାପନା କରିବା ପାଇଁ ସତେ ଯେପରି ଆମ ପାଖରେ ଶକ୍ତି ଆଉ ସାମର୍ଥ୍ୟ ନାହିଁ । ଆଖି ଆଗରେ ନାଚି ଉଠୁଛି ତାଙ୍କର ସେଇ ସୁନ୍ଦର ପ୍ରତିଛବିଟି । ଜଣେ ମଣିଷର ମୃତ୍ୟୁ ପରେ ଯଦି ଅନ୍ୟ ଜଣକ ଆଖିକୁ ଓଦା କରିଦେଇ ପାରିଲା ତେବେ ତାହାହିଁ ତ ମଣିଷ ଜୀବନର ସାର୍ଥକତା । ବଂଚିବାଟା ଯଦିଚ ଗୁରୁତ୍ୱପୂର୍ଣ୍ଣ ନୁହେଁ କିନ୍ତୁ ତାଙ୍କର କର୍ମର ତତ୍ୱ ହିଁ ପ୍ରମାଣ କରିଦିଏ ତାଙ୍କର ମୃତ୍ୟୁପରେ । ଏହାହିଁ ତ ମଣିଷ ଜୀବନର ସାର୍ଥକତା । ସେଥିପାଇଁ କୁହାଯାଇଛି - *"ମଣିଷ ମରିବ ଦିନେ, ଦେବତା ବି ମରିବ ଦିନେ, ତେବେ ସେହି ଏକାଧନ୍ୟ ଯଦି ଗୁଡ଼ି ମାଟି ଝୁରେ ।"* ଆଜି ତାଙ୍କର ଏକାଦଶାହ । ତାଙ୍କର ଆବ□ମାନରେ କେବଳ ପରିବାର ନୁହେଁ ପଶୁ-ପକ୍ଷୀ ଝୁରି ହେଉଛନ୍ତି ସେହି ପବିତ୍ର ପୂଜାରିଣୀଙ୍କୁ । ସତରେ ପୁଣି ଫେରି ଆସନ୍ତା କି ଆମ ପାଖକୁ । ଆମକୁ ଖୁଆଇ ଦିଅନ୍ତେ ଅତି ସରାଗରେ । ହେ ଭଗବାନ ! ତାଙ୍କର ଆତ୍ମାର ସଦ୍‌ଗତି ହେଉ । *"ସ୍ଥୂଳ କଳେବର ନୁହଁଇ ଅମର, ଅମର କେବଳ ମନ, ମନ ଯେବେ ସଂଗେ ହୋଇ ନାହିଁ ଭଂଗ, ସେଇ ସୁଖ ସୁଖେ ଗନ୍ୟ ।"* ଏ କ୍ଷଣଭଙ୍ଗୁର ଦୁନିଆରେ ଏକା ଆସିଛେ, ଏକା ହିଁ ଯିବା । ସଂପର୍କ ମାଧ୍ୟମରେ ଆମର ବନ୍ଧନ । ସେ ସବୁ ଦିନ ପାଇଁ ସଂପର୍କ ଛିଣ୍ଡାଇ ଚାଲିଗଲେ ସେଇ ପରମାତ୍ମାଙ୍କ ପାଖକୁ । ନିନି ଅପା ସ-ଶରୀରରେ ନାହିଁ ସିନା କିନ୍ତୁ ମନ ଭିତରେ ସବୁ ଦିନ ପାଇଁ ରହିଛି ଓ ରହିବ ମଧ୍ୟ ।

*ଗୋପାଳ ଗାଁ, ବାଲେଶ୍ୱର ,ଯୋଗାଯୋଗ : ୯୮୫୩୯୬୩୭୫୧*

# ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଆହ୍ୱାନ : ଅହମଦିୟା ମୁସଲିମ ସଂଗଠନ ପକ୍ଷରୁ ବିଶ୍ୱଶାନ୍ତି ଓ ତୃତୀୟ ବିଶ୍ୱଯୁଦ୍ଧ ନ ହେବା ଶୀର୍ଷକ ଆଲୋଚନା ଚକ୍ର

କଟକ: ଅହମଦିୟା ମୁସଲିମ ସଂଗଠନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ସଚେତନାର ବାର୍ତା ବଂଟନ କରାଯାଇଛି । ଏହା ମାଧ୍ୟମରେ ତୃତୀୟ ବିଶ୍ୱଯୁଦ୍ଧ ନହେଉ ଅଥବା ବନ୍ଦ କରାଯିବାର ଶାନ୍ତିବାର୍ତା ଦିଆଯାଇଛି । ଏହା ସହିତ ସଂଧ୍ୟାରେ ପିଠାପୁର- ସଲାମତବାଗ ସ୍ଥିତ ଅହମଦିୟା ମୁସଲିମ ନମାଜ ହଲରେ ଏକ ବିଶ୍ୱଶାନ୍ତି ଓ ତୃତୀୟ ବିଶ୍ୱଯୁଦ୍ଧ ନହେବା ଶୀର୍ଷକ ଆଲୋଚନା ଚକ୍ର କରାଯାଇଛି । । ଏହି କାର୍ଯ୍ୟକ୍ରମରେ ମୌଲାନା ଫଜଲ ହକ ଖାନ୍ ପୌରୋହିତ୍ୟ କରିଥିଲେ । କାର୍ଯ୍ୟର ପ୍ରାରମ୍ଭରେ ପବିତ୍ର କୋରାନ ପାଠ ଅବରାର ଅହମଦ କରିଥିବା ବେଳେ ଉର୍ଦ୍ଦୁ ନଜମ କବିତା ସୟଦ ସଇଦ ଅହମଦ ପଢିଥିଲେ । ପ୍ରଥମ ବକ୍ତାଭାବେ ମୌଲବି ନବିଦୁଲ ଫତହ କହିଲେ; ବର୍ତମାନ ବିଶ୍ୱର ବିଭିନ୍ନ ସ୍ଥାନରେ ଭୟାବହ ଯୁଦ୍ଧ



ଚାଲି ରହିଛି, ଆଶଙ୍କା କରାଯାଉଛି ଯେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବ । ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ଗଲେ ମାନବ ଜାତି ଭୟାବହ ଧ୍ୱଂସ ଲିଳା ଦେଖିବ । ଇତିହାସ ସାକ୍ଷୀ ଅଛି ଏବଂ ଆମେ ବି ଜାଣିଛେ ବିଂଶ ଶତାବ୍ଦିରେ ଦୁଇଗୋଟି ଐତିହାସିକ ବିଧ୍ୱଂସକାରୀ ବିଶ୍ୱଯୁଦ୍ଧ ହୋଇଥିଲା । ସେଥିରୁ ଶିକ୍ଷା ହାସଲ କରିବା ଉଚିତ । ଏ ସଂପର୍କରେ ବିଶ୍ୱବ୍ୟାପ୍ତ ଅହମଦିୟା ମୁସଲିମ ସଂଗଠନର ସର୍ବୋଚ୍ଚ ମୁଖ୍ୟ ବିଭିନ୍ନ ଜାତି ଓ ସଂପ୍ରଦାୟର ମୁଖ୍ୟଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଯେ ସେମାନେ ଜାତିବାଦ ଓ ବ୍ୟକ୍ତିଗତ ଲାଭକୁ ଭୁଲି ସବୁ କ୍ଷେତ୍ରରେ ପ୍ରକୃତ ନ୍ୟାୟକୁ ପ୍ରତିଷ୍ଠା କରି ବିଶ୍ୱଶାନ୍ତି ଓ ନିରାପତାକୁ ଅଗ୍ରାଧିକାର ଦିଅନ୍ତୁ । ଦ୍ୱିତୀୟ ଉର୍ଦ୍ଦୁ ନଜମ କବିତା ନଜିବ ଅହମଦ ପଢ଼ିଥିଲେ । ଏହାପରେ ଓଡ଼ିଆ ନଜମ କବିତା ଅବଦାଲ ଅଲ୍ଲି ପଢିଥିବା ବେଳେ ମୁଖ୍ୟ ବକ୍ତାଭାବେ ମୌଲାନା ଫଜଲ ହକ ଖାନ କହିଲେ; ମଣିଷ ସର୍ବ ପ୍ରଥମେ ନିଜେ ଶାନ୍ତିରେ ରହିଲେ, ଅନ୍ୟକୁ ଶାନ୍ତି ଦେଇପାରିବ । ଶାନ୍ତି ପାଇବାକୁ ହେଲେ ଈଶ୍ୱରଙ୍କ ଗୁଣଗାନ କରିବାକୁ ହେବ । ତାକୁ ପ୍ରସନ୍ନ କରିବାକୁ ହେବ । ନିଜ ଆତ୍ମା ଆନନ୍ଦୀତ ହେଲେ ହିଁ ପରମାନନ୍ଦ ଲାଭ ହେବ । ତେବେ ମଣିଷ ଉଚିତ ଓ ଅନୁଚିତ, ଭଲ ଓ ମନ୍ଦ ବିଚାର କରିପାରିବ । ବିଚାର ଶକ୍ତି ଆସିପାରିଲେ ହିଁ ସେ ନ୍ୟାୟ ଓ ଅନ୍ୟାୟ ମଧ୍ୟରେ ଫରକ କରିପାରିବ । ଏବଂ ନ୍ୟାୟକୁ ପ୍ରାଧାନ୍ୟ ଦେଇପାରିବ । ଯାହା ଫଳରେ ନ୍ୟାୟ ରକ୍ଷା ଦ୍ୱାରା ବିଶ୍ୱଶାନ୍ତି ସମ୍ଭବ ହୋଇପାରିବ । ଯଦି ବିଶ୍ୱବାସୀ ବିଶ୍ୱଶାନ୍ତି ଚାହୁଛନ୍ତି ତେବେ ବିଶ୍ୱବ୍ୟାପ୍ତ ଅହମଦିୟା ମୁସଲିମ ସଂଗଠନର ସର୍ବୋଚ୍ଚ ମୁଖ୍ୟ ହଜରତ ମିର୍ଜା ମସରୁର ଅହମଦଙ୍କ ଏହି ୧୦ ଗୋଟି ନୀତିବାଣୀକୁ ପାଳନ କରିବା ଉଚିତ । ୧. ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନିବାକୁ ହେବ ।୨. ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରିବାକୁ ହେବ । ୩. ବିଶ୍ୱବ୍ୟାପୀ ଏକତାକୁ ପ୍ରଶୟ ଦେବାକୁ ହେବ । ୪. ପରମାଣୁ ଅସ୍ତ୍ର-ଶସ୍ତ୍ରକୁ ବର୍ଜନ କରିବାକୁ ହେବ । ୫. ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ କରିବା ବନ୍ଦ କରିବାକୁ ହେବ । ୬. ଅର୍ଥନୈତିକ ସମାନତା ସୃଷ୍ଟି କରିବାକୁ ହେବ ଏବଂ ଦାରିଦ୍ର ଦୂର କରିବାକୁ ହେବ । ୭. ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରିବାକୁ ହେବ । ୮. ଚରମପନ୍ଥୀ ଦଳର ପ୍ରତିବାଦ କରିବାକୁ ହେବ । ୯. ମାନବସେବା କରିବାକୁ ହେବ । ୧୦. ପାରସ୍ପରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ହେବ । ଏହି ମନ୍ତ୍ରକୁ କାର୍ଯ୍ୟକାରି କରିଲେ ହିଁ ବିଶ୍ୱଶାନ୍ତି ସମ୍ଭବ । ଏହିଭଳି ବିଶ୍ୱଶାନ୍ତି ପ୍ରତିଷ୍ଠା କରିବାର କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ କରାଯିବ ବୋଲି ମୌଲାନା ଫଜଲ ହକ ଖାନ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମହିଳା ସଂଗଠନ ଲଜନା ଇମାଉଲ୍ଲା ଓ ନାସିରାତୁଲ ଅହମଦିୟା, ବୃଦ୍ଧ ସଂଗଠନ ମଜଲିସ ଅନସାରୁଲ୍ଲା ଓ ଯୁବସଂଗଠନ ମଜଲିସ ଖୁଦାମୁଲ ଓ ଅତଫାଲୁଲ୍ ଅହମଦିୟାର ବହୁ କର୍ମକର୍ତାମାନେ ଯୋଗ ଦେଇଥିଲେ ।

# ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣୀ ଅନୁଷ୍ଠିତ ମୋଟ ୨୭୬ ଗୋଟି ଅଭିଯୋଗର ହେଲା ଶୁଣାଣି

ବାରିପଦା : ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ୍‌ଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଂଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଶ୍ରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ଉପ-ଜିଲ୍ଲାପାଳ ବାରିପଦା କସ୍ତୁରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ । ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୭୬ ଗୋଟି ଅଭିଯୋଗର ଶୁଣାଣି କରାଯାଇଛି । ଏଥିରେ



୨୨୯ ଗୋଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୪୭ ଗୋଟି ସାମୁହିକ ସମସ୍ୟା ସମ୍ବଳିତ ଅଭିଯୋଗ ହୋଇଛି । ତନ୍ମଧ୍ୟରୁ ୧୩ ଗୋଟି ଅଭିଯୋଗର ସମାଧାନ ତତକ୍ଷଣାତ୍ ଜନ ଅଭିଯୋଗ ଶିବିରରେ କରାଯାଇଛି । ଏହାସହ ୮ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଓ ୫ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।ଅନ୍ୟାନ୍ୟ ଅଭିଯୋଗଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

# କୁଆମରା ହାଇସ୍କୁଲ ୧୯୮୯ବ୍ୟାଚର ଚଇତି ସମ୍ମିଳନୀ



ବାରିପଦା : କୁଆମରା ହାଇସ୍କୁଲ ୧୯୮୯ ମ୍ୟାଟ୍ରିକ ବ୍ୟାଚ ଛାତ୍ର ମାନଙ୍କର ଚଇତି ସମ୍ମିଳନୀ- ୨୦୨୬ ତକତପୁର ସ୍ଥିତ ହୋଲିଡେପେଲସ ସମ୍ମିଳନୀ କକ୍ଷେର ଅନୁଷ୍ଠିତ ହୋଇଯାଇଛି. ଛାତ୍ର କଳ୍ପତରୁ କଟୁଆଳଙ୍କ ପୌରହିତ୍ୟେର ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭେର ହାଇସ୍କୁଲର ଶିକ୍ଷକଙ୍କ ଫୋଟ ଚିତ୍ରେର ଦୀପ ଧୂପ ଓ ପୁଷ୍ପ ଅପର୍ଣ କରାଯିବା ସହିତ ଦିଂବଗତ ଶିକ୍ଷକ, କମର୍ଚାରୀ ଓ ସହପାଠୀ ଙ୍କ ଉଦ୍ଦେଶ୍ୟେର ୧ ମିନିଟ ନୀରବ ପ୍ରାଥର୍ନା କରା ଯାଇଥିଲା. ସଞ୍ଜିବ ଜେନା, ଇଂ କିଶୋର ଚନ୍ଦ୍ର ଗିରି, ସତ୍ୟେନ୍ଦୁ ଦାସ, ମେନାଜ ପଣ୍ଡା, ରଜେଶ ଦାଶ, ସମରଜିତ ମହାପାତ୍ର, ଚନ୍ଦ୍ର ମୋହନ ପାତ୍ର, ସୁକାନ୍ତ ବିନ୍ଧାଣୀ ଓ ଗୌରେମୋହନ ବିନ୍ଧାଣୀ ପ୍ରମୁଖ ଅତୀତର ସ୍ମୃତିରେ କୁଆମରା ହାଇସ୍କୁଲ ଅଧ୍ୟୟନ ଶୃଙ୍ଖଳିତ ଜୀବନଧାରା ଗଠନର ମୁଖ୍ୟ ସହାୟକ ହୋଇଛି ବୋଲି କହିଥିଲେ. ଆଗକୁ ସମାଜେସବା ମୂଳକ କାର୍ଯ୍ୟକ୍ରମ ପାଇଁ ଟ୍ରଷ୍ଟ ଗଠନ ସହିତ ପାଣ୍ଠି ଜମା ଉପେର ସବର୍ସମ୍ମତ ନିଷ୍ପତି ଗ୍ରହଣ ହୋଇଥିଲା. ପ୍ରତିବର୍ଷ ଜାନୁଆରୀ ତୃତୀୟ ରବିବାର ସପରିବାର ଏକତିତ୍ର ହୋଇ କାର୍ଯ୍ୟକ୍ରମ ସ୍ମରଣୀୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରିଥିଲେ. ଶାଶ୍ୱତ ପଣ୍ଡା, ରଜେଶ ମହାପାତ୍ର, ଜ୍ଞାନରଞ୍ଜନ ଦାଶ, ଅରୁଣ ମାଇତି, ଅରୁଣ ମହାନ୍ତି, ସତ୍ୟନାରାୟଣ ମିଶ୍ର, ନରୋଜ ନାୟକ, ପ୍ରସନ୍ନ ମିଶ୍ର, ଭତ୍ତେଶ ବେହେରା, ଦିପକ ରାଜ ଓ ଅମେରନ୍ଦ୍ର ଦଳେବେହରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାେର ସହେଯାଗ କରିଥିଲେ.

# ମୟୂରଭଞ୍ଜର ଐତିହ୍ୟ ସଂରକ୍ଷଣ ପାଇଁ 'ଇନଟାକ୍' ପକ୍ଷରୁ ଯୋଜନା ପ୍ରସ୍ତୁତ

ବାରିପଦା : ମୟୂରଭଞ୍ଜ ଜିଲ୍ଲାର ସମୃଦ୍ଧ କଳା, ଅମୂଲ୍ୟ ସଂସ୍କୃତି ଏବଂ ଲୁକ୍କାୟିତ ଐତିହ୍ୟକୁ ବିଶ୍ୱ ଦରବାରରେ ପହଂଚାଇବା ସହ ଏହାର ସଂରକ୍ଷଣ ପାଇଁ ବଡ଼ ପଦକ୍ଷେପ ନେଇଛି ଇନଟାକ୍ ର ମୟୂରଭଞ୍ଜ ଚାପ୍ଟର । ଜିଲ୍ଲାର କୋଣ ଅନୁକୋଣରେ ବିଛୁରିତ ପ୍ରାକ୍-ଐତିହାସିକ ଓ ଐତିହାସିକ ସ୍ଥାପତ୍ୟଗୁଡ଼ିକର ବିଧିବଦ୍ଧ 'ରେକର୍ଡେଡ୍ ଡକ୍ୟୁମେଂଟେସନ୍' କରିବା ପାଇଁ ସଂସ୍ଥା ପକ୍ଷରୁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି । ବାରିପଦା ଠାରେ ଏକ ସ୍ୱତନ୍ତ୍ର ଅଧିବେଶନରେ ମୟୂରଭଞ୍ଜ ଚାପ୍ଟର ର ନବ ନିଯୁକ୍ତ କନଭେନର ମହାରାଣୀ ରଶ୍ମୀ ରଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏବଂ କୋ- କନଭେନର ଡ. ଶ୍ୟାମ ସୁନ୍ଦର ଦାସ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯିବା ସହିତ ଆଗାମୀ ଏକ



ବର୍ଷ ସକାଶେ ଯୋଜନା ମାନ ପ୍ରସ୍ତୁତ କରାଯାଇଥିଲା । ଏହି ଉତ୍ସବ ରେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଐତିହାସିକ ତଥା ଇନଟାକ୍ ଓଡ଼ିଶା ଚାପ୍ଟର ର କୋ କନଭେନର ଅନିଲ ଧୀର ମୟୂରଭଞ୍ଜ ଚାପ୍ଟର ନିମନ୍ତେ ବିଭିନ୍ନ ଯୋଜନା ସବୁକୁ ଅବଗତ କରାଇଥିଲେ । ପ୍ରାୟ ଦୁଇ ହଜାର ବର୍ଷ ର ଇତିହାସ କୁ ବହନ କରିଆସିଥିବା ମୟୂରଭଞ୍ଜ ର ଐତିହ୍ୟ ର ସଂରକ୍ଷଣ ପାଇଁ ବିଶେଷ କୌଣସି କାର୍ଯ୍ୟ କରାଯାଇ ନଥିବା ସମୟରେ ଇନଟାକ୍ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ କାମକୁ କରାଯିବ ବୋଲି ଶ୍ରୀ ଧୀର ଘୋଷଣା କରିଛନ୍ତି । ଆଉ ଏହା ମହାରାଣୀ ଙ୍କ ନେତୃତ୍ୱରେ କରାଯିବାକୁ ଅନୁଷ୍ଠାନ ର ଜାତୀୟ ସ୍ତରର କର୍ମକର୍ତା ମାନେ ନିଷ୍ପତି ନେଇଥିବାର ବିଷୟ ସେ ପ୍ରକାଶ କରିଥିଲେ । ଜିଲ୍ଲାର ଅନେକ ଲୁକ୍କାୟିତ ଐତିହ୍ୟ ଓ ପ୍ରାକ୍-ଐତିହାସିକ ସ୍ଥଳ ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସି ନାହିଁ । ଚଳିତ ବର୍ଷ ଶେଷ ସୁଦ୍ଧା ସମଗ୍ର ଜିଲ୍ଲାରେ ଡକ୍ୟୁମେଂଟେସନ୍ କାର୍ଯ୍ୟ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ଦ୍ୱାରା ଐତିହ୍ୟ ସ୍ଥଳଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ ସହଜ ହେବ ବୋଲି ଆଶା କରାଯାଉଛି । ନୂତନ ପିଢ଼ିକୁ ମାଟିର ଇତିହାସ ସହ ଯୋଡ଼ିବା ପାଇଁ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ହେରିଟେଜ କ୍ଲବ୍ ମାନ ପ୍ରତିଷ୍ଠା କରାଯିବ । ଛାତ୍ରଛାତ୍ରୀ ଓ ଶିକ୍ଷାବିତ୍‌ମାନଙ୍କ ସହଯୋଗରେ ଜିଲ୍ଲାର ଗୌରବମୟ ଇତିହାସର ପ୍ରଚାର-ପ୍ରସାର କରାଯିବ ଏବଂ ସେମାନଙ୍କୁ ସଂରକ୍ଷଣ କାର୍ଯ୍ୟରେ ସାମିଲ କରାଯିବ । ଜିଲ୍ଲାର ନଦୀ, ଧର୍ମାନୁଷ୍ଠାନ, ପାହାଡ଼-ପର୍ବତ, କିର୍ତିରାଜି, କଳା-ସଂସ୍କୃତି, ନୃତ୍ୟ, ଶିଳ୍ପ ଏବଂ ପାରମ୍ପରିକ ଖାଦ୍ୟ ସଂସ୍କୃତିକୁ ବଂଚାଇ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି । ମୟୂରଭଞ୍ଜର ଅମୂଲ୍ୟ ସମ୍ପଦକୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରଖିବା ପାଇଁ ଲୋକଙ୍କ ସହଯୋଗ ଆବଶ୍ୟକ । ଲୋକଙ୍କ ସହଯୋଗ ମାଧ୍ୟମରେ ହିଁ ଏହି ଐତିହ୍ୟ ଆନ୍ଦୋଳନ ସଫଳ ହୋଇ ପାରିବ । ତେଣୁ ଏଥିରେ ନୂତନ ସଦସ୍ୟ ମାନଙ୍କୁ ଯୋଡ଼ିବା ପାଇଁ ମଧ୍ୟ ନିଷ୍ପତି ହୋଇଛି ।



# ଭାରତର ବିକାଶ ଗାଥାର କେନ୍ଦ୍ରବିନ୍ଦୁରେ ମହିଳା

ଭାରତର ବିକାଶ ଗାଥାକୁ ଅଧିକାଂଶ ସମୟରେ ପରିସଂଖ୍ୟାନ, ବିକାଶ ହାର, ଢାଂଚାଗତ ବିସ୍ତାର ଏବଂ ଆର୍ଥିକ ଉପଲବ୍ଧି ମାଧ୍ୟମରେ ବ୍ୟକ୍ତ କରାଯାଇ ଆସୁଛି । କିନ୍ତୁ ବିଗତ ଏକ ଦଶନ୍ଧି ମଧ୍ୟରେ ସବୁଠାରୁ ବଡ଼ ପରିବର୍ତ୍ତନ ଏହି ସଂଖ୍ୟାଗତ ସୂଚକରେ ନୁହେଁ, ବରଂ ଏକ ଗଭୀର ସାମାଜିକ ରୂପାନ୍ତରରେ ପରିଲକ୍ଷିତ ହୋଇଛି । ଏହି ପରିବର୍ତ୍ତନ ମହିଳାମାନଙ୍କ ଉଦୟରେ ସ୍ପଷ୍ଟ - ସେମାନେ କେବଳ ବିକାଶର ଲାଭାନ୍ୱିତା ନୁହେଁ, ବରଂ ଏହାର ସକ୍ରିୟ ସହଭାଗୀ ଏବଂ ପରିବର୍ତ୍ତନର ଅଗ୍ରଦୂତ ଭାବେ ଉଭା ହୋଇଛନ୍ତି । ଆଜି ମହିଳାମାନେ ଶିକ୍ଷା, ଅର୍ଥନୀତି, ଶାସନ, ବିଜ୍ଞାନ ଓ ଉଦ୍ୟମିତାର ପ୍ରତ୍ୟେକ କ୍ଷେତ୍ରରେ ନୂଆ ମାନଦଣ୍ଡ ସ୍ଥାପନ କରୁଛନ୍ତି । ସେମାନଙ୍କର ନେତୃତ୍ୱ ଏବଂ ସକ୍ରିୟ ଅଂଶଗ୍ରହଣ ଦେଶର ନୀତି ଓ ପ୍ରାଥମିକତାକୁ ଅଧିକ ସମାବେଶୀ ଓ ସମ୍ବେଦନଶୀଳ କରିଛି । ଏହିପରି ଭାବେ ମହିଳାମାନେ କେବଳ ଦେଶର ବିକାଶ ଯାତ୍ରାର ସାଥୀ ନୁହେଁ, ବରଂ ଭାରତର ଭବିଷ୍ୟତକୁ ଆକାର ଦେଉଥିବା ଅଗ୍ରଣୀ ଶକ୍ତି ଭାବେ ପ୍ରକାଶିତ ହୋଇଛନ୍ତି । ମହିଳାମାନଙ୍କ ନେତୃତ୍ୱରେ ବିକାଶର ଏହି ଦିଗରେ ଏଭଳି ପରିବର୍ତ୍ତନକୁ କେବଳ ଆକସ୍ମିକ ବୋଲି କୁହାଯାଇ ପାରିବନାହିଁ । କିମ୍ବା ଏହା ସାମୟିକ ଅବା କାଁ ଭାଁ କେଉଁଠି ପରିଲକ୍ଷିତ ହେଉଛି ବୋଲି ମଧ୍ୟ ବିବେଚନା କରାଯାଇ ପାରିବନାହିଁ । ଏହା ସୁଚିନ୍ତିତ ଭାବରେ ଗ୍ରହଣ କରାଯାଉଥିବା ଶତତ ପ୍ରୟାସର ପରିଣାମ ଅଟେ, ଯାହା ଜୀବନର ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନଙ୍କୁ ସମର୍ଥନ ଦେବା ନିମନ୍ତେ ଏକ ସକ୍ଷମ ବାତାବରଣ (ଇକୋସିଷ୍ଟମ)ର ତନ୍ତ୍ର ନିର୍ମାଣ କରିଛି । ଶିଶୁକନ୍ୟାଟିଏ ଜନ୍ମ ନେବାଠାରୁ ଆରମ୍ଭ କରି ଉଦ୍ୟମୀ, ପେସାଦାର କିମ୍ବା ସାର୍ବଜନୀକ ପ୍ରତିନିଧି ଭାବରେ ସେମାନଙ୍କର ଯାତ୍ରା ପର୍ଯ୍ୟନ୍ତ, ଏହି ଦୃଷ୍ଟିକୋଣ ସମଗ୍ର, ଶତତ ଏବଂ ପରିବର୍ତ୍ତନକାରୀ ବୋଲି ସାବ୍ୟସ୍ତ ହୋଇଛି । ରାଜନୈତିକ ଭାଗିଦାରୀରେ ମଧ୍ୟ ଏକ ମହତ୍ୱପୂର୍ଣ୍ଣ ପରିବର୍ତ୍ତନ ଏହି ଏକ ଦଶନ୍ଧି ମଧ୍ୟରେ ଲକ୍ଷ୍ୟ କରାଯାଇଛି । ନିର୍ବାଚିତ ମହିଳା ପ୍ରତିନିଧିମାନଙ୍କ ସଂଖ୍ୟା ବର୍ତ୍ତମାନ ୧୨,୧୪,୮୮୫ ହୋଇଛି, ଯେଉଁମାନେ ମୋଟ ୨୪,୪୧,୭୮୧ ଜଣ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରେ ଅଛନ୍ତି ଏବଂ ମାତ୍ରା ହିସାବରେ ଏହା ୪୯.୭୫ ପ୍ରତିଶତ ଅଟେ । ଏହିଭଳି ଭାବରେ ମହିଳାମାନେ ତୃଣମୂଳ ସ୍ତରର ଶାସନ ପ୍ରକ୍ରିୟାରେ ସକ୍ରିୟତାର ସହିତ ଅଂଶ ଗ୍ରହଣ କରୁଛନ୍ତି । ଏହି କ୍ରମରେ, ନାରୀ ଶକ୍ତି ବନ୍ଦନ ଅଧିନିୟମ ଏକ ଐତିହାସିକ ଏବଂ ପଟ୍ଟ ପରିବର୍ତ୍ତନକାରୀ ଉପଲବଧି ବୋଲି ବିବେଚନା କରାଯାଇ ପାରେ, ଯାହା ଅଧୀନରେ ଲୋକସଭା ଏବଂ ରାଜ୍ୟ ବିଧାନସଭା ମାନଙ୍କରେ ମହିଳାମାନଙ୍କ ନିମନ୍ତେ ଏକ-ତୃତୀୟାଂଶ ଆସନ ସଂରକ୍ଷଣର ଆଇନଗତ ବ୍ୟବସ୍ଥା କରାଯାଇଛି । ଏହା ଉଚ୍ଚ ବିଧାୟୀ କ୍ଷେତ୍ରମାନଙ୍କରେ ମହିଳାମାନଙ୍କ ନେତୃତ୍ୱ କ୍ଷମତାକୁ ଅଧିକ ମଜଭୁତ କରିବାରେ ରାଷ୍ଟ୍ରର ଅତୁଟ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରେ । ଏଭଳି ଐତିହାସିକ ସଂସ୍କାରର ବାସ୍ତବ କ୍ଷମତା କେବଳ ଏହାର ପ୍ରଭାବୀ କାର୍ଯ୍ୟାନ୍ୱୟନ ମାଧ୍ୟମରେ ହିଁ ହାସଲ କରାଯିବା ସମ୍ଭବପର ହୋଇପାରିଛି । ଅଧିନିୟମରେ ଥିବା ପ୍ରାବଧାନଗୁଡ଼ିକୁ ଯଥା ଶୀଘ୍ର ଲାଗୁ କରିବାର ଆବଶ୍ୟକତା ମଧ୍ୟ ରହିଛି, ଯାହା ଫଳରେ ମହିଳାମାନଙ୍କ ସ୍ୱର କେବଳ ମାନ୍ୟତା ଲାଭ କରିବନାହିଁ, ଅପରନ୍ତୁ ଦେଶର ଲୋକତାନ୍ତ୍ରିକ ସଂରଚନାରେ ଏହାକୁ ସଂସ୍ଥାଗତ ଭାବରେ ସମାହିତ ମଧ୍ୟ କରାଯାଇ ପାରିବ । ଏହାକୁ ଯଥାଶୀଘ୍ର ପ୍ରବର୍ତ୍ତନ କରାଯିବା ଫଳରେ କେବଳ ସମାବେଶୀ ଶାସନକୁ ଏହା ଅଧିକ ଗତି ପ୍ରଦାନ କରିବନାହିଁ, ଅପର ପକ୍ଷେ ଏହା ଉତ୍ତମ ପ୍ରତିନିଧିତ୍ୱ ଏବଂ ନ୍ୟାୟୋଚିତ ରାଜନୈତିକ ପରିଦୃଶ୍ୟ ନିମନ୍ତେ ଏକ ଶକ୍ତିଶାଳୀ ଉତ୍ପ୍ରେରକ ରୂପରେ ମଧ୍ୟ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିବ । ଦୀର୍ଘ ଦଶନ୍ଧି ପର୍ଯ୍ୟନ୍ତ ଲିଙ୍ଗଗତ ବୈଷମ୍ୟ ଭାରତର ଜନସାଂଖ୍ୟିକ ଏବଂ ସାମାଜିକ ସଙ୍କେତଗୁଡ଼ିକୁ ପ୍ରଭାବିତ କରି ରଖିଥିଲା । ଆଜି ସେହି କାହାଣୀ ଧୀରେ ଧୀରେ ବଦଳି ଏକ ନୂତନ କାହାଣୀ ରଚନା ହେବା ଆରମ୍ଭ କରିଛି । 'ବେଟୀ ବଚାଓ ବେଟୀ ପଢ଼ାଓ' ଭଳି କାର୍ଯ୍ୟକ୍ରମର ଗଭୀର ପ୍ରଭାବ ବର୍ତ୍ତମାନ ସମାଜରେ ପଡ଼ିଛି ଏବଂ ଏହା ବଦ୍ଧମୂଳ ମାନସିକତାକୁ ଆହ୍ୱାନ ଦେଇଛି ଏବଂ ମହିଳାମାନଙ୍କ ମୂଲ୍ୟବୋଧକୁ ସୁଦୃଢ଼ କରିବାର ସଫଳ ପ୍ରୟାସ କରିଚାଲିଛି । ଏହାର ପ୍ରଭାବ ରାଷ୍ଟ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ.ଏଫ.ଏଚ.ଏସ. -୫)ରେ ମଧ୍ୟ ଦେଖିବାକୁ ମିଳିଛି, ଯେଉଁଥିରେ ପ୍ରତି ୧,୦୦୦ ପୁରୁଷଙ୍କ ମଧ୍ୟରେ ୧୦୨୦ ମହିଳାମାନଙ୍କ ଲିଙ୍ଗଗତ ଅନୁପାତ ସାମିଲ କରାଯାଇଛି । ଏହା କେବଳ ଏକ ସଂଖ୍ୟାତ୍ମକ ସୁଧାର ନୁହେଁ, ବରଂ ସାମାଜିକ ପରିବର୍ତ୍ତନର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ପ୍ରଦାନ କରେ । 'ମିଶନ ଇନ୍ଦ୍ରଧନୁଷ' ଭଳି କାର୍ଯ୍ୟକ୍ରମ ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ପୂର୍ଣ୍ଣ ଟିକାକରଣ ସୁନିଶ୍ଚିତ କରେ । "ମିଶନ ସକ୍ଷମ ଅଙ୍ଗନୱାଡ଼ି", "ପୋଷଣ ୨.୦", ତଥା "ପୋଷଣ ଅଭିଯାନ' ପ୍ରୟାସ ଯୋଗୁ କୁପୋଷଣର ସମାଧାନ କରାଯାଇ ପାରିଛି- ଏହାକୁ ସ୍ୱୀକାର ପୂର୍ବକ ସୁସ୍ଥ ଶୈଶବ, ସଶକ୍ତ ବୟସ୍କତା ଦିଗରେ ପ୍ରଥମ ସଫଳ ପଦକ୍ଷେପ ହୋଇଛି । ମାଆମାନଙ୍କ ନିମନ୍ତେ, ସଂସ୍ଥାଗତ ସମର୍ଥନରେ ମଧ୍ୟ ବ୍ୟାପକ ବିସ୍ତାରଣ ହୋଇ ପାରିଛି । ପି.ଏମ.ଏମ.ବି.ୱାଇ ଅଧୀନରେ ୪.୨୮ କୋଟିରୁ ଅଧିକ ମହିଳାମାନଙ୍କୁ ୨୦,୧୪୯ କୋଟି ଟଙ୍କାରୁ ଅଧିକ ଧନରାଶି ବିତରଣ କରାଯାଇ ସାରିଛି, ଯାହା ଗର୍ଭାବସ୍ଥା ସମୟରେ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ଉଦ୍ଦିଷ୍ଟ । ମହିଳାମାନେ କେବଳ ଏହିସବୁ କାର୍ଯ୍ୟକ୍ରମ ଏବଂ ଦେଶ ବିକାଶର ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ସହିତ ଅଂଶଗ୍ରହଣ କରୁନାହାନ୍ତି- ସେମାନେ ଏଥିରେ ନେତୃତ୍ୱ ଗ୍ରହଣ କରୁଛନ୍ତି । ଭାରତର ଷ୍ଟାର୍ଟ ଅପ୍ ଇକୋସିଷ୍ଟମରେ ସଂସ୍ଥାପନ ଏବଂ ନିର୍ଣ୍ଣୟକର୍ତ୍ତା ଭାବରେ ମହିଳାମାନଙ୍କ ଭୂମିକା କ୍ରମାଗତ ଭାବରେ ବୃଦ୍ଧି ପାଇଚାଲିଛି ଏବଂ ସେମାନେ ନବାଚାର ଠାରୁ ଆରମ୍ଭ କରି ଉଦ୍ୟୋଗରେ ମଧ୍ୟ ଅନୁରୂପ ଭାବରେ ଯୋଗଦାନ କରି ଚାଲିଛନ୍ତି । ଏହି ପରିବର୍ତ୍ତନରେ ଆର୍ଥିକ ସମାଯୋଜନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ପି.ଏମ.ଏମ.ୱାଇ ଅଧୀନରେ ୪୦ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୫୭.୭୯ କୋଟି ଋଣ ପ୍ରଦାନ କରାଯାଇ ସାରିଛି, ଏବଂ ସେଥିରେ ହାରାହାରି ୬୬ ପ୍ରତିଶତ ଲାଭାର୍ଥୀ ହେଉଛନ୍ତି ମହିଳା । ପ୍ରତ୍ୟେକ ଋଣ କେବଳ ଆର୍ଥିକ ସହାୟତା ନିମନ୍ତେ ଉଦ୍ଦିଷ୍ଟ ନୁହେଁ, ବରଂ ମହିଳାମାନଙ୍କ ଆଶା ଆକାଂକ୍ଷା ମାନଙ୍କରେ ବିଶ୍ୱାସ ଭରିବାର ମଧ୍ୟ ଏହା ଏକ ପ୍ରତୀକ । ଏଥିରେ ପୂରକ ଭାବରେ ଜନ ଧନ ଯୋଜନା ଅଧୀନରେ ଆର୍ଥିକ ସମାଯୋଜନ ଆହୁରି ଅଧିକ ଗଭୀର ତଥା ବ୍ୟାପକ ହୋଇଛି । ଏହା ଅଧୀନରେ ୫୭.୯୩ କୋଟି ବ୍ୟାଙ୍କ ଜମାଖାତା ଖୋଲାଯାଇଛି ଏବଂ ସେଥିରେ ୩୨.୨୯ କୋଟି (୫୫.୭ ପ୍ରତିଶତ) ମହିଳା ମାନଙ୍କ ଜମାଖାତା ରହିଛି । ପ୍ରାଥମିକ ସ୍ତରରେ, ପରିବର୍ତ୍ତନର ବ୍ୟାପକତା ଆହୁରି ଅଧିକ ପ୍ରଭାବଶାଳୀ ହୋଇଥିବା ଜଣାଯାଏ । ହାରାହାରି ୧୦ କୋଟି ମହିଳାମାନଙ୍କୁ ୯୦ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ସମୂହରେ ସଂଗଠିତ କରାଯାଇଛି, ଯାହା ଫଳରେ ସାମୂହିକ ସହନଶୀଳତା, ଆର୍ଥିକ ସ୍ୱାୟତତା ଏବଂ ସାମାଜିକ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇଛି । ଏଭଳି ଇକୋସିଷ୍ଟମ ଫଳରେ ୩ କୋଟିରୁ ଅଧିକ ମହିଳାଙ୍କୁ ଲକ୍ଷପତି ଦିଦି ଭାବରେ ଉଭା ହେବାକୁ ସକ୍ଷମ କରାଯାଇପାରିଛି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକ ବ୍ୟାଙ୍କ ଋଣ ପ୍ରଦାନ କରାଯାଇଛି । ଏହା ବ୍ୟତୀତ, ୮୪ ଲକ୍ଷ ଗ୍ରାମୀଣ ମହିଳା ଉଦ୍ୟୋଗୀ ହୋଇ ପାରିଛନ୍ତି, ଯଦ୍ୟପି ୫ କୋଟି ମହିଳା କୃଷକ ଉନ୍ନତ ଏବଂ ଶତତ କୃଷି ସଂସ୍ଥାନମାନଙ୍କୁ ପ୍ରଶିକ୍ଷଣ ପ୍ରାପ୍ତ ହୋଇପାରିଛନ୍ତି । ଏହା ସ୍ୱାଭାବିକ ଯେ ଲୋକଙ୍କ ମନରେ ଆହୁରି ଏକ ପ୍ରଶ୍ନ ଉଭା ହୋଇପାରେ – ସଶକ୍ତୀକରଣ, ଆଜୀବିକା କ'ଣ ସମୃଦ୍ଧ ହେବା ଦିଗରେ ସହାୟକ ହୋଇପାରିବ ? ଲକ୍ଷପତି ଦିଦି ଭଳି ଉପକ୍ରମର ଲକ୍ଷ୍ୟ ଉପାର୍ଜନ ସୃଜନକୁ ମଜଭୁତ କରୁଛି, ଯଦ୍ୟପି ଡ୍ରୋନ୍ ଦିଦି କାର୍ଯ୍ୟକ୍ରମ, ଯାହାର ଲକ୍ଷ୍ୟ ହେଲା ୧୫,୦୦୦ ମହିଳାଙ୍କୁ ଡ୍ରୋନ୍ ପାଇଲଟ ଭାବରେ ପ୍ରଶିକ୍ଷଣ ପ୍ରଦାନ କରାଯିବ, ଏହା ଏକ ଦୂରଦର୍ଶୀ ଦୃଷ୍ଟିକୋଣ ଭାବରେ ପରିଲକ୍ଷିତ ହେଉଛି- ଗ୍ରାମୀଣ ମହିଳାମାନଙ୍କୁ ପ୍ରଯୁକ୍ତି ସଂଚାଳିତ କୃଷି ଇକୋସିଷ୍ଟମ ସହିତ ଏକୀକୃତ କରିବା । ସଶକ୍ତୀକରଣର ଅର୍ଥ ହେଲା ଦୈନନ୍ଦିନ ଜୀବନର ବୋଝକୁ ସହଜ କରିବା । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ୧୦.୫୬ କୋଟିରୁ ଅଧିକ ଧୂମହୀନ ରୋଷେଇ ଘର ସ୍ୱାସ୍ଥ୍ୟରେ ସୁଧାର ଆଣି ପାରିଛି ଏବଂ ମହିଳାମାନଙ୍କ କଠିନତାକୁ ହ୍ରାସ କରିବାରେ ସକ୍ଷମ ହୋଇପାରିଛି । ସ୍ୱଚ୍ଛ ଭାରତ ମିଶନ ଅଧୀନରେ ୧୧.୮ କୋଟିରୁ ଅଧିକ ଶୌଚାଳୟ ଦେଶବ୍ୟାପୀ ନିର୍ମାଣ କରାଯିବା ମହିଳାମାନଙ୍କ ଗାରିମା ଏବଂ ସୁରକ୍ଷା ବୃଦ୍ଧିରେ ଯେ ସହାୟକ ହୋଇଛି ତାହା ଅନସ୍ୱୀକାର୍ଯ୍ୟ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯାହା ମାଧ୍ୟମରେ ୭୩ ପ୍ରତିଶତ ଲାଭାର୍ଥୀ କେବଳ ମହିଳାମାନେ ହୋଇ ପାରିଛନ୍ତି, ଏହା ଅଧୀନରେ ନିର୍ମିତ ବାସଗୃହ ସ୍ୱାମୀତ୍ୱ ଏବଂ ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିପାରିଛି । ଏହା ସହିତ, ସଭିଏଁ ମିଳିମିଶି ସମସ୍ତ କାର୍ଯ୍ୟକ୍ରମକୁ ଦୈନନ୍ଦିନ ଜୀବନରେ ଲୋକ ମାନଙ୍କ ଗାରିମାର ପରିଭାଷାକୁ ନୂତନ ସଂଜ୍ଞା ପ୍ରଦାନ କରିବାର ଏକ କୀର୍ତ୍ତିମାନ ସ୍ଥାପନ କରିଛି । ଏହା



ଶ୍ରୀମତୀ ବିଜୟା ରହାଟକର

ସହିତ ମହିଳାମାନେ ସେହିସବୁ ସ୍ଥାନମାନଙ୍କରେ ବର୍ତ୍ତମାନ ପ୍ରବେଶ କରିବାର ସୁଯୋଗ ପାଇପାରିଛନ୍ତି, ଯେଉଁମାନେ କେବେ ସେଠାରେ ପହଂଚି ପାରିବେ ବୋଲି ବିଶ୍ୱାସ ସୁଦ୍ଧା କରି ନଥିଲେ । ସଶସ୍ତ୍ର ବଳରେ ଏହି ପରିବର୍ତ୍ତନ ଘଟାଯାଇଛି ଯାହା ବାସ୍ତବରେ ପରିଣତ ହୋଇଛି । ସେଠାରେ ମହିଳାମାନେ ବର୍ତ୍ତମାନ ନେତୃତ୍ୱ ଏବଂ ଦାୟିତ୍ୱ ଗ୍ରହଣ କରିବା ସହିତ ନିଜ ନିଜର କର୍ତ୍ତବ୍ୟକୁ ନିଷ୍ଠାର ସହିତ ସମ୍ପାଦନ କରିପାରୁଛନ୍ତି । ସେଥିରେ ଯୁଦ୍ଧ କ୍ଷେତ୍ର ମଧ୍ୟ ସାମିଲ । ବର୍ତ୍ତମାନ ପ୍ରଶ୍ନ ଏହା ନୁହେଁ ଯେ ମହିଳାମାନେ ସେବା କରିପାରିବେ ଅବା ନାହିଁ, ବରଂ ପ୍ରଶ୍ନ ହେଉଛି ସେମାନେ କେତେ ଦୂର ପର୍ଯ୍ୟନ୍ତ ନେତୃତ୍ୱ ନେବାକୁ ସକ୍ଷମ । କାର୍ଯ୍ୟସ୍ଥଳରେ ଅଣାଯାଇଥିବା ସୁଧାରରେ ମଧ୍ୟ ଏ ଦିଗରେ ଉନ୍ନତି ଘଟିଛି ଏବଂ ଏହାକୁ ଏକ ବଳିଷ୍ଠ ଯୋଗଦାନ ବୋଲି ବିବେଚନା କରାଯାଇପାରେ । ନୂତନ ଶ୍ରମ ସଂହିତାଗୁଡ଼ିକ ମହିଳା କର୍ମଚାରୀମାନଙ୍କ ନିମନ୍ତେ ଉଚିତ ସୁରକ୍ଷା ବ୍ୟବସ୍ଥା ସହିତ ବିଭିନ୍ନ କ୍ଷେତ୍ରରେ, ଯେଉଁଥିରେ ରାତି ସିଫ୍ଟରେ କାର୍ଯ୍ୟ କରିବା ମଧ୍ୟ ସାମିଲ, କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିଛନ୍ତି ଯାହାକି ଶ୍ରମ ବ୍ୟବସ୍ଥାକୁ ସମାଯୋଜିତ କରାଯାଇ ପାରିଛି ବୋଲି ବିବେଚନା କରାଯାଇପାରେ । ଏହିସବୁ ସଂହିତାଗୁଡ଼ିକ ସମାନ ବେତନ, ସାମାଜିକ ସୁରକ୍ଷା ଏବଂ ସମ୍ମାନ ଉପରେ ଅଧିକ ଗୁରୁତ୍ୱାରୋପ କରେ, ସୁରକ୍ଷାରୁ ସଶକ୍ତୀ କରଣ ଦିଗରେ ଏହା ପରିବର୍ତ୍ତନକୁ ରେଖାଙ୍କିତ କରେ । ସଂସ୍ଥାଗତ ସମର୍ଥନ ମଧ୍ୟ ଏ ଦିଗରେ ଏକ ମହତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ଉଭା ହୋଇଛି । ରାଷ୍ଟ୍ରୀୟ ମହିଳା ଆୟୋଗ (ଏନ.ସି.ଡବ୍ଲୁ.) ଅଭିଯୋଗ ନିବାରଣଠାରୁ ଆଗକୁ ବଢ଼ି ସକ୍ରିୟ ବ୍ୟବସ୍ଥା ଏବଂ କ୍ଷମତା ନିର୍ମାଣ ନିମନ୍ତେ ନିଜର ବିସ୍ତାରଣ ଘଟାଇଛି । "ସି ସ୍ୱର୍ଶ" ଭଳି ଉପକ୍ରମ ମହିଳା ଅଭ୍ୟାର୍ଥୀମାନଙ୍କ ଏ ଦିଗରେ ମାର୍ଗଦର୍ଶନ କରାଉଛି, ଯଦ୍ୟପି "ଯଶୋଦା ଏ.ଆଇ." ସେମାନଙ୍କୁ ନୂଆ କରି ମୁଣ୍ଡ ଟେକୁଥିବା ପ୍ରଯୁକ୍ତି କୌଶଳ ପ୍ରଦାନ କରେ । "କ୍ୟାମ୍ପସ୍ କଲିଂ" ଯୁଗଗୋଷ୍ଠୀଙ୍କୁ ଅଧିକ ସଚେତନ ହେବା ନିମନ୍ତେ ପ୍ରୋତ୍ସାହିତ କରେ, "ସି ଇଜ୍ ଏ ଚେଞ୍ଜ ମେକର" କାର୍ଯ୍ୟକ୍ରମ ତୃଣମୂଳ ସ୍ତରରେ ମହିଳାମାନଙ୍କ ନେତୃତ୍ୱ ଗ୍ରହଣ କରିବାର କ୍ଷମତାକୁ ଅଧିକ ମଜଭୁତ କରୁଛି ଏବଂ "ମହିଳା ଜନ ଶୁଣାଣି" ସୁଲଭ ଅଭିଯୋଗ ନିବାରଣକୁ ମଧ୍ୟ ସୁନିଶ୍ଚିତ କରୁଛି । ଏହିସବୁ ଉପକ୍ରମ ଯାହା ଆଜି ଆମମାନଙ୍କ ସମ୍ମୁଖରେ ଉଭା ହୋଇଛି, ସେହିସବୁ ପ୍ରୟାସମାନ ହେଉଛି ଦେଶର ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ଏକ ସଫଳ ସମନ୍ୱୟ, ଯାହା ମହିଳା ନେତୃତ୍ୱ ଧର୍ମୀ ବିକାଶର ଏକ ନୂତନ ଯୁଗକୁ ରୂପ ପ୍ରଦାନ କରେ ।

***(ଲେଖିକା ରାଷ୍ଟ୍ରୀୟ ମହିଳା ଆୟୋଗର ଅଧକ୍ଷା ଅଛନ୍ତି ।)***

# ରାସ୍ତା ନୁହେଁ ଯେମିତି 'ଯମଫାଶ' ଅସଜଡ଼ା ନିର୍ମାଣ ଶୈଳୀ ଓ ବିଳମ୍ବ ଯୋଗୁଁ ଯାଉଛି ଜୀବନ



ଧାମନଗର(ନିପ୍ର) : ଧାମନଗର ଛକ ୧୬ ନମ୍ବର ଜାତୀୟ ରାଜପଥରୁ ଧାମନଗର ବଜାର । ମାତ୍ର ୯ କିଲୋମିଟରର ଏହି ରାସ୍ତା ଏବେ ସାଧାରଣ ଜନତାଙ୍କ ପାଇଁ ମରଣଯନ୍ତା ପାଲଟିଛି । ପୂର୍ତ୍ତ ବିଭାଗର ଚରମ ଅବହେଳା ଏବଂ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ପ୍ରତିଦିନ ଏଠାରେ ରକ୍ତର ଛିଟା ପଡୁଛି । ପ୍ରାୟ ୮ କୋଟି ଟଙ୍କାର ଏହି ପ୍ରକଳ୍ପ ଏବେ ବିପର୍ଯ୍ୟସ୍ତ ପରିବହନ ବ୍ୟବସ୍ଥାର ଏକ କୁତ୍ସିତ ଚିତ୍ର ପ୍ରଦାନ କରୁଛି । ପ୍ରଶସ୍ତିକରଣ ଓ ଉନ୍ନୟନ ନାଁରେ ମାର୍ଚ୍ଚ ମାସ ସୁଦ୍ଧା ସରିବାକୁ ଥିବା ଏହି କାମ ଏବେ ବି ଅଧ ପନ୍ତରିଆ । ଶହ ଶହ ଗଛ କାଟି ରାସ୍ତାର ଉଭୟ ପାର୍ଶ୍ୱକୁ ଖୋଳି ଦିଆଯାଇଛି, ହେଲେ ନିର୍ମାଣର କୌଣସି ଚିହ୍ନବର୍ଣ୍ଣ ନାହିଁ । ବାଲି ବଦଳରେ ବାଲିଆ ମାଟି ଭର୍ତ୍ତି କରି କାମ ସାରି ଦେବାର ଅପଚେଷ୍ଟା ଚାଲିଛି । ସବୁଠାରୁ ବିପଜ୍ଜନକ କଥା ହେଉଛି, ରାସ୍ତା ସାରା ବାଲି, ନାଲିଗୋଡ଼ି ଏବଂ ଫ୍ଲାଏ ଆଶ ଗଦା ହୋଇ ରହିଥିବାରୁ ଯାନବାହନ ଚଳାଚଳ ପାଇଁ ସ୍ଥାନ ସଂକୁଚିତ ହୋଇପଡ଼ିଛି । ଗତକାଲି ଏହି ଅସଜଡ଼ା ରାସ୍ତା ଯୋଗୁଁ ଦୁଇଟି ବଡ଼ ଦୁର୍ଘଟଣା ଘଟିଛି । ଭଣ୍ଡାରିପଦୀ ଛକ ନିକଟରେ ଏକ ବାଲି ବୋଝେଇ ଟ୍ରାକ୍ଟର ସହ ବାଇକର ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇଜଣ ନାବାଳକ (ସେକ ଆରମାନ ଓ ସେକ ଆଜମେର)ଙ୍କର ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଭାରତୀୟ ସଡ଼କ କଂଗ୍ରେସର ନିୟମ ଅନୁସାରେ ନିର୍ମାଣାଧୀନ ରାସ୍ତାରେ ଟ୍ରାଫିକ ପରିଚାଳନା ପାଇଁ କଡ଼ା ନିର୍ଦ୍ଦେଶ ରହିଛି । ହେଲେ ଏଠାରେ କାମ ଚାଲିବା ସ୍ଥାନର ୫୦୦ ମିଟର ପୂର୍ବରୁ ସୂଚନା ବୋର୍ଡ ନାହିଁ । ସୁରକ୍ଷା ପାଇଁ ବ୍ୟାରିକେଡ୍ କିମ୍ବା ରିଫ୍ଲେକ୍ଟିଭ୍ କୋନ୍ ମଧ୍ୟ ବ୍ୟବହାର କରାଯାଉନାହିଁ । ରାତିରେ ସଙ୍କେତ ଦେବା ପାଇଁ 'ଫ୍ଲାଗ୍-ମ୍ୟାନ୍' କିମ୍ବା ଆଲୋକ ବ୍ୟବସ୍ଥା ଶୂନ । ଧୂଳି ନଉଡ଼ିବା ପାଇଁ ପାଣି ସିଂଚନ ମଧ୍ୟ କରାଯାଉନାହିଁ, ଯାହା ଦ୍ୱାରା ଦୃଶ୍ୟମାନ ଶକ୍ତି କମି ଦୁର୍ଘଟଣା ଘଟୁଛି । ଏନେଇ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଦେବୀ ପ୍ରସନ୍ନ ଘୋଷଙ୍କୁ ପଚାରିବାରୁ ସେ କହିଛନ୍ତି, 'ରାସ୍ତା କାମରେ ହେଉଥିବା ବିଳମ୍ବକୁ ଗମ୍ଭୀରତାର ସହ ନିଆଯାଇଛି । କାମକୁ ତ୍ୱରାନ୍ୱିତ କରିବା ସହ ସୁରକ୍ଷା ନିୟମ ପାଳନ କରିବାକୁ ଠିକାଦାରଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । 'ତେବେ ପ୍ରଶ୍ନ ଉଠୁଛି, ଆଉ କେତେ ଜୀବନ ଗଲେ ବିଭାଗର ନିଦ ଭାଙ୍ଗିବ କେବଳ କାଗଜ କଲମର ନିର୍ଦ୍ଦେଶ ନୁହେଁ, ବରଂ କ୍ଷେତ୍ରସ୍ତରରେ ମଜଭୁତ କାମ କରିବାକୁ ସାଧାରଣରେ ଦାବି ହେଉଛି । ନଚେତ୍ ଆଗାମୀ ଦିନରେ ଏହା ଏକ ବଡ଼ ଜନ ଆନ୍ଦୋଳନର ରୂପ ନେବାର ଆଶଙ୍କା ରହିଛି । ଏ ଦିଗରେ ଭଦ୍ରକ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ମାଧପୁର କାଳିମନ୍ଦିର ନିର୍ମାଣ ପ୍ରକଳ୍ପ ପାଇଁ ଗ୍ରାମ ସଭା ଅନୁଷ୍ଠିତ



କେନ୍ଦୁଝର(ନିପ୍ର) : କେନ୍ଦୁଝର ସହର ସ୍ଥିତ ମାଧପୁର କାଳିମନ୍ଦିର କମିଟି ତରଫରୁ ମା ଶ୍ୟାମା କାଳୀଙ୍କର ଦେବୀ ଗୃହକୁ ଏକ ନୂତନ ମନ୍ଦିର ଭାବେ ନିର୍ମାଣ କରିବା ପାଇଁ ତ.୦୬.୦୪.୨୬ ରିଖ ଓ ସୋମବାର ସନ୍ଧ୍ୟା ୭.୦୦ ଘଟିକା ୩୦ ମିନିଟ ସମୟରେ ସ୍ଥାନୀୟ ମାଧପୁର ଓ ମାଗୁର ଗଡିଆ ଗ୍ରାମବାସୀ ମାନଙ୍କୁ ନେଇ ଅନୁଷ୍ଠାନର ସ୍ଥାୟୀ ସଭାପତି ଶିବ କୁମାର ରାଠୋରଙ୍କ ସଭାପତିତ୍ୱରେ ଏକ ଗ୍ରାମ ସଭେ ଅନୁଷ୍ଠିତ ହୋଇଅଛି । ଏହି ଗ୍ରାମ ସଭାରେ ନୂତନ ମନ୍ଦିର ନିର୍ମାଣ ପାଇଁ ସମସ୍ତଙ୍କର ସହଯୋଗ ପାଇଁ ସମସ୍ତେ ଏକ ମତ ହେବା ସହିତ ଅନ୍ୟ ମାନଙ୍କୁ ସାମିଲ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇ ଥିଲା । ଏହି ସଭାରେ ସ୍ଥାନୀୟ ବରିଷ୍ଠ ଗ୍ରାମବାସୀ ଅମରବର ଖଟୁଆ, ସନାତନ ବେହେରା, ମହେନ୍ଦ୍ର କୁମାର ସାହୁ ଓ ବିଜୟ ଲକ୍ଷ୍ମୀ ଓଝା ତଥା ଅନ୍ୟମାନେ ସମସ୍ତଙ୍କର ପୂର୍ଣ୍ଣ ସହଯୋଗ କାମନା କରିଥିଲେ ଏବଂ ଯୋଜନା ଅନୁସାରେ କାର୍ଯ୍ୟ କାଲେ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରି ହେବ ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ସଂଯୋଜକ ପ୍ରଫୁଲ କୁମାର ସାହୁ, ନିର୍ମାଣ କମିଟି ଉନ୍ନୟନ ସମ୍ପାଦକ ପ୍ରିୟବ୍ରତ ଜେନା, ଭୂଷିତ ଚାୱ୍ଡା, କୋଷାଧକ୍ଷ ବିନୋଦ ବିହାରୀ ଲାଲ, ସମ୍ପାଦକ ବିଜନ କୁମାର ନାୟକ, ସମ୍ପାଦକ କୃଷ୍ଣ ଚନ୍ଦ୍ର ପଲେଇ, ବରିଷ୍ଠ ସଦସ୍ୟ ଗଣେଶ୍ୱର ବେହେରା, ଗୌରାଙ୍ଗ ରାମ, ସଞ୍ଜୟ କୁମାର ଓଝା, ମାନସ କୁମାର ବ୍ରହ୍ମ ଓ କର୍ମକର୍ତ୍ତାମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ଗ୍ରୀଷ୍ମ ପ୍ରବାହ : ମଧ୍ୟାହ୍ନରେ ହାଟ ବନ୍ଦ ନିଷ୍ପତି

ବାରିପଦା(ନିପ୍ର) : ଗ୍ରୀଷ୍ମ ପ୍ରବାହର ତୀବ୍ରତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ତରଫରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ କରା ଯାଇଛି । ଏହି କ୍ରମରେ ଜିଲ୍ଲାର ସମସ୍ତ ଦୈନିକ ଓ ସାପ୍ତାହିକ ହାଟଗୁଡ଼ିକୁ ପୂର୍ବାହ୍ନ ୧୧ଟାରୁ ସଂନ୍ଧ୍ୟା ୪ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଆଦେଶ ଜାରି ହୋଇଛି । ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ଦ୍ୱାରା ଜାରି ଏହି ଆଦେଶ ତତକ୍ଷଣାତ୍ ପ୍ରଭାବୀ ହେବା ସହ ପରବର୍ତ୍ତୀ ନିର୍ଦ୍ଦେଶ ଯାଏଁ ବଳବତର ରହିବ ବୋଲି କୁହାଯାଇଛି । ଦିନ ମଝିରେ ବଢୁଥିବା ତାପମାତ୍ରା ଓ ତୀବ୍ର ଗରମ ଫଳରେ ହାଟ ଅଂଚଳରେ ସତର୍କତା ପଦକ୍ଷେପ ସ୍ୱରୂପ ଏପରି ପଦକ୍ଷେପ ନିଆଯାଇଛି । ଅଧିକ ଟାଣ ଖରାରେ ହିଟ୍ ଷ୍ଟ୍ରୋକ୍ ଓ ଡିହାଇଡ୍ରେସନ୍ ?ର ରେ ଆକ୍ରାନ୍ତ ହେଉଥିବାରୁ ଜନସାଧାରଣଙ୍କୁ ଅନାବଶ୍ୟକ ଭାବେ ବାହାରକୁ ନଯିବା, ପର୍ଯ୍ୟାପ୍ତ ପାଣି ପିଇବା ଓ ସତର୍କତା ଅବଲମ୍ବନ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ସେହିପରି ସମସ୍ତ ଉପଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବିଡ଼ିଓ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ (ନଗର ପ୍ରଶାସନ)କୁ ଏହାର କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୁଲିସ୍ ବିଭାଗକୁ ମଧ୍ୟ ସମସ୍ତ ଘଟଣା ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି ।

# ମା' ବେଲରାଣୀ ଯାତ୍ରା ଉତ୍ସବ ହର୍ଷ ଉଲ୍ଲାସରେ ଉଦ୍‌ଯାପିତ



ନୂଆପଡ଼ା(ନିପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଚଟିଆଗୁଡ଼ା ଗ୍ରାମ ଠାରେ ମା ବେଲରାଣୀ ଯାତ୍ରା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ଖଡିଆଲ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଯେଉଁ ଜାତିର କଳା ସଂସ୍କୃତି ଓ ପରମ୍ପରା ଯେତେ ଉନ୍ନତ ସେହି ସମାଜ ସେତେ ସମୃଦ୍ଧ ବୋଲି କହିଥିଲେ । ସଂସ୍କୃତି ବିନା ମଣିଷ ବଂଚିବା ସମ୍ଭବ ନୁହେଁ । ଅନୁଷ୍ଠିତ ସଭାରେ ପାଳନ କମିଟି ସଭାପତି ପ୍ରଶ୍ନନ ମାଝୀ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ସରପଂଚ ସଙ୍ଘ ସଭାପତି ଖୁଟୁରାମ ସୁନାନୀ, ସିନାପାଲି ରେଞ୍ଜର କାମେଶ୍ୱର ତାଣ୍ଡି ଯୋଗ ଦେଇଥିଲେ । ସାଂସ୍କୃତିକ ସନ୍ଧ୍ୟାରେ ପଶ୍ଚିମ ଓଡ଼ିଶା ଲବ୍ଧ ପ୍ରତିଷ୍ଠିତ ସମ୍ବଲପୁରୀ ଗାୟକ ରକ୍କୁ ସୁନା, ବଲାଙ୍ଗୀର ର ବଡ ସନ୍ ଘୁଡ଼କା, ଭଳି ଅନେକ ଦଳ ନିଜ କଳା ପ୍ରଦର୍ଶନ କରିଥିଲେ । ଖଡିଆଲ ବିଧାୟକ ଜଣେ କଳାକାର ଏବଂ କଳା ପ୍ରେମୀ ହେବାରୁ ନିଜେ ମଧ୍ୟ ସମ୍ବଲପୁରୀ ଗୀତ ଗାଇବା ସହ ଘୁଡକା ବାଲା କଳାକାରଙ୍କ ସହ ନୃତ୍ୟ କରିଥିବାର ଦେଖିବାକୁ ମିଳିଛି । ସମ୍ବଲପୁରୀ ବାଦ୍ୟ ଗୀତରେ ଅନେକ ମାଧୁର୍ଯ୍ୟ ଥିବା ବେଳେ ଦର୍ଶକ ମାନେ ଝୁମି ଉଠିଥିଲେ । ତିନି ଦିନ ବ୍ୟାପି ଅନୁଷ୍ଠିତ ଏହି ମା ବେଲରାଣୀ ଯାତ୍ରା ଉତ୍ସବ ସଫଳତା ସହ ସମାପନ ହୋଇଅଛି । କାଳବୈଶାଖୀ ପ୍ରଭାବ ସତ୍ତ୍ୱେ ଯାତ୍ରା ଉତ୍ସବ ସମାପନ ହୋଇଯାଇଛି ।





# ନିଶୁଳ୍କ ସେବା ଗାଡ଼ି 'ସ୍ୱର୍ଗ ରଥ' ଲୋକାର୍ପିତ




ବୋରିଗୁମ୍ମା(ନି.ପ୍ର.)ବୋରିଗୁମ୍ମାର ଯୁବ ଆଇନଜୀବୀ ତଥା ସମାଜସେବୀ ମୁନା ଦୋରାଙ୍କ ପକ୍ଷରୁ ନିଶୁଳ୍କ ସେବା ଗାଡି 'ସ୍ୱର୍ଗ ରଥ' ଲୋକାର୍ପିତ କରାଯାଇଛି ।ଏହି ଅବସରରେ ସ୍ଥାନୀୟ ସୂର୍ଯ୍ୟଭାନୁ ପାଠାଗାର ଠାରେ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗ ରଥ ର ଲୋକାର୍ପଣ କରିଥିଲେ । ଆଜି ଠାରୁ ବୋରିଗୁମ୍ମା ସହର ସମେତ ଅନ୍ୟାନ୍ୟ ଅଂଚଳରେ ଲୋକ ମାନଙ୍କ ପାଇଁ ନିଶୁଳ୍କ ସେବାରେ ସ୍ୱର୍ଗ ରଥ ରହିବ ।ଶବବାହାକ ଗାଡି ସ୍ୱର୍ଗ ରଥ ସମାଜ ର କଲ୍ୟାଣ ନିମନ୍ତେ ଦାନ କରିଥିବା ଯୋଗୁଁ ଯୁବ ଆଇନଜୀବୀ ତଥା ସମାଜସେବୀ ମୁନା ଦୋରା କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ସମ୍ମାନିତ ଅତିଥି ଭାବେ ଏସ୍ଡିପିଓ ସତ୍ୟବ୍ରତ ଲେଙ୍କା, ଅତିରିକ୍ତ ତହସିଲଦାର ବୋଇନି ସତୀଶ, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀ ନାରାୟଣ ରଥ, ମୁନା ଦୋରା ଙ୍କ ବାପା ତଥା ପୂର୍ବତନ ପୋଲିସ ଅଫିସର ବିଜୟ କୁମାର ଡୋରା, ପାଠାଗାର ସଭାପତି ବିଜୟ ନାରାୟଣ ସାହୁ, ଓକିଲ ସଂଘ ସଭାପତି ନାଗରାଜ ଡୋରା, ଚାମ୍ବର ଅଫ କମର୍ଶର ସଭାପତି ସୂର୍ଯ୍ୟ ଆଚାରୀ, ଆଇନଜୀବୀ ଅଶୋକ ଗନ୍ତାୟତ, ପ୍ରସାଦ ବିଡ଼ିକା ଓ ବିଘ୍ନ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ । ବୋରିଗୁମ୍ମାର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ ।ଏହି ଅବସରରେ ମୁନା ଦୋରା କହିଥିଲେ ଯେ, ବୋରିଗୁମ୍ମା ସହର ତାଙ୍କୁ ଅପାର ସ୍ନେହ, ଶ୍ରଦ୍ଧା, ଖ୍ୟାତି ଓ ସମ୍ମାନ ଦେଇଛି । ଏହି କାରଣରୁ ନିଜ ବାପା, ମା, ସ୍ତ୍ରୀ, ଭାଇ ଓ ଗୁରୁ ଓ ଗୁରୁଜନଙ୍କ ଆଶୀର୍ବାଦ ଓ ପ୍ରେରଣାରେ ସେ ବୋରିଗୁମ୍ମା ପାଇଁ ଏହି ମହତ୍ କାର୍ଯ୍ୟ କରିପାରିଥିବା କହିଥିଲେ । ଆଗାମୀ ଦିନରେ ମଧ ସେ ସମାଜସେବା କାର୍ଯ୍ୟ ଜାରି ରଖିବେ ବୋଲି ନିଜ ମତ ରଖିଥିଲେ ।

# ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଷଷ୍ଠ ଦିନରେ ସ୍ୱଚ୍ଛତା ଅଭିଯାନ

ଖୋର୍ଦ୍ଧା : ଓଡ଼ିଶା ସରକାର ଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟର ସମସ୍ତ ଜିଲ୍ଲାରେ ଓଡ଼ିଆ ପକ୍ଷ ଅପ୍ରେଲ ୧ ତାରିଖରୁ ୧୪ ତାରିଖ ପଣା ସଂକ୍ରାନ୍ତି ତଥା ମହା ବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଆରମ୍ଭ ପର୍ଯ୍ୟନ୍ତ ପାଳନ କରାଯାଉଅଛି କ୍ଷ ଏହି ଉପଲକ୍ଷେ ଆଜି ଅପ୍ରେଲ ୬ ତାରିଖ ବିଭିନ୍ନ ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ଜିଲ୍ଲା ସ୍ତରୀୟ ସ୍ୱଚ୍ଛତା କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା ସଦର ମହକୁମା ବରୁଣେଇ ମନ୍ଦିର ପୀଠ ଠାରେ ସଫେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକ ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି କ୍ଷ ଉକ୍ତ



କାର୍ଯ୍ୟକ୍ରମରେ ପୌର ପରିଷଦ ଅଧକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି,ଉପାଧକ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଖୋର୍ଦ୍ଧା ପୌର ପରିଷଦ ସମସ୍ତ ୱାର୍ଡ ସଭ୍ୟା ଓ ସଭ୍ୟ, ସ୍ୱେଚ୍ଛା ସେବୀ ସଂଗଠନ କର୍ମକର୍ତା ମାନେ ଯୋଗ ଦେଇ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ କ୍ଷ ଅତିଥି ମାନେ ଓଡ଼ିଆପକ୍ଷ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିବାସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣ ପାଇଁ ସ୍ୱଚ୍ଛତା ଅତି ଜରୁରିବୋଲି ଉଦବୋଧନ ପ୍ରଦାନ କରିଥିଲେ କ୍ଷ ନିଜର ଘର,ବାଡ଼ି, ବଗିଚା, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ପରିସର ତଥା ବିଭିନ୍ନ ଐତିହ୍ୟ ଓ ଦେବାଳୟ ସ୍ଥାନ, ସର୍ବସାଧାରଣ ସ୍ଥାନ ଗୁଡ଼ିକୁ ସଫା ସୁତରା ରଖିବାକୁ ହେଲେ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ ।

# ଭାରତୀୟ ଜନତା ପାର୍ଟିର ପଂଚୁଲିଙ୍ଗେଶ୍ୱର ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ

ନୀଳଗିରି(ନି.ପ୍ର.) - ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ଅନ୍ତର୍ଗତ ବାବା ପଂଚଲିଙ୍ଗେଶ୍ୱର ପୀଠ ସନ୍ନିକଟ ହୋଲିଷ୍ଟିକ୍ ବ୍ଲୁ ହୋଟେଲ୍ ରେ ପାଳିତ ହୋଇଛି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ । ଏହି ଅଭିଯାନରେ ଭାରତୀୟ ଜନତା ପାର୍ଟିର ମଣ୍ଡଳ ସ୍ତରୀୟ ବୈଠକ ଓ ଦଳର ନୀତି, ଆଦର୍ଶ, ଦେଶ ପ୍ରୀତି ଉପରେ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା । ଏହି ଶିବିର ଦୁଇ ଦିନ ଅର୍ଥାତ୍ ଅପ୍ରେଲ - ୪ ଓ ୫ ତାରିଖରେ ହୋଇଥିଲା । ପ୍ରଥମ ଦିବସରେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ମଣ୍ଡଳ ସଭାପତି ଅନନ୍ତ ଗିରି, ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ, ବିଜେପି ଜିଲ୍ଲା ସମ୍ପାଦକ ବଳରାମ ବିଶ୍ୱାଳ, ସମର ଶେଖର କାନୁନଗୋ, ଚନ୍ଦ୍ର ଶେଖର ନନ୍ଦ, ବସନ୍ତ ରାଉଳ ମଂଚାସିନ ହୋଇଥିଲେ । ମାନ୍ୟବର ସାଂସଦ ଉଦବୋଧନରେ ରାଷ୍ଟ୍ର ଗଠନ, ଦେଶ ମାତୃକାକୁ ଭଲ ପାଇବା, ବିଜେପିର ଆରମ୍ଭ ଓ ତା'ର ବିଚାର ଧାରା, ଏକାତ୍ମ ମାନବ ଦର୍ଶନ, ପଂଚାନିଷ୍ଠା, ଦୀନଦୟାଲ ଉପାଧ୍ୟାୟଙ୍କ ଜୀବନୀ ଓ ତାଙ୍କର ରଷ୍ଟ୍ର ପ୍ରେମ, ଉଦାହରଣରେ ରାମକୃଷ୍ଣ ପରମହଂସ, ଭାରତ ମାଟି ଆମର ମାଟି ମା ', ବିଜେପିର ଲକ୍ଷ ବିକଶିତ ଭାରତ, ଉଦ୍ ଘୋଷ ବା ସ୍ଲୋଗାନ ହେଉଛି ଭାରତ ମାତା କୀ ଜୟ, ବୃକ୍ଷ ରୋପଣ ନିହାତି ଆବଶ୍ୟକ, ସମସ୍ତଙ୍କୁ ସମାନ ଆଖିରେ ଦେଖିବା, ପାଶ୍ଚାତ୍ୟ ଦେଶରେ ଯୁଦ୍ଧ ଚାଲିଥିଲା ବେଳେ ଆମ୍ଭେ ମାନେ ମୋଦି ସରକାରଙ୍କ ପାଇଁ ଶାନ୍ତିରେ ଅଛୁ, ଆଜି ଦେଶ ମାଓ ମୁକ୍ତ ହୋଇ ପାରିଛି ଏ ବିଜେପି ସରକାର ପାଇଁ , ଏ ସବୁ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭାପତିତ୍ୱ କରିଥିଲେ ଅନନ୍ତ ଗିରି ଏବଂ ରଞ୍ଜିତ ପଣ୍ଡିତ ମଂଚ ପରିଚାଳନା କରିଥିଲେ । ଦ୍ୱିତୀୟ ଦିବସରେ ସକାଳେ ଯୋଗ ଶିବିର ତାପରେ ସ୍ୱଚ୍ଛ ଭାରତରେ ଅଂଚଳ ସଫା କରିବା କାର୍ଯ୍ୟ ହୋଇଥିଲା । ବିଜେପିର ରାଜ୍ୟ ଉପ ସଭାପତି ସିପ୍ରା ବାଜପେୟୀ ଷଷ୍ଠ ସତ୍ର ଓ ବିଜେପି ଇତିହାସ ଉପରେ ଆଲୋକପାତ କରିଥିଲେ । ନୀଳଗିରିର ବିଧାୟକ ମାନ୍ୟବର ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସଫଳତା ବିଷୟରେ ଅଭିଭାଷଣ ରଖିଥିଲେ ।ଉଷାରାଣୀ ରାଉଳ ବକ୍ତବ୍ୟ ପ୍ରଦାନ କରିଥିଲେ । କାଣ୍ଡଗରଡି ପଂଚାୟତ ସରପଂଚ ରାଜେନ୍ଦ୍ର ରାଉତ୍, ଶୁଭ୍ରାଂଶୁ ପଟ୍ଟନାୟକ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସଭାପତିତ୍ୱ ବସନ୍ତ ରାଉଳ, ମଂଚ ପରିଚାଳନା କରିଥିଲେ ବଳରାମ ବିଶ୍ୱାଳ ଏବଂ ସମାପନ ଉତ୍ସବରେ ଅନନ୍ତ ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ କାଣ୍ଡଗରଡି ପଂଚାୟତର ବିଜେପି ସଭାପତି ଜୟଦେବ ବେହେରା, ସମ୍ପାଦକ ମଣିଭଦ୍ର ମହାପାତ୍ର, ଅନନ୍ତ ଧଳ, ଲକ୍ଷ୍ମୀ କାନ୍ତ ରାଉତ୍, ରମାକାନ୍ତ ସ, ସୁଶାନ୍ତ ଦାସ, କରୁଣାକର ରାଉତ୍, ପ୍ରତାପ ପାଢ଼ୀ, ମଣ୍ଡଳ ପ୍ରତିନିଧି ଟୁନୁ ପଟ୍ଟନାୟକ, ଗୌରାଙ୍ଗ ପରିଡ଼ା, ସଞ୍ଜୁଲତା ବାରିକ୍, ବାସନ୍ତୀ ପରିଡ଼ା, ବୃନ୍ଦାବନ ବାରିକ୍, କୈଳାଶ ରାଉତ୍ ଇତ୍ୟାଦି ଯୋଗଦାନ କରିଥିଲେ ।

# ଗଞ୍ଜାମ ୩୬୦ ଆଭିମୁଖ୍ୟ କାର୍ଯ୍ୟକ୍ରମ ଓ ତାଲିମ କର୍ମଶାଳା



ଛତ୍ରପୁର(ନି.ପ୍ର.) : ଗଞ୍ଜାମ ୩୬୦ ଆଭିମୁଖ୍ୟ କାର୍ଯ୍ୟକ୍ରମ ଓ ତାଲିମ କର୍ମଶାଳା ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ୱି କୀର୍ତି ୱାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହା ମାଧ୍ୟମରେ ଗଞ୍ଜାମ ଜିଲ୍ଲାର କାର୍ଯ୍ୟକାରୀ ହେଉଥିବା ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡିକର ସଫଳ ଓ ତ୍ୱରିତ ରୂପାୟନ କରିବାର ଲକ୍ଷ୍ୟ ରଖ ଯାଇଛି । ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଭାରତୀୟ ପ୍ରଶାସନିକ ସେବା ଏବଂ ଓଡିଶା ପ୍ରଶାସନିକ ସେବା ଭଳି ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ଲକ୍ଷ୍ୟ ନିକେତନ ମାଧ୍ୟମରେ ଅଭିଜ୍ଞ ଆଇ.ଏ.ଏସ୍., ଆଇ.ପି.ଏସ୍. ଏବଂ ଅବସରପ୍ରାପ୍ତ ଅଧିକାରୀ ମାନଙ୍କ ଦ୍ୱାରା ମାଗଣା କୋଚିଂ , ସ୍କୁଲ ଏବଂ ଛାତ୍ରଛାତ୍ରୀଙ୍କ ତଥ୍ୟ ଓ ଶିକ୍ଷା ଅଗ୍ରଗତି ତଦାରଖ ଗଞ୍ଜାମ ୩୬୦ ଆପ ମାଧ୍ୟମରେ କରାଯିବାର ଲକ୍ଷ୍ୟ ରଖାଯାଇଛି । ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଠାରୁ ଆରମ୍ଭ କରି ସେମାନଙ୍କର ପରୀକ୍ଷାଫଳ ପର୍ଯ୍ୟନ୍ତ ସବୁକିଛି ଏହି ପୋର୍ଟାଲ ମାଧ୍ୟମରେ ଟ୍ରାକ କରାଯାଇପାରିବ । ସ୍କୁଲରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ, ପାନୀୟ ଜଳ, ଶୌଚାଳୟର ପରିଛନ୍ନତା, ଏବଂ ଅନ୍ୟାନ୍ୟ ସୁବିଧାର ସ୍ଥିତି କିପରି ଅଛି ତାହା ଅଧିକାରୀ ମାନେ ତଦାରଖ କରି ଏହି ମୋବାଇଲ୍ ଆପ୍ ରେ ଲିପିବଦ୍ଧ କରାଯିବାର ଲକ୍ଷ୍ୟ ରଖାଯାଇଛି । ସରକାରୀ କର୍ମଚାରୀ ମାନଙ୍କୁ ଦିଆଯାଇଥିବା ବିଭିନ୍ନ କାର୍ଯ୍ୟ କେତେ ଦୂର ଆଗେଇଛି, ତାହାର ଡିଜିଟାଲ ରିପୋର୍ଟିଂ ଏଠାରେ କରାଯିବ । ଜନ ସାଧାରଣଙ୍କ ମତାମତ ଏବଂ ବିଭିନ୍ନ ଯୋଜନାର ତୃଣମୂଳ ସ୍ତରରେ ସ୍ଥିତି ଜାଣିବା ପାଇଁ ଏହି ଆପ୍ ମାଧ୍ୟମରେ ସର୍ଭେ କରାଯିବ । ଏହି ଆପର ସଫଳ ଓ ପାରଦର୍ଶୀ ବ୍ୟବହାର ଗଞ୍ଜାମ ଜିଲ୍ଲା ର ବିକାଶ ଧାରାକୁ ତ୍ୱରାନ୍ୱିତ କରିବ ବୋଲି ଜିଲ୍ଲାପାଳ ଶ୍ରୀ କୀର୍ତି ୱାସନ୍ ଆଶାବ୍ୟକ୍ତ କରିଛନ୍ତି । ଅଧିକାରୀମାନେ ଯେତେବେଳେ କୌଣସି ସ୍କୁଲ, ଅଙ୍ଗନୱାଡି କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବେ ସେମାନଙ୍କୁ ସେହି ସ୍ଥାନରୁ ଗଞ୍ଜାମ ୩୬୦ ଆପ୍ ମାଧ୍ୟମରେ ତଥ୍ୟ ଅପଲୋଡ୍ କରିବାକୁ ହେବ । ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁଶାସନ ଦିଗରେ ଏହା ଏକ ନୂତନ ପ୍ରୟାସ । ଗଞ୍ଜାମ ୩୬୦ ଆପ୍ କିପରି ଡାଉନଲୋଡ୍ କରାଯାଇପାରିବ ଓ ଏହାକୁ କିପରି ବ୍ୟବହାର କରାଯିବ ସମସ୍ତ ବିଷୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀ ।

# ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲାପାଳଙ୍କ ଜନଶୁଣାଣି

ଖୋର୍ଦ୍ଧା : ଗତ କାଲି ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିବେକାନନ୍ଦ ଶର୍ମାଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଅଛି କ୍ଷ ଉକ୍ତ ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ,ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ , ଶ୍ରୀ ଜ୍ୟୋତି ଶଙ୍କର ସାହୁ , ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ପ୍ରମୁଖ ଯୋଗଦେଇଥିଲେ କ୍ଷ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ କହିଲେ ଯେ ଜନ ଶୁଣାଣି କାର୍ଯ୍ୟକ୍ରମ ସୁଶାସନ ବ୍ୟବସ୍ଥାର ଏକ ପ୍ରମୁଖ ଅଙ୍ଗ, ଏଣୁ ପ୍ରତ୍ୟେକ ଅଧିକାରୀ ନିଜ କାର୍ଯ୍ୟାଳୟ ଅଧୀନ କୌଣସି ଅଭିଯୋଗର ସମାଧାନ କୁ ସ୍ଥଗିତ ନ ରଖି ସମାଧାନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ସମସ୍ତ ଅଭିଯୋଗ ଗୁଡ଼ିକୁ ସରକାର ଏବଂ ଜିଲ୍ଲା ପ୍ରଶାସନ ନିୟମାନୁସାରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୧୧୮ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୧୧୨ ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୦୬ ଗୋଟି ଅଭିଯୋଗ ଆସିଥିଲା କ୍ଷ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତତ୍କାଳ ୦୯ ଗୋଟି ଅଭିଯୋଗ ର ସମାଧାନ କରିଥିବାବେଳେ ସୁଜାତା ସାହୁ, ଗ୍ରାମ: ବଣିଆଟାଙ୍ଗି, ପୋଷ୍ଟ: ବାଜପୁର, ଗ୍ରା ପ: ବାଜପୁର, ବ୍ଲକ୍:ଖୋର୍ଦ୍ଧା ଙ୍କୁ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ୧୦ ହଜାର ଟଙ୍କା ଅନୁମୋଦନ କରିଥିଲେ କ୍ଷ ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଆସିଷ୍ଟାଂଟ କଲେକ୍ଟର, ଅଭିଯୋଗ ଭୁବନେଶ୍ୱରୀ କଅଁର, ସମସ୍ତ ବି ଡି ଓ, ତହସିଲଦାର ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ମାନେ ଯୋଗଦେଇଥିଲେ ।

# ପାୟଲ ମ୍ୟୁଜିକ ସ୍କୁଲର ବାର୍ଷିକ ଉତ୍ସବ ଓ ୫ମ ଗ୍ରାମୀଣ ମହୋତ୍ସବ

କେନ୍ଦ୍ରାପଡ଼ା :କେନ୍ଦ୍ରାପଡା ଜିଲ୍ଲାର ଇନ୍ଦୁପୁର ସ୍ଥିତ ପ□କଳା ଶିକ୍ଷାନୁଷ୍ଠାନ ପାୟଲ ମ୍ୟୁଜିକ୍ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ ତଥା ୫ମ ଗ୍ରାମୀଣ ମହୋତ୍ସବ-୨୦୨୬ ତିନି ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି । କଳା ଓ କଳାକାରଙ୍କ ମହାମିଳନ ପର୍ବ ସାଂସ୍କୃତିକ ପରିବେଶ ଭିତରେ ପ୍ରଥମ ସନ୍ଧ୍ୟାରେ ଉଦ୍ଘାଟକ ଭାବେ ଯୋଗଦେଇଥିଲେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା । ତାଙ୍କ ବକ୍ତବ୍ୟରେ ପାୟଲ ମ୍ୟୁଜିକ୍ ସ୍କୁଲର ଥିବା ବିଭିନ୍ନ ପ୍ରକାର ସମସ୍ୟାକୁ ଯଥାଶୀଘ୍ର ସମାଧାନ କରାଯିବ ବୋଲି ସେ ପ୍ରତିଶୃତି ଦେଇଥିଲେ । ଉକ୍ତ ସାଂସ୍କୃତିକ ସନ୍ଧ୍ୟାରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ଅବସରପ୍ରାପ୍ତ ଅଧକ୍ଷ ଗୁରୁଶ୍ରୀ ପ୍ରଦୀପ କୁମାର ଦାସ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଓଡ଼ିଶୀ ନୃତ୍ୟଶିଳ୍ପୀ, ଗୁରୁ ଚପଳା ମିଶ୍ର, ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁଶ୍ରୀ ପ୍ରଶାନ୍ତ କୁମାର ସାମଲ, ଶିକ୍ଷାବିତ ପ୍ରଣବ କୁମାର ଜେନା ଓ ଇନ୍ଦୁପୁର ଗ୍ରାମ ପ□ାୟତ ସମିତି ସଭ୍ୟ ସୁନନ୍ଦା ମଲ୍ଲିକ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବର୍ଷା ପାଇଁ କାର୍ଯ୍ୟକ୍ରମକୁ ସଂକ୍ଷିପ୍ତ କରାଯାଇଥିଲା ।ସେହି ଭଳି ୨ୟ ସନ୍ଧ୍ୟାରେ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ଶିଳ୍ପପତି ସୁଧାଂଶୁ ଶେଖର ଦାସ, ଅବସରପ୍ରାପ୍ତ ପ୍ରଫେସର ଚାରୁଚନ୍ଦ୍ର ହାଜରା, ଡ଼ କାଳୀପ୍ରସନ୍ନ ଶତପଥୀ, ନାଟ୍ୟ ଅଭିନେତା ଓ ନାଟ୍ୟ ସଂଗଠକ ଆଲୋକ ରଞ୍ଜନ ବୋଷ, ଅଧ୍ୟାପକ ଅଶୋକ କୁମାର ନାୟକ, ସମାଜସେବୀ ପ୍ରମୋଦ ପତି, ଅବସରପ୍ରାପ୍ତ ସର୍ବୋଚ ଯନ୍ତ୍ରୀ ଇଂ ଶତ୍ରୁଘ୍ନ ଦାସ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ପରିଷଦ ପାଣ୍ଠିରୁ ପାୟଲ ମ୍ୟୁଜିକ୍ ସ୍କୁଲ ପରିସରରେ ସ୍ଥାପିତ ଥଣ୍ଡା ପାନୀୟଜଳ ମେସିନ୍‌କୁ ଅତିଥିମାନଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା । ପାୟଲ ମ୍ୟୁଜିକ୍ ସ୍କୁଲର ଉ□ରୋତର ଉନ୍ନତି କାମନା କରିବା ସଙ୍ଗେ ସଙ୍ଗେ ଏହା ଓଡ଼ିଶାର ଏକ ସଂସ୍କୃତିକ ପ୍ରାଣ କେନ୍ଦ୍ର ହେବାକୁ ଯୋଉଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ କଳା, ସାହିତ୍ୟ, ସଂସ୍କୃତି, ସମାଜ ସେବା ଇତ୍ୟାଦି କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଆମ ଅ□ଳର କବି, ଲେଖକ ପ୍ରଦୀପ ଦାସ ଓ ନାଟ୍ୟ ଅଭିନେତା ଆଲୋକ ରଞ୍ଜନ ବୋଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଇନ୍ଦୁପୁର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରତ୍ନାକର ବାରିକ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଦଗ୍ଧ ସାହିତ୍ୟ ସ୍ରଷ୍ଟାର ନିର୍ଦ୍ଦେଶକ ଶରତ କୁମାର ଜେନା, ବିଶିଷ୍ଟ ସାମ୍ବାଦିକ ପ୍ରତାପ ଦାସ, ଶିକ୍ଷା ବିଭାଗ ପ୍ରଶାସନିକ ଅଧିକାରୀ ନିଶିକାନ୍ତ ମିଶ୍ର, ନାଟ୍ୟ ସଂଗଠକ ଆଲୋକ ରଞ୍ଜନ ବୋଷ, ସାହିତ୍ୟିକ ପ୍ରଦୀପ ଦାସ, ଓଡିଶୀ କଣ୍ଠଶିଳ୍ପୀ ସ୍ୱାଧୀନବାଳା ନାୟକ ପ୍ରମୁଖ ଯୋଗା ଦେଇଥିଲେ । ଶୈଳଜାଶଙ୍କର ସାମଲ ଓ ଅଭିନେତା କାଳି ପ୍ରସାଦ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତିନି ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ସଭାରେ ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ସ୍ଥାୟୀ ସଭାପତି ନୀଳମାଧବ ପତି ଏବଂ ସମସ୍ତ କାର୍ଯ୍ୟକୁ ଆକର୍ଷଣୀୟ ଭାବେ ସମ୍ପାଦନ କରିଥିଲେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ । କଳା ଓ କଳାକାରଙ୍କ ମହାମିଳନ ପର୍ବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ ପାୟଲ୍ ମ୍ୟୁଜିକ୍ ସ୍କୁଲର ସଙ୍ଗୀତ, ନୃତ୍ୟ, ବାଦ୍ୟ, ଅଭିନୟ ବିଭାଗର ଛାତ୍ରଛାତ୍ରୀ ଓ ଓଡ଼ିଶାର ନାମିଦାମୀ କଳାକାର । ଅନୁଷ୍ଠାନର ଚିତ୍ରକଳା ବିଭାଗ 'ରଙ୍ଗ ତରଙ୍ଗ'ର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶନୀ ଅତ୍ୟନ୍ତ ଉଚ୍ଚ କୋଟିର ହୋଇଥିଲା ଏବଂ ଏହା ଉପସ୍ଥିତ ଦର୍ଶକ ଓ ଅତିଥିମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ଓଡ଼ିଶାର ବିଭିନ୍ନ ମ□ରେ ଅନୁଷ୍ଠାନର ବରିଷ୍ଠ ଛାତ୍ରୀ ସୁଶ୍ରୀ ଲୋପାମୁଦ୍ରା ଜେନା, ସୁଶ୍ରୀ ମିତାଲି ପୃଷ୍ଟି, ସୁଶ୍ରୀ ରାଧାରାଣୀ ଦାଶ ନିଜର ପ୍ରତିଭା ବଳରେ ପାୟଲ ମ୍ୟୁଜିକ୍ ସ୍କୁଲର ସୁନାମ ବୃଦ୍ଧି କରିଥିବାରୁ ସେମାନଙ୍କୁ ଗୌରବଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ସମସ୍ତ ଗୁରୁମାନଙ୍କୁ ଓ ବାଦ୍ୟଶିଳ୍ପୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# 'ଶିଶୁ କଥା ଦିବସ ଓ ବର୍ଣ୍ଣବୋଧ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବ୍ରହ୍ମପୁର /ଛତ୍ରପୁର(ନି.ପ୍ର.) : ଓଡ଼ିଆ ଭାଷା ଓ ଭୂଷଣ, ସୃଜନ ଓ ସାହିତ୍ୟ, ଜୀବନ ଓ ଜାଗତିକ ଚେତନା, ପ୍ରଲୁବ୍ଧ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସଂସ୍କୃତିର ସରଳ ଓ ସତୀର୍ଥ ସମାହାର ହେଉଛି ବର୍ଣ୍ଣବୋଧ । ଏହା ମଧ୍ୟରେ ଭକ୍ତକବି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧ ଗୋଟିଏ ଶତାବ୍ଦୀ ଅତିକ୍ରମ କରିସାରିଛି । କିନ୍ତୁ ବର୍ଣ୍ଣବୋଧରେ ସନ୍ନିବିଷ୍ଟ ଭାଷା, ଭୂଷଣ ଓ ଭାବନା ଆଜି ମଧ୍ୟ ପ୍ରତି ଓଡ଼ିଆ ଚିନ୍ତା ଚେତନାରେ ପରିପୂର୍ଣ୍ଣ । 'ଓଡ଼ିଆ ପକ୍ଷ ୨୦୨୬' ଅବସରରେ ଶିଶୁମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ବର୍ଣ୍ଣବୋଧ ପ୍ରତି ଅଧିକରୁ ଅଧିକ ଆଗ୍ରହ ସୃଷ୍ଟି କରିବା ଆଜି ସ୍ଥାନୀୟ ପିଏମଶ୍ରୀ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ 'ଶିଶୁ କଥା ଦିବସ ଓ ବର୍ଣ୍ଣବୋଧ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲା ମାନଙ୍କୁ ବର୍ଣ୍ଣବୋଧ ଓ ବିଭିନ୍ନ ଶିଶୁ ଉପଯୋଗୀ ପୁସ୍ତିକା ବଂଟନ କରିବା ସହିତ ଖେଳକୁଦ ସହିତ ମନଦେଇ ପାଠ ପଢିବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ କ୍ଷ ବର୍ଣ୍ଣବୋଧ ସହିତ ମହାପୁରୁଷ ମାନଙ୍କର ଜୀବନୀ ଓ ନୀତିଶିକ୍ଷା ସମ୍ବଳିତ ପୁସ୍ତକ ଓ ପତ୍ରିକା ପଢିବା ପାଇଁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଡ଼ଃ ପ୍ରଭାତୀ ମହାପାତ୍ର, ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ସମେତ ଶିକ୍ଷକ -ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ କ୍ଷ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀବୃନ୍ଦ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।



# ସନ୍ତରଣ ଶିକ୍ଷା ଓ ପାଣିରେ ବୁଡି ବଂଚିବାର ମୌଳିକ କୌଶଳ ପ୍ରଶିକ୍ଷଣ ଶିବିର



ବାରିପଦା(ନି.ପ୍ର.) ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱର ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମୟୁରଭଞ୍ଜର ମିଳିତ ସହଯୋଗରେ ସନ୍ତରଣ ଶିକ୍ଷା ଓ ପାଣିରେ ବୁଡି ବଂଚିବାର ମୌଳିକ କୌଶଳ ପ୍ରଶିକ୍ଷଣ ଶିବିର ମୁର୍ଗାବାଡ଼ିସ୍ଥିତ ଜିଲ୍ଲା ପଂଚାୟତ ସଂସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଶ୍ରୀ ପ୍ରଶାନ୍ତ କୁମାର ନାୟକ, କମାଣ୍ଡାଂଟ ପଂଚମ ବାଟାଲିୟନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଜରୁରୀକାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଜଗବନ୍ଧୁ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହିତ ଉକ୍ତ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବାକୁ ଯାଇ କରିଥିଲେ ଯେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତି ବ୍ୟାଚରେ ୩୦ ଜଣ କରି ୧୦ଟି ବ୍ୟାଚରେ ୩୦୦ ଜଣ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀ ମାନଙ୍କୁ ସନ୍ତରଣ ଶିକ୍ଷା ପ୍ରଦାନ କରାଯିବ ଏବଂ ଗତବର୍ଷ ଗୋଟିଏ ବ୍ୟାଚର ୩୦ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ଏବର୍ଷ ଆଉ ୨୭୦ ଜଣଙ୍କୁ ସନ୍ତରଣ କୌଶଳ ତାଲିମ ପ୍ରାପ୍ତ ଓଡ୍ରାଫ୍ ପ୍ରଶିକ୍ଷକମାନଙ୍କ ଦ୍ୱାରା ଦିଆଯିବ ବୋଲି ପ୍ରକାଶ କରିଥିଲେ ଓ ଏହା ମାଧ୍ୟମରେ ବୁଡ଼ି ମରିବା ଘଟଣାକୁ ଆଶାନୁରୂପ ଭାବେ କମ କରାଯାଇ ପାରିବ ବୋଲି ଆଶା ବ୍ୟକ୍ତ କରିଥିଲେ । ଏହି ଅବସରରେ ଏହି ସନ୍ତରଣ ଶିକ୍ଷା କିଭଳି ଅନେକ ଅମୂଲ୍ୟ ଜୀବନର ସୁରକ୍ଷା କବଚ ସାଜି ପାରିବ ତାହା ଜିଲ୍ଲା ଜରୁରୀକାଳୀନ ବିଭାଗର ଭାରପ୍ରାପ୍ତ ଡେପୁଟି କଲେକ୍ଟର ସୁଶ୍ରୀ ଦୀପାଞ୍ଜଳି କହିଥିଲେ. ଏହି ତାଲିମ ନେବା ପରେ ନିୟମିତ ଅଭ୍ୟାସ କରିବା ଓ ନିଜ ପରିବାର ଓ ଗୋଷ୍ଠୀର ପିଲାମାନଙ୍କୁ ମଧ୍ୟ ଶିଖାଇବାକୁ ପରାମର୍ଶ ଦେଇଥିଲେ. ସେହିପରି ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶାନ୍ତନୁ କୁମାର ନାୟକ କହିଥିଲେ ଯେ ପାଣିରେ ବୁଡ଼ି ମରିବା ଘଟଣାରେ ମୟୁରଭଞ୍ଜ ଜିଲ୍ଲା ଓଡ଼ିଶାରେ ସର୍ବାଗ୍ରେ ରହିଛି ଏବଂ ଏପରି ସନ୍ତରଣ ଶିକ୍ଷା ମାଧ୍ୟମରେ ଅନେକ ଜୀବନ ହାନି ରୋକାଯାଇ ପାରିବ ଓ ସରକାରଙ୍କ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱର ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମୟୁରଭଞ୍ଜ ମିଳିତ ଭାବ ଏକ ବୃହତର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ସୂଚନା ଦେଇଥିଲେ. ସେହିପରି ବାରିପଦା ମହିଳା ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ସାଗରିକା ସିଂ ବଂଚିବାର କୌଶଳ ତଥା ଜୀବନର ଲକ୍ଷ୍ୟ ବିଷୟରେ ଅନେକ ଉପାଦେୟ ଶିକ୍ଷା ପ୍ରଦାନ କରିଥିଲେ ଓ ଜୀବନର ବଡ଼ ବଡ଼ ସ୍ୱପ୍ନ ଦେଖି ତାହାକୁ ସାକାର କରିବାକୁ ପରାମର୍ଶ ଦେଇଥିଲେ. ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଶ୍ରୀମତୀ ବିଷ୍ଣୁପ୍ରିୟା ହାଁସଦା ଶିକ୍ଷା କିଭଳି ବ୍ୟକ୍ତିକୁ ପୂର୍ଣ୍ଣାଙ୍ଗ କରିଥାଏ ଓ ବିପଦ ସମୟରେ ସାହାଯ୍ୟ କରେ ତାହା କହିବା ସଙ୍ଗେ ସଙ୍ଗେ ଏଭଳି ତାଲିମ ଆମ ଜିଲ୍ଲା ବା ରାଜ୍ୟରେ ବୁଡ଼ି ମରିବା ଘଟଣାକୁ ବହୁ ସଂଖ୍ୟାରେ କମ କରିପାରିବ ବୋଲି ଆଶା ବ୍ୟକ୍ତ କରିଥିଲେ. ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ମେଡିକାଲ କଲେଜର ଆସୋସିଏଟ ପ୍ରଫେସର ଡକ୍ଟର ଶ୍ରଦ୍ଧା ସୁମନ ଯୋଗ ଦେଇ ବୁଡ଼ି ମରିବାର ଅନେକ ଗୁଡ଼ିଏ ବୈଜ୍ଞାନିକ ତଥ୍ୟ ଉପସ୍ଥାପନ କରିବା ସହିତ ସହଜରେ କିଭଳି ଜଣେ ବ୍ୟକ୍ତି ପହଁରି ପାରିବ ତାହା କହିଥିଲେ. ଏହି ଅବସରରେ ମୁଖ୍ୟ ଅତିଥି କମାଣ୍ଡାଂଟ ଶ୍ରୀ ନାୟକ ଅନେକ ସମୟରେ ଭୟ ଆମ ମୃତ୍ୟୁର କାରଣ ହୋଇଥାଏ ତେଣୁ ପ୍ରଥମେ ଜାଣିବା ଦରକାର ଯାହା ଦ୍ୱାରା ଭୟ ଦୂର କରି ସବୁ କ୍ଷେତ୍ରରେ ବିଜୟ ହୋଇପାରିବା. ଏଥି ସହିତ ଜଣେ କିଭଳି ଅତି ସହଜରେ ଘଂଟା ଘଂଟା ପାଣିରେ ଭାସି ପାରିବ ତାହାର ସହଜ ଉପାୟମାନ ବତାଇଥିଲେ. ଜୀବନ ଅତ୍ୟନ୍ତ ମୂଲ୍ୟବାନ ଓ ତାକୁ ସହଜରେ ନାଶ ହେବାକୁ ଦେବା ନାହିଁ. ନିଜର ସ୍ୱପ୍ନ, ପିତା ମାତାଙ୍କ ସ୍ୱପ୍ନ ପୂରଣ ତଥା ସମାଜ ଓ ଦେଶର ବୃହତର ସ୍ୱାର୍ଥର ସୁରକ୍ଷା ପାଇଁ 'ମୁଁ ପାରିବି ...ମୁଁ ହୋଇ ପାରିବି' ଏହି ଜିଦ ସଦା ସର୍ବଦା ରହିବା ଉଚିତ ବୋଲି ପ୍ରକାଶ କରିଥିଲେ । ସର୍ବ ଶେଷରେ ଓଡ୍ରାଫ୍ ର ମାଷ୍ଟର ଟ୍ରେନର ଶ୍ରୀ ଅରୁଣ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଷ୍ଟ୍ରପତିଙ୍କ ପୁଲିସ କଲର୍ସ ଆୱାର୍ଡ ପ୍ରଦର୍ଶନ କରୁଛନ୍ତି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ

## ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ





ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ । ୩ ପ୍ରସଙ୍ଗ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ କଲେ ଆଲୋଚନା । ରାଉରକେଲା ବିମାନ ବନ୍ଦର ସଂପ୍ରସାରଣ, ରାଉରକେଲା ଷ୍ଟିଲ ପ୍ଲାଂଟ ସଂପ୍ରସାରଣ ଏବଂ ମହାମହିମ ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତି ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି । ସୂଚନାନୁଯାୟୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଉରକେଲା ବିମାନ ବନ୍ଦର ସଂପ୍ରସାରଣ ବିଷୟରେ ଆଲୋଚନା କରିଛନ୍ତି । ଜମି ଅଧିଗ୍ରହଣ କେତେ ଦୂର ଆଗେଇଛି ତାର ସମୀକ୍ଷା କରିଛନ୍ତି । ସେହିପରି ରାଉରକେଲା ଷ୍ଟିଲ ପ୍ଲାଂଟ ସଂପ୍ରସାରଣ ନେଇ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି । ଏହା ସହ ୨୧ ତାରିଖରେ ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତି ନେଇ ମଧ୍ୟ ଆଲୋଚନା ହୋଇଛି । ଅନ୍ୟପଟେ ଉଚ୍ଚ ଶିକ୍ଷାରେ ଏସସି ଏସଟି ଏବଂ ପଛୁଆ ବର୍ଗଙ୍କୁ ସଂରକ୍ଷଣ ପାଇଁ ଜୁଏଲ ଓରାମ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।








## ପଶ୍ଚିମବଙ୍ଗ ଆସାନସୋଲରେ ନିର୍ବାଚନୀ ରାଲିକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ



ଆସାନସୋଲ : ପଶ୍ଚିମବଙ୍ଗ ନିର୍ବାଚନ ଲଢ଼େଇ ମଧ୍ୟରେ, ଭାରତୀୟ ଜନତା ପାର୍ଟି (ବିଜେପି) ଏପ୍ରିଲ ୯ ରେ ଆସାନସୋଲର ପୋଲୋ ଗ୍ରାଉଣ୍ଡ ଷ୍ଟାଡିୟମରେ ଏକ ବଡ଼ ନିର୍ବାଚନ ରାଲି ଆୟୋଜନ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ରାଲିକୁ ସମ୍ବୋଧିତ କରିବେ । ପ୍ରଧାନମନ୍ତ୍ରୀଙ୍କ ରାଲିକୁ ନେଇ ବିଜେପି କର୍ମୀ ଏବଂ ସମର୍ଥକଙ୍କ ମଧ୍ୟରେ ଯଥେଷ୍ଟ ଉତ୍ସାହ ରହିଛି । ସାଧାରଣ ସଭା ପାଇଁ ପ୍ରସ୍ତୁତି ଦ୍ରୁତ ଗତିରେ ଚାଲିଛି । ହଜାର ହଜାର ଲୋକଙ୍କ ଯୋଗଦାନ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ପୋଲୋ ଗ୍ରାଉଣ୍ଡରେ ଷ୍ଟାଡିୟମ କମ୍ପ୍ଲେକ୍ସକୁ ବ୍ୟାପକ ଭାବରେ ସଜ୍ଜିତ ଏବଂ ସଜାଯାଉଛି । ମଂଚ ନିର୍ମାଣ, ବସିବା ବ୍ୟବସ୍ଥା, ବ୍ୟାରିକେଡିଂ, ପାର୍କିଂ ଏବଂ ଗଣମାଧ୍ୟମ କଭରେଜ୍ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ସ୍ଥାନୀୟ ବିଜେପି ନେତାଙ୍କ ଅନୁଯାୟୀ, ଏହି ସାଧାରଣ ସଭା ମାଧ୍ୟମରେ ଦଳ ଆସାନସୋଲ ଅଂଚଳ ଏବଂ ଆଖପାଖ ବିଧାନସଭା ଆସନରେ ଏହାର ପ୍ରାର୍ଥୀଙ୍କ ସପକ୍ଷରେ ପରିବେଶକୁ ମଜବୁତ କରିବାକୁ ଚେଷ୍ଟା କରୁଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ରାଲି କର୍ମୀମାନଙ୍କୁ ଉତ୍ସାହିତ କରିବ ଏବଂ ଭୋଟରଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଦଳ ଆଶା କରୁଛି ।

## ଖଣି ଲିଜ୍‌ଧାରୀ ଓ ଶିଳ୍ପପତିମାନଙ୍କ ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ରାଜ୍ୟରେ ଲୁହାପଥର ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଖଣି ଲିଜଧାରୀ ଓ ଶିଳ୍ପପତିମାନଙ୍କ ସହ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ରାଜ୍ୟରେ ଶିଳ୍ପାୟନ ଏବଂ ଦେଶରେ ଲୁହାପଥରର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଅଧିକ ପରିମାଣରେ ଲୁହାପଥର ଉତ୍ପାଦନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଉତ୍ପାଦନ ଓ ଡେସ୍ପ୍ୟାଚ୍ ପ୍ରତି ଗୁରୁତ୍ୱ ଦେଇ MDPA ଅନୁଯାୟୀ ସର୍ବନିମ୍ନ ବାଧ୍ୟତାମୂଳକ ସୀମାକୁ ଦୃଷ୍ଟି ରେ ରଖି ଆବଶ୍ୟକତା ଅନୁଯାୟୀ ଏହାକୁ ବୃଦ୍ଧି କରିବା ପାଇଁ ଆଲୋଚନା ହୋଇଥିଲା । ରାଜ୍ୟରେ ଖଣି ବହୁଳ ଜିଲ୍ଲା ଗୁଡିକରେ ଶିଳ୍ପ ସଂଖ୍ୟା ବହୁତ କମ ରହୁଛି । ତେଣୁ ସେସବୁ ଜିଲ୍ଲା ଗୁଡିକରେ ଶିଳ୍ପାନୁଷ୍ଠାନ ଗଢିବା ପାଇଁ ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଆହ୍ୱାନ ଦେଇଥିଲେ । ଲୁହାପଥର ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକୀୟ ସମସ୍ତ ସୁବିଧା ସୁଯୋଗ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ କହିଥିଲେ । ଏଥି ସହିତ ଶିଳ୍ପପତିମାନେ ସ୍ଥାନୀୟ ବାସିନ୍ଦାଙ୍କ ମୌଳିକ ଆବଶ୍ୟକତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ କହିଥିଲେ । ଶିଳ୍ପ ପ୍ରତିଷ୍ଠା ପାଇଁ ବାଧ୍ୟତାମୂଳକ ବନୀକରଣ (Compensatory Afforestation) କ୍ଷେତ୍ରରେ ବିଭିନ୍ନ ଜିଲ୍ଲାରେ ଅଧିକୃତ ଜମି ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ଏକ ଡାଟାବେସ୍ ପ୍ରସ୍ତୁତ କରାଯାଉଛି । ଯାହା ଜରିଆରେ କେଉଁ ଜିଲ୍ଲାରେ କେତେ ଜମି ଉପଲବ୍ଧ ଅଛି ଖଣି ଲିଜ୍ଧାରୀ ଓ ଶିଳ୍ପପତିମାନେ ସେ ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଖଣି ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୬-୨୭ ବର୍ଷ ପାଇଁ ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି । ତଦନୁଯାୟୀ ଖଣିଜ ବ୍ଲକର ନିଲାମ ପ୍ରକ୍ରିୟା କରାଯିବ ବୋଲି ସୂଚନା ଦିଆଗଲା । ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନର ଅଧ୍ୟକ୍ଷ ତଥା ସାଂସଦ ନବୀନ ଜିନ୍ଦଲ ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ଓ ପ୍ରତିବଦ୍ଧତା ଭାବ ପାଇଁ ଧନ୍ୟବାଦ ଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଟାଟା ଷ୍ଟିଲ୍ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଟି ଭି ନରେନ୍ଦ୍ରନ, ଇଣ୍ଡିଆନ ଷ୍ଟିଲ୍ ଆସୋସିଏସନର ମହାସଚିବ ଆଲୋକ ସହାୟ, ଔଝଡର ସଭାପତି ଅନୀଲ କୁମାର ସିଂ ଇଗଘଝ ଓଭୟସବ ର ନିର୍ଦ୍ଦେଶକ ଆଲୋକ କୁମାର ମେହେଟ୍ଟା, ଓଏମ୍ପିର ଅଧ୍ୟକ୍ଷ ଗିରିଶ ଏସ୍ ଏନ୍, ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ସାମଲ ଏବଂ ଅନ୍ୟାନ୍ୟ ପ୍ରମୁଖ ଶିଳ୍ପ ପ୍ରତିନିଧିମାନେ ଯୋଗଦେଇଥିଲେ ।



## ଗୋଆରେ ପ୍ରଥମ ସିପିଏ ଇଣ୍ଡିଆ ଜୋନ୍ ୭ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ଓମ୍ ବିର୍ଲା



ନୂଆଦିଲ୍ଲୀ : ସଂସଦୀୟ ଗଣତନ୍ତ୍ରକୁ ସୁଦୃଢ଼ କରିବା ଏବଂ ଆଂଚଳିକ ବିକାଶ ପାଇଁ ଏକ ସହଭାଗୀ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ପାଇଁ, କମନୱେଲ୍ଥ ପାର୍ଲାମେଂଟାରୀ ଆସୋସିଏସନ୍ ଇଣ୍ଡିଆ କ୍ଷେତ୍ରର ଜୋନ୍ ୭ ର ପ୍ରଥମ ଦୁଇ ଦିନିଆ ସମ୍ମିଳନୀ ଏପ୍ରିଲ ୯ ରୁ ଗୋଆର ରାଜଧାନୀ ପାଣାଜୀରେ ଅନୁଷ୍ଠିତ ହେବ । ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏହି ସମ୍ମିଳନୀକୁ ଉଦଘାଟନ କରିବେ । ଲୋକସଭା ସଚିବାଳୟ ଅନୁଯାୟୀ, ଉଚଇ ଇଣ୍ଡିଆ କ୍ଷେତ୍ରର ଜୋନ୍ ୭ ରେ ୨୦୨୪ ରେ ଗୋଆ, ଗୁଜରାଟ ଏବଂ ମହାରାଷ୍ଟ୍ର ବିଧାନସଭା ଅନ୍ତର୍ଭୁକ୍ତ । ନଅଟି ଅଂଚଳରେ ପୁନର୍ଗଠିତ ହେବା ପରେ ଏହା ଜୋନ୍ ୭ ର ପ୍ରଥମ ସମ୍ମିଳନୀ । ବର୍ତ୍ତମାନ, ଗୁଜରାଟ ବିଧାନସଭାର ବାଚସ୍ପତି ଏହି ଜୋନ୍ ର ଅଧ୍ୟକ୍ଷ । ଦୁଇ ଦିନିଆ ସମ୍ମିଳନୀରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଏଜେଣ୍ଡା ଆଲୋଚନା ହେବ: ଭାରତର ଭବିଷ୍ୟତ ଏବଂ ଆଂଚଳିକ ଚ୍ୟାଲେଞ୍ଜ । ଏଥିରେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ଲକ୍ଷ୍ୟ ହାସଲ କରିବାରେ ଯୁବ ବିଧାୟକଙ୍କ ଭୂମିକା ଏବଂ ଦାୟିତ୍ୱ ଅନ୍ତର୍ଭୁକ୍ତ, ଏବଂ ଜୋନ୍ ୭ର ରାଜ୍ୟଗୁଡ଼ିକ ପାଇଁ ବାଣିଜ୍ୟ, ପର୍ଯ୍ୟଟନ, ସହରୀକରଣ, ପରିବେଶ ଏବଂ ଉପକୂଳ ସଂଯୋଗୀକରଣକୁ ଉନ୍ନତ ଏବଂ ସମନ୍ୱୟ କରିବା । ଏହି ସମ୍ମିଳନୀ ଏପ୍ରିଲ ୧୦ରେ ସମାପ୍ତ ହେବ । ଶେଷ ଅଧିବେଶନରେ ଗୋଆ ରାଜ୍ୟପାଳ ପି. ଅଶୋକ ଗଜପତି ରାଜୁ ମୁଖ୍ୟ ଅତିଥି ହେବେ । ଲୋକସଭା ବାଚସ୍ପତି ମଧ୍ୟ ଉପସ୍ଥିତ ରହିବେ ।

## ଆଜି ଆରମ୍ଭ ହେବ ଦ୍ୱିତୀୟ ପର୍ଯ୍ୟାୟ ରତ୍ନଭଣ୍ଡାର ଗଣତିମଣତି



ପୁରୀ : ଏପ୍ରିଲ ୮ ତାରିଖ ଅର୍ଥାତ ବୁଧବାରରୁ ଦ୍ୱିତୀୟ ପର୍ଯ୍ୟାୟ ରତ୍ନଭଣ୍ଡାର ଗଣତିମଣତି ଆରମ୍ଭ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ରତ୍ନଭଣ୍ଡାର ଗଣତିମଣତି ଏପ୍ରିଲ ୧୧ ଯାଏ ଚାଲିବ । ଏହା ପରେ ଏପ୍ରିଲ ୧୩ ଏବଂ ୧୬ରୁ ୧୮ ପର୍ଯ୍ୟନ୍ତ ଚାଲିବ ରତ୍ନଭଣ୍ଡାର ଗଣତିମଣତି । ଗଣତି ପ୍ରକ୍ରିୟା ଚାଲୁ ରହିଥିବା ସମୟରେ ଶ୍ରୀଜୀଉଙ୍କ ନୀତି ସଂପାଦନ ଚାଲିବ । ଏଥିସହ ଅଧିକୃତ ପାଳିଆ ସେବକମାନେ ଜଗମୋହନ ଓ ଗର୍ଭଗୃହକୁ ନୀତି ସଂପାଦନ ନିମନ୍ତେ ପ୍ରବେଶ କରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । କଡ଼ା ସୁରକ୍ଷା ଦୃଷ୍ଟିରୁ ସର୍ବସାଧାରଣଙ୍କ ନିମନ୍ତେ ଉକ୍ତ ଦିନମାନଙ୍କରେ ଦର୍ଶନ ବ୍ୟବସ୍ଥା ଭିତର କାଠ ନିକଟରୁ ବନ୍ଦ ରଖାଯାଇ କେବଳ ବାହାର କାଠ ନିକଟରୁ କରାଯିବ । ମହାପ୍ରଭୁଙ୍କ ରତ୍ନଭଣ୍ଡାର ଗଣତି କାର୍ଯ୍ୟରେ ପୂର୍ବୋପରି ପୂର୍ଣ୍ଣ ସହଯୋଗ ନିମନ୍ତେ ମୁଖ୍ୟ ପ୍ରଶାସକ ନିବେଦନ କରିଛନ୍ତି । ପରବର୍ତ୍ତୀ ଗଣତି ଦିନଗୁଡ଼ିକ ଏହି ପର୍ଯ୍ୟାୟ ପରେ ଘୋଷଣା କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏହା ପୂର୍ବରୁ ମାର୍ଚ୍ଚ ୨୫ ତାରିଖରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ରତ୍ନଭଣ୍ଡାର ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା । ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଟିମ୍ ମନ୍ଦିର ଭିତରେ ରତ୍ନ ଅଳଙ୍କାର ଗଣତି କରିଥିଲେ । ଗଣତି ମଣତିର ସମ୍ପୂର୍ଣ୍ଣ ପ୍ରକ୍ରିୟାର ଭିଡିଓଗ୍ରାଫି, ଫଟୋଗ୍ରାଫି ଓ ଥ୍ରୀ ଡି ମ୍ୟାପିଂ କରାଯାଇଥିଲା ।

## ଆସାମ ବରାକ ଉପତ୍ୟକା ନିର୍ବାଚନୀ ରାଲିକୁ ସମ୍ବୋଧିତ କଲେ ଅମିତ ଶାହ



ହୈଲାକାଣ୍ଡି : ଆଗାମୀ ଆସାମ ବିଧାନସଭା ନିର୍ବାଚନ ପାଇଁ ପ୍ରଚାରର ଶେଷ ପର୍ଯ୍ୟାୟରେ ବରାକ ଉପତ୍ୟକା ଗସ୍ତ କରିଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆସାମରେ ଶାନ୍ତି ଫେରି ଆସିଛି ଏବଂ ରାଜ୍ୟ ଏବେ ଦ୍ରୁତ ଗତିରେ ବିକାଶ ପଥରେ ଆଗକୁ ବଢୁଛି ।ମଙ୍ଗଳବାର ଦିନ ବରାକ ଉପତ୍ୟକାର ତିନୋଟି ଜିଲ୍ଲା: ଶ୍ରୀଭୂମି, ହାଇଲାକାଣ୍ଡି ଏବଂ ସିଲଚରରେ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ଅମିତ ଶାହ ବିଜେପି ପ୍ରାର୍ଥୀଙ୍କ ସମର୍ଥନରେ ପ୍ରଚାର କରିଥିଲେ । ସେ ଶ୍ରୀଭୂମି ଜିଲ୍ଲାର ପଥରକାଣ୍ଡିରେ ବିଜେପି ପ୍ରାର୍ଥୀ କୃଷ୍ଣେନ୍ଦୁ ପାଲ ଏବଂ ହାଇଲାକାଣ୍ଡିରେ ବିଜେପି ପ୍ରାର୍ଥୀ ଡକ୍ଟର ମିଲନ ଦାସଙ୍କ ସମର୍ଥନରେ ଏକ ରାଲିରେ ଯୋଗ ଦେଇଥିଲେ । ତା'ପରେ ସେ ସିଲଚରରେ ଡକ୍ଟର ରାଜଦୀପ ରାୟ ଏବଂ ଉଦାରବନ୍ଦ ନିର୍ବାଚନମଣ୍ଡଳୀରେ ରାଜଦୀପ ଗୋୱାଲାଙ୍କ ସମର୍ଥନରେ ରାଲିରେ ଉଦ୍ବୋଧନ ଦେବେ । ରାଲିଗୁଡ଼ିକୁ ସମ୍ବୋଧିତ କରି କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେହି ଭାରତକୁ କ୍ଷତି ପହଂଚାଇ ପାରିବେ ନାହିଁ ଏବଂ ବିଜେପି ସରକାର ସମୟରେ ରାଜ୍ୟରେ ବିକାଶ କାର୍ଯ୍ୟ ନୂତନ ଗତି ପାଇଛି ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ୧୮,୦୦୦ ବର୍ଣ୍ଣବୋଧ ଓ ଶିଶୁଲେଖା ପୁସ୍ତକ ବଂଟନ କଲେ ମନ୍ତ୍ରୀ



ଭୁବନେଶ୍ୱର : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଓଡ଼ିଆ ପକ୍ଷ । ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସକୁ 'ଶିଶୁକଥା ଦିବସ' ଭାବେ ପାଳନ କରାଯାଇଛି । ଆଜି ଶିଶୁ କଥା ଦିବସ ପାଳନ ହେବା ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ରହିଥିବା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ 'ବର୍ଣ୍ଣବୋଧ' ଏବଂ 'ଶିଶୁଲେଖା' ପୁସ୍ତକ ପ୍ରଦାନ କରାଯାଇଥିଲା । ଏଥିସହ ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ବରିଷ୍ଠ ନାଗରିକମାନଙ୍କୁ 'ଭାଗବତ' ପୁସ୍ତକ ପ୍ରଦାନ କରାଯାଇଥିଲା । ଆଜି ଶିଶୁକଥା ଦିବସରେ ରାଜ୍ୟର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୧୮,୦୦୦ 'ବର୍ଣ୍ଣବୋଧ' ଏବଂ 'ଶିଶୁଲେଖା' ପୁସ୍ତକ ବଂଟନ କରାଯାଇଛି । ଏଥିସହ ୨,୦୦୦ ଭାଗବତ ପୁସ୍ତକ ବଂଟାଯାଇଛି । ଆଜି ନବରଙ୍ଗପୁର ଜିଲ୍ଲା ଉମରକୋଟର ପିଏମ୍ ଶ୍ରୀ ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଥିବା 'ଶିଶୁକଥା ଦିବସ' ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଶିଶୁକଥା ଦିବସ ପାଳନ ହେବା ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବର୍ଣ୍ଣବୋଧ ଏବଂ ଶିଶୁଲେଖା ପୁସ୍ତକ ବଂଟନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ମତପ୍ରକାଶ କରିଥିଲେ । ରାଜ୍ୟରେ ରହିଥିବା ବିଭିନ୍ନ ବେସରକାରୀ ବିଦ୍ୟାଳୟ, ବେସରକାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ମଧ୍ୟ ଆଜି 'ଶିଶୁକଥା ଦିବସ' ପାଳନ କରାଯାଇଛି । ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ଏବଂ ପ୍ରସାର ସହ ଓଡ଼ିଆ ସଂସ୍କୃତି, ପରମ୍ପରା ଏବଂ ବିଭିନ୍ନ ଲୋକବାଣୀ ସମ୍ବନ୍ଧରେ ଯେପରି ଛାତ୍ରଛାତ୍ରୀମାନେ ଅବଗତ ହୋଇପାରିବେ, ତାହାକୁ ଲକ୍ଷ୍ୟ ରଖି ରାଜ୍ୟବ୍ୟାପୀ ଆଜି 'ଶିଶୁକଥା ଦିବସ' ପାଳନ କରାଯାଇଛି । ସୂଚନାଯୋଗ୍ୟ ଯେ, ଆସନ୍ତାକାଲି ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିନ ଅର୍ଥାତ ଏପ୍ରିଲ ୮ ତାରିଖ ଦିନ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ 'ରକ୍ତଦାନ ଅଭିଯାନ'ର ଆୟୋଜନ କରାଯିବ ।

## ଓଡ଼ିଶା ରାଜ୍ୟ ଆଇନ ଆୟୋଗଙ୍କ ବାର୍ଷିକ ରିପୋର୍ଟ ଓ ନୂତନ ୱେବ୍‌ସାଇଟ୍ ଉନ୍ମୋଚନ କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ



ଭୁବନେଶ୍ୱର : ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଓ ଅଭିମୁଖ୍ୟ ନେଇ ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନ ପରିକଳ୍ପନା କରିଥିଲେ, ତାହାର ଏକ ବର୍ଷ ପୂର୍ତ୍ତି ସହ ରାଜ୍ୟ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇ ରହିବ । ଆଜି ଆଇନ ଆୟୋଗ ଗଠନର ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଉତ୍ସବରେ ଯୋଗଦେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ଦେଶ ସ୍ୱାଧୀନତାକୁ ଅନେକ ବର୍ଷ ବିତିଥିଲେ ମଧ୍ୟ ଅନେକ ଅଦରକାରୀ ଆଇନ ଏବେ ବି ବଳବତର ରହିଛି । ତେବେ ମଧ୍ୟସ୍ଥତା ଆଇନ ପ୍ରଣୟନ, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦିର ପ୍ରଣୟନ ଆଜି ଯୁଗୋପଯୋଗୀ ସାବ୍ୟସ୍ତ ହୋଇଛି । ସେହିପରି ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନ ପରେ ୨୮୮ଟି ଅଦରକାରୀ ଆଇନ ପ୍ରତ୍ୟାହର ସହ ୮ଟି ପ୍ରମୁଖ ଆଇନ ସଂଶୋଧନ ପାଇଁ ପ୍ରସ୍ତାବ ଆସିଛି । ଏହା ଆଇନ ବ୍ୟବସ୍ଥାରେ ସୁଧାର ଆଣିବା ସହ ବିକଶିତ ଓଡ଼ିଶା ଗଠନ ସ୍ୱପ୍ନକୁ ପୂରଣ କରିବା ସହ ଓଡ଼ିଆ ଅସ୍ମିତାକୁ ଏକ ନୂଆ ଦିଗ ପ୍ରଦାନ କରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆଇନ ଆୟୋଗଙ୍କ ୨୦୨୫-୨୬ ବର୍ଷ ପାଇଁ ବାର୍ଷିକ ରିପୋର୍ଟ ଉନ୍ମୋଚନ କରିବା ସହ ନୂତନ ୱେବ୍‌ସାଇଟ୍ https://law.odisha.gov.in/or/odisha-state-law-commission ର ଉଦ୍‌ଘାଟନ କରିଥିଲେ । ସେ କହିଥିଲେ ଯେ ଏହି ୱେବ୍ ?ସାଇଟ୍ ? ପାରଦର୍ଶିତା ସୁନିଶ୍ଚିତ କରିବ ଏବଂ ଆଇନ ସଂଶୋଧନରେ ସାଧାରଣ ଲୋକଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେବ । ଏଥି ସହିତ ଏହା ରାଜ୍ୟ ଆଇନଗୁଡ଼ିକର ଆଧୁନିକୀକରଣକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ । ସେହିପରି ବାର୍ଷିକ ରିପୋର୍ଟ ହେଉଛି ଆୟୋଗର ସତ୍ୟନିଷ୍ଠ ପ୍ରୟାସ ଏବଂ ସମର୍ପଣର ପ୍ରତିଫଳନ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉଲ୍ଲେଖ କରିଥିଲେ । ଏହି ଅବସରରେ ଆଇନ ଆୟୁକ୍ତ ଶ୍ରୀ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନ, କାର୍ଯ୍ୟଧାରା ଏବଂ ଲକ୍ଷ୍ୟ ପୂରଣ ଦିଗରେ କରିଥିବା କାର୍ଯ୍ୟ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଆଇନ ଆୟୋଗର ସଦସ୍ୟ ଶ୍ରୀ ସୂର୍ଯ୍ୟ ପ୍ରସାଦ ମିଶ୍ର, ଶ୍ରୀ ସୌର ଚନ୍ଦ୍ର ମହାପାତ୍ର, ପ୍ରଫେସର ଲଳିତ କୁମାର ଦେବ ଏବଂ ସଦସ୍ୟ ସଚିବ ଶ୍ରୀ ଗଙ୍ଗାଧର ସେଠୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ ଓଡ଼ିଶା ରାଜ୍ୟ ଆଇନ ଆୟୋଗଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଜାତୀୟ ବିଦ୍ୟାଳୟ ସମୂହ ରଗବୀ ଚାମ୍ପିଅନସିପ୍ ବାଳିକା ବର୍ଗରେ ଓଡ଼ିଶା ଚାମ୍ପିୟନ୍




ଭୁବନେଶ୍ୱର : ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ରଗବୀ ଚାମ୍ପିଅନସିପ୍ ୨୦୨୫-୨୬ ର ୧୭ ବର୍ଷରୁ କମ୍ ପ୍ରତିଯୋଗିତାରେ ବାଳିକା ବର୍ଗରେ ଓଡିଶା ଟିମ୍ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବାଳକ ବର୍ଗରେ ବିହାର ଟିମ୍ ଟାଇଟଲ୍ ହାସଲ କରିଛି । ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଓଡ଼ିଶା ପ୍ରଭାବଶାଳୀ ପ୍ରଦର୍ଶନ କରି ଟ୍ରଫି ଜିତିଛି । ବିହାର ରନର୍ସଅପ୍ ହୋଇଥିବା ବେଳେ ମହାରାଷ୍ଟ୍ର ଏବଂ ଦିଲ୍ଲୀ ଯଥାକ୍ରମେ ତୃତୀୟ ଏବଂ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି । ସେହିପରି ୧୭ ବର୍ଷରୁ କମ୍ ବାଳକ ବର୍ଗରେ, ଓଡ଼ିଶା ବିପକ୍ଷରେ ଫାଇନାଲରେ ଦୃଢ଼ ପ୍ରଦର୍ଶନ ପରେ ବିହାର ବିଜେତା ହୋଇଛି, ଓଡିଶା ରନର୍ସଅପ୍ ସ୍ଥାନ ହାସଲ କରିଥିଲା । ମହାରାଷ୍ଟ୍ର ଏବଂ ରାଜସ୍ଥାନ ଯଥାକ୍ରମେ ତୃତୀୟ ଏବଂ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ୧୭ ବର୍ଷରୁ କମ୍ ବର୍ଗ ପାଇଁ ଆୟୋଜିତ ଉଦଯାପନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଡ଼ ଯେଦୁଲା ବିଜୟ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ଅନ୍ୟାନ୍ୟ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ବିରେନ୍ଦ୍ର କରକରା, ସହକାରୀ ନିର୍ଦ୍ଦେଶକ (ପି.ଇ.ଟି) ଶ୍ରୀ ଜ୍ୟୋତି ପ୍ରସାଦ ପରିଡ଼ା, ଟୁର୍ଣ୍ଣାମେଂଟ ପର୍ଯ୍ୟବେକ୍ଷକ ଶ୍ରୀ ଅରବିନ୍ଦ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଯୁବ ଖେଳାଳିମାନଙ୍କୁ ସେମାନଙ୍କର ସମର୍ପଣ, ଶୃଙ୍ଖଳା ଏବଂ କ୍ରୀଡା ମନୋଭାବ ପାଇଁ ପ୍ରଶଂସା କରିଥିଲେ । ସେ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଆଗକୁ ବିଭିନ୍ନ କ୍ଷେତ୍ରର ପ୍ରତିଯୋଗିତାରେ ଭାଗ ନେବାକୁ ଉତ୍ସାହିତ କରିଥିଲେ । ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ବୀରେନ୍ଦ୍ର କରକରା ସ୍ୱାଗତ ଅଭିଭାଷଣରେ ବ୍ୟକ୍ତିତ୍ୱ ଗଠନରେ ବିଦ୍ୟାଳୟ କ୍ରୀଡାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଚାମ୍ପିଅନସିପ୍ ଆୟୋଜନରେ ସାମିଲ ସମସ୍ତ ଅଂଶୀଦାରଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଟୁର୍ଣ୍ଣାମେଂଟ ପର୍ଯ୍ୟବେକ୍ଷକ ଶ୍ରୀ ଅରବିନ୍ଦ ଯାଦବ ଉଚ୍ଚସ୍ତରୀୟ ପ୍ରତିଯୋଗିତାକୁ ପ୍ରଶଂସା କରିଥିଲେ ଏବଂ ସଫଳତାର ସହିତ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଓଡ଼ିଶାକୁ ପ୍ରଶଂସା କରିଥିଲେ । ସେ ଗୁରୁତ୍ୱାରୋପ କରିଥିଲେ ଯେ ଏହିପରି ଚାମ୍ପିଅନସିପ୍ ତୃଣମୂଳ ସ୍ତରରେ ରଗବୀକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସୂଚନାଯୋଗ୍ୟ, ଆସନ୍ତା ଏପ୍ରିଲ ୯ ଓ ୧୦ ତାରିଖରେ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗର ଚାମ୍ପିଅନସିପ୍ ଆୟୋଜିତ ହେବ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**